


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-48 ◆MONDAY ◆11 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୮ ◆ସୋମବାର ◆୧୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଦୁଇ ବର୍ଷରେ ଏଆଇ ଖାଇଯିବ ୫ ଲକ୍ଷ ଚାକିରି !

■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବର୍ଦ୍ଧିତ ବ୍ୟବହାର ସହିତ ଭାରତର ଆଇଟି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଯାଇଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ୨-୩ ବର୍ଷ ମଧ୍ୟରେ କୃତ୍ରିମ



ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ଏହି ୨୮୩ ବିଲିୟନ ଡଲାରର ଆଇଟି କ୍ଷେତ୍ରରେ ପ୍ରାୟ ୫ ଲକ୍ଷ ଲୋକେ ଚାକିରି ହରାଇବେ। ଏହି କ୍ଷେତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ୫୬ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଥିଲା ଏବଂ ଦେଶର ଅର୍ଥନୀତିରେ ୭%ରୁ ଅଧିକ ଅବଦାନ ରଖୁଛି।

(ବିବରଣୀ: ପୃ-୧୧)

## ଉତ୍ତରକାଶୀ ବିପର୍ଯ୍ୟୟ: ୨୪ ଜଣ ସହପାଠୀ ଏବେବି ନିଖୋଜ

**୩୫ ବର୍ଷ ପରେ ଏକାଠି ହୋଇଥିଲେ**

■ **ପୁନେ, ୧୦।୮ (ଏଜେନ୍ସି):** ଉତ୍ତରାଖଣ୍ଡ ଉତ୍ତରକାଶୀ ଧରାଲି ଗ୍ରାମର ପ୍ରଳୟଙ୍କରୀ ଦୃଶ୍ୟ ଲୋକଙ୍କ ହୃଦୟକୁ ଦୋହଲାଇ ଦେଇଛି। ବାଦଲ ଫଟା ବର୍ଷା ଯୋଗୁଁ ଆସିଥିବା ଏହି ପ୍ରାକୃତିକ ବିପର୍ଯ୍ୟୟ ଅନେକ ପରିବାରକୁ ସର୍ବସ୍ୱାନ୍ତ କରିଦେଇଛି। ଏବେ ବି ଅବଶେଷ ତଲ୍ଲୁ ଜୀବନ ଖୋଜା ଚାଲିଛି। ମହାରାଷ୍ଟ୍ର ପୁନେ ଅନ୍ତର୍ଗତ ଅୱାସାରୀ ଖୁର୍ଦ ଗାଁ ସ୍କୁଲର ୨୪ ଜଣ ପୁରୁଣା ସହପାଠୀ ନିଖୋଜ ଅଛନ୍ତି। ୩୫ ବର୍ଷ ପରେ ଏମାନେ ଏକାଠି ହୋଇ ଉତ୍ତରାଖଣ୍ଡ ବୁଲିବାକୁ ଯାଇଥିଲେ। ରିପୋର୍ଟ ଅନୁଯାୟୀ ଅୱାସାରି ଖୁର୍ଦର ବାସିନ୍ଦା ଅଶୋକ ଭୋର ଏବଂ ୧୯୯୦ ମସିହା ଦଶମ ଶ୍ରେଣୀର ତାଙ୍କର ସବୁ ▸ପୃଷ୍ଠା-୧୦

## ପେଟ୍ରୋଲ, ଡିଜେଲ୍ ବିକିବ ଆଦାନୀ ଗ୍ରୁପ୍

■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ଆଦାନୀ ଗ୍ରୁପ ବିକ୍ରି କରିବ ପେଟ୍ରୋଲ-ଡିଜେଲ। ଏଥିପାଇଁ ଖୋଦ୍ କେନ୍ଦ୍ର ସରକାର ଉଦ୍ଦିଷ୍ଟ ଲାଇସେନ୍ସ ନିୟମରେ କେତେକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଭାରତରେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ବ୍ୟବସାୟ ପାଇଁ ନିୟମ ଖୁବ୍ ଶୀଘ୍ର ପରିବର୍ତ୍ତନ ହୋଇପାରେ। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଲାଇସେନ୍ସ ମାନଦଣ୍ଡରେ ଛାଡ଼ କରିବା ବିଷୟରେ ବିଚାର କରୁଛି। ନୂତନ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକ ପେଟ୍ରୋଲ ପମ୍ପ ଖୋଲିବାକୁ ଆହୁରି ସହଜ କରିପାରିବ।




(ବିବରଣୀ: ପୃ-୧୧)

# ପ୍ରତିଶୋଧ ନେବ ଭାରତ

## ଆମେରିକା ଉପରେ ଲଗାଇବ ୫୦% ଜବାବୀ ଶୁଳ୍କ

■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ଶୁଳ୍କର ପାଲଟା ଜବାବ ଦେବ ଭାରତ। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଭାରତ ସମାନୁପାତିକ ଭାବରେ ଟାରିଫ୍ ଲଗାଇବ। ଏ ସଂକ୍ରାନ୍ତରେ ଭାରତ ସରକାର ଅର୍ଥନୈତିଜ୍ଞମାନଙ୍କ ସହ ବିଚାରବିମର୍ଶ ଆରମ୍ଭ କରିଛନ୍ତି ଓ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ଟାରିଫ୍ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ହେବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଭାରତ ମଧ୍ୟ ଏ ପ୍ରସଙ୍ଗରେ ଆମେରିକା ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ପରୋକ୍ଷରେ ଆଭାସ ଦେଇଛି। ଏହି ସମୟରେ ଭାରତ ଆମେରିକାରୁ କ୍ରୟ କରିବାକୁ ଥିବା ୩୫୦୦୦ କୋଟି ଟଙ୍କାର ବୋଇଂ କ୍ରୟକୁ ସ୍ଥଗିତ ରଖି ନିଜର ଆଭିମୁଖ୍ୟର କିଞ୍ଚିତ୍ ଆଭାସ ଦେଇଛି। ସେହିପରି ଆଗାମୀ ମାସରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଆମେରିକା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିପାରେ ବୋଲି ମଧ୍ୟ କୁହାଯାଉଛି। ଏହା ସହ ଆମେରିକା ଉପରେ ଭାରତ ଅନୁରୂପ ଭାବରେ ୫୦% ଟାରିଫ୍ ଲଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।




**ଅନିଶ୍ଚିତତାରେ ୩୫୦୦୦ କୋଟିର ବୋଇଂ କ୍ରୟ**

**ସ୍ଥଗିତ ହୋଇପାରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଆମେରିକା ଗସ୍ତ**

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତ ସରକାର ଭାରତୀୟ ରପ୍ତାନିକାରୀଙ୍କ ଦ୍ୱାରା ହୋଇଥିବା କ୍ଷତି ସହିତ ସମାନ ଅନୁପାତରେ କିଛି ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଲଗାଇବେ। ତେବେ ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବେଜିଂ ଗସ୍ତ କାର୍ଯ୍ୟକ୍ରମ ପରେ ହେବ। ଚଳିତ ବର୍ଷ ଫେବୃଆରୀ ମାସରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୨୫% ଶୁଳ୍କ ଲଗାଇଥିଲେ। ପରେ ଏହାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାହା ଦ୍ୱାରା ପ୍ରାୟ ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି। ଆମେରିକାକୁ ଭାରତରୁ ବର୍ଷକୁ ପ୍ରାୟ ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହେଉଥିବାବେଳେ ଶୁଳ୍କ ବୃଦ୍ଧି ଯୋଗୁଁ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ମାତ୍ର ୫୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହୋଇ ପାରିଛି। ସେହିପରି ଫାର୍ମା, ଆଇଟି ଓ ପେଟ୍ରୋ କେମିକାଲ ଶିଳ୍ପ ▸ପୃଷ୍ଠା-୧୦

## ଭାରତ ଉପରେ ତତ୍କାଳ ଶୁଳ୍କ; ଚୀନକୁ ୯୦ ଦିନର ମହଲତ

■ **ନୂଆଦିଲ୍ଲୀ,୧୦।୮ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ନୂତନ ଶୁଳ୍କ ହାର ଲାଗୁ କରିବାକୁ ୯୦ ଦିନ ସମୟସୀମା ଧାର୍ଯ୍ୟ କରିଛନ୍ତି। ଭାରତରୁ ଆସୁଥିବା ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ଲାଗୁ ହୋଇସାରିଛି। କୌଣସି ଚୁକ୍ତି ନ ହେଲେ, ୨୭ ଅଗଷ୍ଟରୁ ତୁରନ୍ତ ପ୍ରଭାବରେ ଭାରତ ଉପରେ ୫୦% ଶୁଳ୍କ ଲାଗୁ ।।ହେବ, ଯାହା ସମଗ୍ର ବିଶ୍ୱରେ ସର୍ବାଧିକ ହେବ। ଏପରିସ୍ଥଳେ ଟ୍ରମ୍ପ୍ ଚୀନକୁ ୯୦ ଦିନର ଆଶ୍ୱସ୍ତି ପ୍ରଦାନ କରିଛନ୍ତି।

ଆମେରିକୀୟ ଗଣମାଧ୍ୟମ ଏବଂ ରଣନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପଦକ୍ଷେପ କେବଳ ଅର୍ଥନୈତିକ ନୁହେଁ, ବରଂ ରାଜନୈତିକ ଏବଂ କୂଟନୈତିକ ସନ୍ତୁଳନ ପାଇଁ ଏକ ପ୍ରୟାସ। ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ (ୟୁଏସ୍ଟିଆର୍)ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଚୀନ୍ ସହିତ ବାଣିଜ୍ୟ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି ଏବଂ ଉଭୟ ପକ୍ଷକୁ ଏକ ପାରସ୍ପରିକ ଚୁକ୍ତିରେ ▸ପୃଷ୍ଠା-୧୦

**ବିହାର ଭୋଟର ତାଲିକା ସଂଶୋଧନ ବିବାଦ**

# ସୁପ୍ରିମକୋର୍ଟ-ନିର୍ବାଚନ କମିସନ ମୁହାଁମୁହିଁ



**ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ତାଲିକା ଦେବାକୁ ମନାକଲେ ନିର୍ବାଚନ କମିସନ**

**ଏଭଳି ତାଲିକା ଦେବାକୁ ଆମେ ଆଇନ ଦୃଷ୍ଟିରୁ ବାଧ୍ୟ ନୁହେଁ**




■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍ଆଇଆର୍) ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କୁ ନେଇ ମୁହାଁମୁହିଁ ହୋଇଛନ୍ତି ସୁପ୍ରିମ କୋର୍ଟ ଏବଂ ନିର୍ବାଚନ କମିସନ। ବାଦ୍ ପଡ଼ିଥିବା ଭୋଟରମାନଙ୍କ ତାଲିକା ସହ ଅନ୍ୟାନ୍ୟ ବିବରଣୀ ଦାଖଲ କରିବା ଲାଗି ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଥିବା ବେଳେ ଏଭଳି ତାଲିକା ଦେବାକୁ ମନାକରିଦେଇଛନ୍ତି କମିସନ। କମିସନ ପକ୍ଷରୁ କୁହାଯାଇଛି ଯେ ଭୋଟର ଚିଠା ତାଲିକାରୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ସଂପର୍କରେ ସଂପୂର୍ଣ୍ଣ ବିବରଣୀ ଦେବାକୁ ନିର୍ବାଚନ କମିସନ ଆଇନ ଦୃଷ୍ଟିରୁ ବାଧ୍ୟ ନୁହନ୍ତି।

ଗତକାଲି ସୁପ୍ରିମ କୋର୍ଟରେ ଦାଖଲ କରିଥିବା ସାନି ସତ୍ୟପାଠରେ ଏଭଳି ଯୁକ୍ତି ▸ପୃଷ୍ଠା-୧୦

# ଚନ୍ଦ୍ରଭାଗାରେ ଭାସି ୩ ମୃତ

■ **କୋଣାର୍କ, ୧୦।୮ (ସମିସ):** ଗାଧୋଇବା ବେଳେ ସମୁଦ୍ର ଲହଡ଼ିରେ ଭାସି ୩ ଜଣ ପ୍ରାଣ ହରାଇଛନ୍ତି। ରବିବାର ଅପରାହ୍ନ ପ୍ରାୟ ୪ଟା ବେଳେ ଚନ୍ଦ୍ରଭାଗାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକମାନେ ହେଲେ, ବାଲିଅନ୍ତା ଥାନା ପାହାଳର ଆକାଶ ପଟ୍ଟନାୟକ ଏବଂ କୋଣାର୍କ ଥାନା ଅନ୍ତର୍ଗତ ଜମତଳା ଗ୍ରାମର ରାହୁଲ ସେନାପତି ଓ ଅରୂପାନନ୍ଦ ଜେନା। ଏମାନେ ଭିନ୍ନଭିନ୍ନ ସ୍ଥାନରେ ଗାଧୋଉଥିବା ବେଳେ ସମୁଦ୍ର ଲହଡ଼ି ପ୍ରଥମେ ଆକାଶଙ୍କୁ ଟାଣି ନେଇଥିଲା। ସମ୍ପର୍କୀୟମାନେ ଆକାଶଙ୍କୁ ଉଦ୍ଧାର କରି ପୁରୀ ସଦର ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ଏକ ସ୍ଥାନରେ ରାହୁଲ ଓ ଅରୂପାନନ୍ଦ ଗାଧୋଉଥିବା ବେଳେ ଲହଡ଼ିରେ ଭାସି ଯାଇଥିଲେ। ଏହା ଦେଖି ସେମାନଙ୍କ ସହ ଆସିଥିବା ଉତ୍ତରପ୍ରଦେଶର ଜଣେ ଯୁବକ ଭୟରେ ଫେରିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ରାହୁଲ ଓ ଅରୂପାନନ୍ଦଙ୍କୁ ▸ପୃଷ୍ଠା-୧୦

## ସମୁଦ୍ରରେ ଭାସିଗଲେ ୫ ନାବାଳକ

■ **ପୁରୀ, ୧୦।୮ (ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ରାଜହଂସ ନିକଟ ପିତାଖାଲ ନିକଟରେ ସମୁଦ୍ରରେ ଗାଧୋଇବା ବେଳେ ୫ଜଣ ନାବାଳକ ଭାସି ଯାଇଛନ୍ତି। ସ୍ଥାନୀୟ ମତ୍ସ୍ୟଜୀବୀ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଜଣେ ନାବାଳକ ନିଖୋଜ ହୋଇଯାଇଛି।

**୪ ଉଦ୍ଧାର; ଜଣେ ନିଖୋଜ**

ସୂଚନା ମୁତାବକ, ଆଲୁପାଟଣ ଗ୍ରାମର ୫ ନାବାଳକ ସାଙ୍ଗ ହୋଇ ବଣଭୋଜି କରିବାକୁ ରାଜହଂସ ନିକଟକୁ ଯାଇଥିଲେ। ପିତାଖାଲ ନିକଟ ସମୁଦ୍ରରେ ଗାଧୋଉଥିବାବେଳେ ଅସାବଧାନତାବଶତଃ ସମସ୍ତେ ଗଭୀର ଜଳରାଶିକୁ ଚାଲି ଯାଇଥିଲେ।

**ପଛକୁ ପଛ ଆସୁଛି ଲଘୁଚାପ**

## ୧୨ରୁ ପୁଣି ଭିଜିବ ଓଡ଼ିଶା

■ **ଭୁବନେଶ୍ୱର, ୧୦।୮ (ସମିସ):** ରାଜ୍ୟକୁ ପୁଣି ଫେରିବ ବର୍ଷା। ପ୍ରାୟ ଦୁଇ ସପ୍ତାହର ବିରତି ପରେ ସକ୍ରିୟ ହେବ ମୌସୁମୀ। ବଙ୍ଗୋପସାଗରରେ ପଛକୁ ପଛ ଦୁଇଟି ଲଘୁଚାପ ଆସୁଥିବା ବେଳେ ଏହା ପୁଣି ଥରେ ମୌସୁମୀକୁ ସକ୍ରିୟ କରାଇବା ସହ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ହେବ। ପ୍ରଥମ ଲଘୁଚାପଟି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା କରାଇବା ସହ ଦ୍ୱିତୀୟ ଲଘୁଚାପ ଉତ୍ତର ଓଡ଼ିଶାରେ ଭଲ ବର୍ଷା କରାଇବ। ତେଣୁ ମୋଟାମୋଟି ଭାବେ ଆଗକୁ ସାରା ରାଜ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୧୩ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଉତ୍ତର ପଶ୍ଚିମ ଓ ତା'ର ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ▸ପୃଷ୍ଠା-୧୦

**ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ମାମଲା**

# ଜେଲ୍ ଗଲା ପ୍ରେମିକ


## ଅଭିଯୁକ୍ତ ମୋବାଇଲରେ ୬୦ ଅଶ୍ଳୀଳ ଭିଡିଓ

■ **କେନ୍ଦ୍ରାପଡ଼ା / ପଟ୍ଟାମୁଣ୍ଡାଇ, ୧୦।୮ (ସମିସ):** ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଶଶିକାନ୍ତ ପରିଡ଼ାଙ୍କ ଝିଅ ପି.ଡି ସଂଗୀତାଙ୍କ ଆତ୍ମଦାହ ଘଟଣା ଆଜି ନୂଆ ମୋଡ଼ ନେଇଛି। ଏହି ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ସଂଗୀତାଙ୍କ ପ୍ରେମିକ କୁହାଯାଉଥିବା ତେରୋହୀ ଗାଁର ପ୍ରମୋଦ ବେହେରାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତକୁ ଏସ୍‌ଡିଜେଏମ୍‌ଙ୍କ ଠାରେ ହାଜର କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ବାରିମୂଳ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

▸ **ପୀଡ଼ିତାଙ୍କ ବାପା ସମେତ ୬ଜଣଙ୍କୁ ପଠାଇଥିଲା ଭିଡିଓ: ଏସ୍‌ପି**

▸ **ଗିରଫଦାରୀ ପ୍ରତିବାଦରେ ଥାନା ଆଗରେ ଗ୍ରାମବାସୀଙ୍କ ଧାରଣା**

▸ **ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**




ଅଭିଯୁକ୍ତ ପ୍ରମୋଦ ଦୀର୍ଘଦିନ ଧରି ସଂଗୀତାଙ୍କୁ ବ୍ଲାକମେଲ୍ କରି ଆସୁଥିଲା। ଏପରିକି, ଆତ୍ମହତ୍ୟା କରିବା ପାଇଁ ସେ ତାଙ୍କୁ ଉସୁକାଇଥିଲା ବୋଲି ପୁଲିସ କହିଛି। ପ୍ରମୋଦ ମୋବାଇଲ୍‌ରୁ ପୁଲିସ୍‌କୁ ସଂଗୀତାଙ୍କ ୬୦ଟି ଅଶ୍ଳୀଳ ଭିଡିଓ ମିଳିଛି। ଗତ ଜୁଲାଇ ୧୭ରେ ପ୍ରମୋଦ ସେହି ଭିଡିଓରୁ ଗୋଟିଏ ▸ପୃଷ୍ଠା-୧୦

**ଜମି ଜବରଦଖଲକୁ କେନ୍ଦ୍ର କରି ତୁମୁଳକାଣ୍ଡ**

# ବୋମାମାଡ଼ରେ ଥରିଲା ଶ୍ୟାମପୁର

■ **ଭୁବନେଶ୍ୱର, ୧୦।୮ (ସମିସ):** କିଛି ଦିନର ନିରବତା ପରେ ପୁଣି ଅଶାନ୍ତ ହୋଇଛି ରାଜଧାନୀ। ସ୍ପଷ୍ଟ ଦିବାଲୋକରେ ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ଅସାମାଜିକ ଯୁବକ। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦକୁ ନେଇ ଶ୍ୟାମପୁର ଆଜି ଥରହର ହୋଇଛି। ଗୋଟିଏ ଗୋଷ୍ଠୀ ଘନଘନ ବୋମାମାଡ଼ କରିଥିବା ବେଳେ ଅପରଗୋଷ୍ଠୀର ଯୁବକମାନେ ୩ଟି ବାଇକ୍ ଜାଳି ଦେଇଛନ୍ତି।



**ଅଳ୍ପକେ ବର୍ତ୍ତିଲେ ୬ ଯୁବକ**

**ଅପରଗୋଷ୍ଠୀ ଜାଳିଦେଲେ ୩ ବାଇକ୍**

ଅଭିଯୋଗ ଅନୁଯାୟୀ, ବଜରଙ୍ଗୀ କ୍ଲବର ସଦସ୍ୟମାନେ ଶ୍ୟାମପୁର ମୌଜାରେ ଲିଜ୍ ରଦ୍ଦ ହୋଇଥିବା ଜମିକୁ ଶାଗ ମାଛ ଦରରେ ବିଭିନ୍ନ ଲୋକଙ୍କୁ ବିକ୍ରି କରି ଦେଇଛନ୍ତି। ହେଲେ ପୂର୍ବରୁ ଲିଜ୍ ପାଇଥିବା ବ୍ୟକ୍ତିମାନେ ଅନ୍ଧାରୁଆର କିଛି ଯୁବକଙ୍କୁ ନିୟୋଜିତ କରି ନିଜ ଜମିରେ ପାଚେରି ନିର୍ମାଣ କରୁଛନ୍ତି। ଏହାକୁ ନେଇ ଅନ୍ଧାରୁଆର ଯୁବକ ଓ ବଜରଙ୍ଗୀ କ୍ଲବର ସଦସ୍ୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜି ଅନ୍ଧାରୁଆ ପିଲାମାନେ ଶ୍ରମିକଙ୍କ ଦ୍ୱାରା ପାଚେରି ନିର୍ମାଣ କରୁଥିବା ବେଳେ ବଜରଙ୍ଗୀ କ୍ଲବର ସୁନୀଲ, ଅନିଲ, ଅଜୁ, ଆଶିଷ ସମେତ ପ୍ରାୟ ୨୦ ଜଣ ଯୁବକ କାର୍ ଓ ବାଇକ୍ ଯୋଗେ ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝି ଆଗରୁ ହଠାତ୍ ବୋମାମାଡ଼ ▸ପୃଷ୍ଠା-୧୦

**ମେଟ୍ରୋ ରେଳ ପ୍ରକଳ୍ପ**

# ଦେଶସାରା ଚାଲିଛି; ଓଡ଼ିଶା ବେଳକୁ କୁଣ୍ଠକୁଣ୍ଠ

**ଭୁବନେଶ୍ୱର, ୧୦।୮ (ସମିସ):**

ଦେଶର ଗମନାଗମନ ବ୍ୟବସ୍ଥା ଧୀରେ ଧୀରେ ସ୍ମାର୍ଟ ହେଉଥିବା ବେଳେ ଦେଶ ସହ ତାଳ ଦେଇ ରାଜ୍ୟଗୁଡ଼ିକ ନିଜର ପରିବହନ ବ୍ୟବସ୍ଥାକୁ ଉନ୍ନତ କରିବାରେ ଲାଗିଛନ୍ତି। ଏକ୍ଷେତ୍ରରେ ଏକାଧିକ ବିଜେପି ଶାସନାଧୀନ ରାଜ୍ୟ ସରକାର ମଧ୍ୟ ମେଟ୍ରୋ ସହ ଅନ୍ୟାନ୍ୟ ପ୍ରକଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଓଡ଼ିଶାରେ ବିଜେପି ସରକାରଙ୍କ ଓଲଟା କାର୍ଯ୍ୟକଳାପ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଥିବା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଆଦୌ ସନ୍ତୋଷନକ ନୁହେଁ ବୋଲି ବୁଦ୍ଧିଜୀବୀ ମହଲ ମତ ଦେଇଛନ୍ତି।

ନିକଟରେ ଆନ୍ଧ୍ରପ୍ରଦେଶ ସରକାର ଭାଇଜାକ୍ ମେଟ୍ରୋ ପାଇଁ ଟେଣ୍ଡର ଆହ୍ୱାନ କରିଥିବା ବେଳେ ବିଜୟୱାଡା ପାଇଁ ଟେଣ୍ଡର ଡାକିବାକୁ ପ୍ରସ୍ତୁତ ହେଉଛନ୍ତି। ସେହିପରି ମଧ୍ୟପ୍ରଦେଶର ଭୋପାଳରେ ମେଟ୍ରୋ ପ୍ରକଳ୍ପ ଜାରି ରହିଥିବା ବେଳେ ଏହା ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ବିହାର ପାଟନାରେ ମଧ୍ୟ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଉତ୍ତରପ୍ରଦେଶର ୬ଟି ସହରରେ ମେଟ୍ରୋ ଗଡୁଥିବା ବେଳେ ଏହାକୁ ଅନ୍ୟ ସହରକୁ ସମ୍ପ୍ରସାରଣ କରିବାକୁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବେଙ୍ଗାଲୁରୁରେ ନମ୍ମା ମେଟ୍ରୋ ଅଧୀନରେ ୟେଲୋ ଲାଇନର ଉଦ୍‌ଘାଟନ କରିଛନ୍ତି। ତାମିଲନାଡୁ



**ଆସନ୍ତା ୫ବର୍ଷ ମଧ୍ୟରେ ବି ପ୍ରକଳ୍ପ ଆଶା କ୍ଷୀଣ**

**୨୦୨୪ରେ ଶୁଭ ଦେଇଥିଲେ ନବୀନ ପଟ୍ଟନାୟକ**

**୨୦୨୭ ମସିହାରେ ଶେଷ ହୋଇଥା'ନ୍ତା ପ୍ରକଳ୍ପ**

ସରକାର ମେଟ୍ରୋ କରିଡର୍ ପାଇଁ ନକ୍ସା ପ୍ରସ୍ତୁତ କରୁଛନ୍ତି। ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ମଧ୍ୟ ମେଟ୍ରୋ ସେବା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି, ଓଡ଼ିଶାରେ ଦେଢ଼ ବର୍ଷ ପୂର୍ବରୁ ମେଟ୍ରୋ ପାଇଁ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିବା ଏହି ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ାଇଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଏହି ପ୍ରକଳ୍ପର ଆବଶ୍ୟକତା ନାହିଁ ବୋଲି ଶାସକ ଦଳର ବିଧାୟକ ମନ୍ତବ୍ୟ ଦେଉଛନ୍ତି। ରାଜ୍ୟ ସରକାର ମଧ୍ୟ ଏହି ପ୍ରକଳ୍ପ ପାଇଁ ଅନାଗ୍ରହୀ ଥିବା ଦେଖାଯାଉଛି। ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦ୍ୱୈତନଗରୀ ମେଟ୍ରୋରେ କଟକ ଓ ଭୁବନେଶ୍ୱରବାସୀ ସବୁଠାରୁ ଅଧିକ ଉପକୃତ ହେବା ଆପାତତଃ ନିଶ୍ଚିତ। ମାତ୍ର ଶାସକ ଦଳ ତଥା ଖୋଦ୍ ରାଜଧାନୀର ବିଧାୟକ ଆସନ୍ତା ୨୦/୩୦ ବର୍ଷ ଯାଏ ଭୁବେଶ୍ୱରରେ ମେଟ୍ରୋ ରେଳ ସେବାର ଆବଶ୍ୟକତା ନାହିଁ ବୋଲି ଟିପ୍ପଣୀ ସାଧାରଣ ଲୋକଙ୍କୁ ନିରାଶ କରିଛି। ଏହି ସମୟରେ ପୂର୍ବ ସରକାର ମେଟ୍ରୋ ରେଳ ପାଇଁ କରିଥିବା ଟେଣ୍ଡରକୁ ବର୍ତ୍ତମାନର ସରକାର ବାତିଲ କରି ଦେଇଛନ୍ତି।

କେବଳ ସେତିକି ନୁହେଁ; ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ▸ପୃଷ୍ଠା-୧୦

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ପରିବାରର ସହଯୋଗ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଘରେ ପୂଜାପାଠର ଆୟୋଜନ ହୋଇପାରେ । ବାହନ ସୁଖ ପ୍ରାପ୍ତ ହେବ । ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି । ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । କୌଣସି ଶୁଭ ସମାଚାର ପ୍ରାପ୍ତ ହେବ । ସେୟାର ବଜାରରେ ନିବେଶ କରିବାକୁ ଭଲ ସମୟ । ଅଯଥା ଖର୍ଚ୍ଚ କରନ୍ତୁନି ।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି । ଦୂରସ୍ଥାନକୁ ଯାତ୍ରାଯୋଗ ଅଛି ।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ । ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ । ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ । କଥାବାର୍ତ୍ତାରେ ମଧୁରତା ରଖିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି । ଘରକୁ ଅତିଥି ଆଗମନ କରିବେ । ଦିନଟି ହସଖୁସିରେ ଅତିବାହିତ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଆୟ ବ୍ୟୟ ସମାନ ରହିବ । ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି । ମାପିଚୁପି କଥା କୁହନ୍ତୁ । ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ । ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଭ ହେବ । ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି ।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ । ମନ ପ୍ରସନ୍ନ ରହିବ । ଖର୍ଚ୍ଚ ବୃଦ୍ଧି ପାଇବ । ମନପସନ୍ଦର କୌଣସି କାର୍ଯ୍ୟ କରିବେ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ । ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ । ପରିବାରରେ ସୁଖଶାନ୍ତି ବଜାୟ ରହିବ । ଯୋଜନା ମୁତାବକ କାମ କରନ୍ତୁ ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ । ଯାନବାହନ ଓ ଜମି କିଣିବାର ଯୋଗ ଅଛି । କୌଣସି ନୂଆ କାମ ମିଳିପାରେ । ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ । ସାମାଜିକ କାର୍ଯ୍ୟରେ ସାମିଲ ରହିବେ ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ । ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ଅଯଥା ଯୁକ୍ତିତର୍କ ହୋଇପାରେ ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ । ପରିବାରର ସହଯୋଗ ମିଳିବ । ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି । ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।


**ମୀନ:** ବିବାହ ସ୍ଥିର ହେବ । କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ । ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ ।

## ଆଜିର ଇତିହାସ

- ୧୯୦୮ - କ୍ରାନ୍ତିକାରୀ ଖୁଦିରାମ ବୋଷଙ୍କୁ ଫାଶୀ ।
- ୧୯୧୪- ଅଷ୍ଟ୍ରିଆ ଓ ହଙ୍ଗେରୀ ଉପରେ ଫ୍ରାନ୍ସର ଆକ୍ରମଣ ଘୋଷଣା ।
- ୧୯୪୮ -ଲଣ୍ଡନରେ ସମର୍ ଅଲିମ୍ପିକର ଆରମ୍ଭ ।
- ୧୯୬୦- ଫ୍ରାନ୍ସଠାରୁ ଆଫ୍ରିକୀୟ ଦେଶ ଚାଦ୍‌ର ସ୍ୱାଧୀନତା ଲାଭ ।
- ୧୯୮୫- ରୋନାଲ୍ଡ ରିଗନ୍ ଆମେରିକାର ରାଷ୍ଟ୍ରପତି ହେଲେ ।

### ଆଜି ଆସିଥିଲେ

# ଔପନ୍ୟାସିକ କାହ୍ନୁଚରଣ ମହାନ୍ତି



ଓଡ଼ିଆ କଥାସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଔପନ୍ୟାସିକ ହେଉଛନ୍ତି କାହ୍ନୁଚରଣ ମହାନ୍ତି । ଓଡ଼ିଆ ଉପନ୍ୟାସଗୁଡ଼ିକୁ ଓଡ଼ିଶାର ଗାଁଗହଳିରେ ଲୋକପ୍ରିୟ କରାଇବାରେ ତାଙ୍କର ଅବଦାନ ଅତୁଳନୀୟ । ସାହିତ୍ୟ ଜୀବନର ପ୍ରାୟ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସେ ୫୬ଟି ଉପନ୍ୟାସ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ପରିବେଶ ଓ ଘଟଣା ବର୍ଣ୍ଣନା ମାଧ୍ୟମରେ ସେ ଚରିତ୍ରମାନଙ୍କର ମାନସିକତାକୁ ଅବିକଳ ଭାବେ ପ୍ରଦର୍ଶନ କରିବାରେ ଥିଲେ ସିଦ୍ଧହସ୍ତ । କାହ୍ନୁଚରଣ ୧୯୦୬ ମସିହା ଆଜିର ଦିନରେ କଟକ ଜିଲ୍ଲାସ୍ଥିତ ନାଗବଳି ଗାଁରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିଲାଟି ବେଳୁ ସାହିତ୍ୟ ତଥା ଲେଖାଲେଖି ପ୍ରତି ଆଗ୍ରହ ଥିଲା । ପ୍ୟାରୀମୋହନ ଏକାଡେମୀରେ ପାଠ ପଢ଼ିବା ସମୟରେ ବିଦ୍ୟାଳୟ ପତ୍ରିକାରେ ତାଙ୍କର କେତୋଟି କବିତା ପ୍ରକାଶ ପାଇଥିଲା । ତେବେ ସେ କବିତା ଲେଖିବା ଜାରି ରଖି ନ ଥିଲେ । କାହ୍ନୁଚରଣ ଭାବୁଥିଲେ ସଂସ୍କୃତ ଭାଷାରେ କବିତା ଲେଖିଲେ ହିଁ, ପ୍ରକୃତ କବିର ପରିଚୟ ମିଳିପାରିବ । ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ହୃଦ୍‌ବୋଧ ହେଲା ଯେ, ବାପା, ମାଆ, ମାଉସୀ ଆଦି ଯେଉଁ ଭାଷାରେ କଥାବାର୍ତ୍ତା ହେଉଛନ୍ତି, ସେହି ଭାଷାରେ ବି ଲେଖାଲେଖି କରାଯାଇପାରିବ । ଆଉ ତା'ପରେ କାହ୍ନୁଙ୍କର ଲେଖନୀ ଯାତ୍ରା ଆରମ୍ଭ ହୋଇଥିଲା । ସେ ଫକୀର ମୋହନ ସେନାପତିଙ୍କ ରଚନାରେ ବେଶ୍ ପ୍ରଭାବିତ ଥିଲେ । ଗ୍ରାଜୁଏସନ୍ ଶେଷ ପରେ କାହ୍ନୁଚରଣ ସରକାରୀ ସେବାରେ କିରାଣି ଚାକିରି କରିଥିଲେ । ଆଉ ୧୯୬୪ରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସରକାରୀ ସେବାରୁ ଅବସର ନେଲେ । ଏ ସବୁ ଭିତରେ ସେ ଲେଖାଲେଖି ଜାରି ରଖିଥିଲେ । କାହ୍ନୁଙ୍କ ପ୍ରଥମ ଉପନ୍ୟାସ ଥିଲା 'ଉତ୍ସବେ ବ୍ୟସନେ', କିନ୍ତୁ ଦୁଃଖର ବିଷୟ ତାହା ପ୍ରକାଶିତ ହୋଇ ନ ଥିଲା । 'ବାଲିରାଜା' ତାଙ୍କର ପ୍ରଥମ ପ୍ରକାଶିତ ଉପନ୍ୟାସ । ତାଙ୍କର ଅଧିକାଂଶ ଉପନ୍ୟାସରେ ମହିଳାଙ୍କ ଦୁର୍ଦ୍ଦଶା ଏବଂ ଜାତିଗତ ଓ ଆର୍ଥିକ ଶୋଷଣର ବାସ୍ତବବାଦୀ ଚିତ୍ରଣ ଦେଖିବାକୁ ମିଳେ । ତାଙ୍କର ଲୋକପ୍ରିୟ ଉପନ୍ୟାସ ମଧ୍ୟରୁ 'ବାଲିରାଜା', 'କା', 'ତୁଣ୍ଡବାଇଦ', 'ଅଦେଖା ହାତ', 'ହା ଅନ୍ନ', 'ଶାସ୍ତି', 'ଏପାରି ସେପାରି' ପ୍ରଭୃତି ଅନ୍ୟତମ । ତାଙ୍କର ଅଧିକାଂଶ ଉପନ୍ୟାସ ସାମାଜିକ ସ୍ଥିତି ଉପରେ ଆଧାରିତ । ସେହିପରି ତାଙ୍କର ଲୋକପ୍ରିୟ ଉପନ୍ୟାସ 'କା', 'ତୁଣ୍ଡବାଇଦ', 'ଅଭିନେତ୍ରୀ' ଆଦିକୁ ନେଇ ଫିଲ୍ମ ମଧ୍ୟ ତିଆରି ହୋଇଛି । 'କା' ଉପନ୍ୟାସ ଲାଗି ସେ ୧୯୫୮ ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇଥିଲେ । ଏହାପରେ ତାଙ୍କୁ ସାହିତ୍ୟ ଏକାଡେମୀ ଫେଲୋ ସମ୍ମାନ ପ୍ରଦାନ କରାଯାଇଥିଲା । ୧୯୬୦ରୁ ୧୯୯୦ ମଧ୍ୟରେ ସେ ଥିଲେ ସବୁଠୁ ଲୋକପ୍ରିୟ ଔପନ୍ୟାସିକ । ୧୯୯୪ ଏପ୍ରିଲ ୬ ତାରିଖରେ କାହ୍ନୁଚରଣଙ୍କର ତିରୋଧାନ ହୋଇଥିଲା ।

# 'ଛୁମନ୍ତର'ରେ ଅଭୟ-ଅନନ୍ୟା

ଦିନେଶ ବିଜାନ ଏବେ ସାଇନ୍ସ ଫିକ୍ସନ ଓ ରୋମାନ୍ସର ମିଶ୍ରଣରେ ଆଧାରିତ ଏକ ଫିଲ୍ମ ଆଣିବା ପାଇଁ ଯୋଜନା କରିଛନ୍ତି । ଫିଲ୍ମର ଟାଇଟଲ୍ ରହିଛି 'ଛୁମନ୍ତର' । ଏହି ଫିଲ୍ମ ପାଇଁ ଅନନ୍ୟା ପାଣ୍ଡେ ଓ 'ମୁଞ୍ଜା' ଫେମ୍ ଅଭିନେତା ଅଭୟ ବର୍ମାଙ୍କୁ ଫାଇନାଲ କରାଯାଇଛି । ଅବଶ୍ୟ ଏଯାଏଁ ଅନନ୍ୟା କି ଅଭୟ ଫିଲ୍ମ ସାଇନ୍ କରିନାହାନ୍ତି । ୨୦୨୩ରେ ଆସିଥିବା ଫିଲ୍ମ 'ଧକ୍ ଧକ୍'ର ନିର୍ଦ୍ଦେଶନା ଦେଇଥିବା ତରୁଣ ଡୁଡେଜା ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିବେ । ଚଳିତବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ । ତେବେ ଅଭୟ ପୂର୍ବରୁ ଦିନେଶଙ୍କ ସହ କାମ କରିଥିବାବେଳେ ଅନନ୍ୟା ପ୍ରଥମ ଥର ତାଙ୍କ ସହ କାମ କରିବେ । ଅଭୟ ଏହାବାଦ୍ 'କିଙ୍ଗ' ଫିଲ୍ମରେ ଅଭିଷେକ ବଚ୍ଚନ ଓ ସୁହାନା ଖାନ୍‌ଙ୍କ ସହ ନଜର ଆସିବେ । ଅନ୍ୟପକ୍ଷରେ ଅନନ୍ୟା କାର୍ତ୍ତିକ୍ ଆର୍ୟନ୍‌ଙ୍କ ସହ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମରେ ନଜର ଆସିବେ । 'ଛୁମନ୍ତର' ମାଧ୍ୟମରେ ପ୍ରଥମ ଥର ପାଇଁ ଅନନ୍ୟା, ଅଭୟଙ୍କ ସହ ସ୍କ୍ରିନ୍ ସେୟାର୍ କରିବାକୁ ଯାଉଛନ୍ତି ।



### କୁଣ୍ଡ ଧାମ ମନ୍ଦିର

# ସରକାରୀ ଚାକିରି ପାଇଁ ଲାଗେ ଭିଡ଼

ଭାରତରେ ଅନେକ ରହସ୍ୟମୟ ଓ ଚମତ୍କାରୀ ମନ୍ଦିର ରହିଛି । ଏହି କ୍ରମରେ ଆମ ଦେଶରେ ଏମିତି ଏକ ମନ୍ଦିର ରହିଛି, ଯେଉଁଠି ପୂଜା କଲେ ସରକାରୀ ଚାକିରି ମିଳୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି । ସରକାରୀ ଚାକିରି କରିବାକୁ ଅନେକ ଯୁବକ ଯୁବତୀ ସ୍ୱପ୍ନ ଦେଖନ୍ତି । କିନ୍ତୁ ଏହି ଇଚ୍ଛା ବହୁତ କମ୍ ଜଣକର ପୂର୍ଣ୍ଣ ହୋଇଥାଏ । ଅନେକ ଯୁବକଯୁବତୀ କଠିନ ପରିଶ୍ରମ ସତ୍ତ୍ୱେ ସରକାରୀ ଚାକିରିଟିଏ ପାଇ ନ ଥାନ୍ତି । ରାଜସ୍ଥାନର ଜୟପୁରଠାରୁ ୬୫ କିଲୋମିଟର ଦୂରରେ ଅନ୍ତେଲା ଗାଁ ରହିଛି । ଏହି ଗାଁ'ରେ ଥିବା ଅନ୍ତେଲା କୁଣ୍ଡା ଧାମ ମନ୍ଦିରର ଦର୍ଶନ କଲେ ସରକାରୀ ଚାକିରି ମିଳିଥାଏ ବୋଲି ବିଶ୍ୱାସ ରହିଛି । ଏହି ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ । ଗ୍ରାମବାସୀଙ୍କ କହିବା କଥା, ଏଠାରେ ଥିବା ମହାଦେବଙ୍କର ଶ୍ରଦ୍ଧାଳୁଙ୍କ ଉପରେ ବିଶେଷ କୃପା ରହିଛି । ଏଠାରେ ଜଣେ ପୂଜାର୍ଚ୍ଚନା କଲେ ସରକାରୀ ଚାକିରି ମିଳିଥାଏ । ଉଲ୍ଲେଖନୀୟ କଥାଟି ହେଲା, ଗାଁ'ର ପ୍ରତ୍ୟେକ ଘରେ ଅତିକମ୍‌ରେ ଜଣେ ଜଣେ ସରକାରୀ ଚାକିରିଆ ଅଛନ୍ତି । ସରକାରୀ ଚାକିରି ଆଶାରେ ଏଠାରେ ବହୁ ଦୂର ଦୂରାନ୍ତରୁ ଲୋକ ମହାଦେବଙ୍କ ଦର୍ଶନ ପାଇଁ ଆସିଥାନ୍ତି । ତେବେ ଏହି ମନ୍ଦିର ଏବେ ଗ୍ରାମବାସୀଙ୍କ ପାଇଁ କେବଳ ଆସ୍ଥାର କେନ୍ଦ୍ର ନୁହେଁ, ରୋଜଗାର ଆଶାର କେନ୍ଦ୍ରସ୍ଥଳୀ ପାଲଟି ଯାଇଛି । ଗ୍ରାମବାସୀଙ୍କ ପାଇଁ ଏହି ମନ୍ଦିର କୌଣସି ଚମତ୍କାରିତାଠାରୁ କମ୍ ନୁହେଁ । ଅନ୍ୟପଟେ ଯେଉଁମାନେ ଏହା ଉପରେ ବିଶ୍ୱାସ କରନ୍ତିନି, ସେମାନେ ଏହାକୁ ଅନ୍ଧବିଶ୍ୱାସ ବୋଲି ଭାବିଥାନ୍ତି । ସବୁଠୁ ବଡ଼ କଥା ହେଉଛି, ରାଜସ୍ଥାନରେ ପାଣିର ଘୋର ଅଭାବ ଦେଖାଯାଏ । କିନ୍ତୁ କୁଣ୍ଡାଧାମ ମନ୍ଦିରରେ ଥିବା ଜଳକୁଣ୍ଡରୁ କେବେ ଜଳ ଶୁଖେ ନାହିଁ । ଏହାକୁ ମଧ୍ୟ ମହାଦେବଙ୍କ କୃପା ବୋଲି ଗ୍ରାମବାସୀ ମାନନ୍ତି ।



# ଭାଦ୍ରବ ମାସର ମହତ୍ତ୍ୱ



**ଭାଦ୍ରବ ମାସ ଭଗବାନ କୃଷ୍ଣ ଏବଂ ଶ୍ରୀଗଣେଶଙ୍କୁ ସମର୍ପିତ । ଏହି ମାସରେ ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ଚତୁର୍ଦ୍ଦଶୀ ଭଳି ଅନ୍ୟାନ୍ୟ ପର୍ବ ପଡ଼ିଥାଏ । ସେହିପରି ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହେବ । ତେବେ ଏହି ମାସ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଶୁଭ ହୋଇଥାଏ ।**



ହିନ୍ଦୁ ଶାସ୍ତ୍ରରେ ଏହି ମାସକୁ ବେଶ୍ ସ୍ୱତନ୍ତ୍ର ବୋଲି କୁହାଯାଇଛି । ଏହି ମାସରେ କୌଣସି ଶୁଭ କାମ କରାଯାଇ ନ ଥାଏ । ଭାଦ୍ରବ ମାସରେ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ । ସେହିପରି ଏହି ମାସରେ ଦେବୀ ଦେବତାଙ୍କ ଉପାସନା କରିବା ଦ୍ୱାରା ସମସ୍ତ କଷ୍ଟ ଓ ଦୁଃଖରୁ ମୁକ୍ତି ମିଳିଥାଏ । ଏହାସହ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ । ଏହା ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ । ତେଣୁ କୃଷ୍ଣ ଭକ୍ତଙ୍କ ପାଇଁ ଏହି ମାସକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ । ଶ୍ରୀକୃଷ୍ଣଙ୍କ ପୂଜା, ବ୍ରତ କରିବାର ବିଶେଷ ମହତ୍ତ୍ୱ ଅଛି । ସେହିପରି ଘରେ ଲଡ୍ଡୁ ଗୋପାଳଙ୍କୁ ସ୍ଥାପନା କରିବା, ଶଙ୍ଖ ସ୍ଥାପନା, ଗୀତାପାଠ କରିବାକୁ ଅଧିକ ଶୁଭ ବୋଲି କୁହାଯାଇଛି । ମାନ୍ୟତା ଅଛି, ଏଭଳି କରିବା ଦ୍ୱାରା ଧନ, ଯଶ ଏବଂ ବୈଭବ ପ୍ରାପ୍ତି ହୋଇଥାଏ । ଏହି ମାସରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ଅର୍ପଣ କରିବା ଦ୍ୱାରା ପାରିବାରିକ ଜୀବନରେ ସୁଖସମୃଦ୍ଧି ଆସିଥାଏ ।

# ବୁଧିବାମନ ଓଷା

ଭାଦ୍ରବ ମାସରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରୁ ଅନ୍ୟତମ ବୁଧିବାମନ ବ୍ରତ । ଏହା 'ବୁଧେଇ ଓଷା' ନାଁରେ ମଧ୍ୟ ପରିଚିତ । ବୁଧବାର ଏହି ବ୍ରତ ପାଳନ କରାଯାଏ । ପ୍ରତ୍ୟେକ ବୁଧବାର ସଧବା ନାରୀମାନେ ସନ୍ତାନ କାମନା କରିବା ଏବଂ ସନ୍ତାନଙ୍କ ଶୁଭ ମନାସିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରିଥାନ୍ତି । ଏହି ବ୍ରତକୁ ନିର୍ଜଳା ଭାବେ ନିଷ୍ଠାର ସହ ପାଳନ କରାଯାଏ । ଏହାକୁ ୪ଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ । ଏହାକୁ ଗହ୍ମା ପୂର୍ଣ୍ଣିମା ପରଦିନଠାରୁ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତି ବୁଧବାର ସଧବା ନାରୀ ପୂଜାର୍ଚ୍ଚନା କରିଥାନ୍ତି ।



ଏଥିରେ ବୁଧିବାମନଙ୍କୁ ପୂଜା କରାଯାଏ । ଏଠାରେ ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା । ସେହିପରି ବାମନ କହିଲେ, ଭୈରବ, ଯିଏ ସ୍ୱୟଂ ଜଗନ୍ନାଥ । ଏଣୁ ଏହି ଓଷାର ଆରାଧ୍ୟ ଦେବୀ ଦେବତା ହେଲେ ଶ୍ରୀ ଜଗନ୍ନାଥ ଏବଂ ବିମଳା । ଅବଶ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ଓଷାରେ ନାରୀରୂପୀ ବୁଧ ଏବଂ ମଙ୍ଗଳାଙ୍କୁ ପୂଜା କରାଯାଏ । ଏହି ପୂଜା ଲାଗି ପାଞ୍ଚଟି ରଙ୍ଗର ଫୁଲ, ପାଞ୍ଚ ପ୍ରକାର ଫଳ, ପାଞ୍ଚ ପ୍ରକାର ଧୂପ, ପାଞ୍ଚ ପ୍ରକାର ଦୁବ ଏବଂ ପାଞ୍ଚଟି ଅକ୍ଷତ ଦରକାର ହୁଏ । ଏଥିରେ ବେଲପତ୍ର, ଫୁଲମାଳ ଏବଂ ଖଇମାଳ ଠାକୁରାଣୀଙ୍କୁ ଲାଗି କରାଯାଏ । ପ୍ରଥମ ପାଳିରେ ଗୋଟିଏ ନଡ଼ିଆ ବସାଯାଏ ଏବଂ ତାହାକୁ ଶେଷ ପାଳିରେ ଭାଙ୍ଗି ଲାଗି କରାଯାଏ । ଶେଷ ପାଳିରେ ପାଞ୍ଚ ପ୍ରକାର ପିଠାପଣା ବି କରାଯାଏ ।

ଏହିଦିନ ବ୍ରତଧାରୀ ଦିନଯାକ ଉପବାସ ରହି ରାତିରେ ପୂଜା ପରେ ଭୋଗ ଖାଆନ୍ତି । ଏହି ପୂଜାର ଦେବୀ ଦେବତା ହେଉଛନ୍ତି, ଶିଳ ଏବଂ ଶିଳପୁଆ । ପ୍ରଥମେ ଏହି ଶିଳ ପୁଆକୁ ବଟା ଅଁଳା ପାଣି ସହ ଗଙ୍ଗାଜଳରେ ସ୍ନାନ କରାଯାଏ । ତେବେ କଉଡ଼ି ଏବଂ ଗୁଆରେ ଆଖି, ନାକ, କାନ, ପାଟି କରାଯାଏ । ହଳଦୀକନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ । ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ । ଏହାକୁ ପିଢ଼ା ଆସ୍ଥାନରେ ସ୍ଥାପନ କରାଯାଏ । ଏହି ଓଷା ବହିରେ ପାଞ୍ଚଟି ଅଧ୍ୟାୟ ଅଛି । ଏଥିରେ ବୁଧେଇଙ୍କ ମହିମାକୁ ବର୍ଣ୍ଣନା କରାଯାଇଛି ।

## ସ୍ୱସ୍ତି

# ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

**ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ । କୃଷ୍ଣଙ୍କ ଜନ୍ମ ଉତ୍ସବକୁ 'ଜନ୍ମାଷ୍ଟମୀ' ଭାବେ ପାଳନ କରାଯାଏ । କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ଏବଂ ସେ ବଢ଼ିଥିବା ବୃନ୍ଦାବନରେ ଏହି ଦିନରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ । ତା'ସହ ଏହିଦିନ କୃଷ୍ଣ ମନ୍ଦିର ଚଳଚଞ୍ଚଳ ହୋଇଥାଏ ଏବଂ କୃଷ୍ଣ ମନ୍ଦିରକୁ ସୁନ୍ଦର ଭାବେ ସଜାଯାଇଥାଏ ।**



ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର । ସେ ଅଧର୍ମ ତଥା ପାପ ବିରୋଧରେ ଠିକ୍ ମାର୍ଗଦର୍ଶନ କରାଇଥାନ୍ତି । ଦେବକୀ ଏବଂ ବସୁଦେବଙ୍କ ପୁତ୍ର ରୂପେ କୃଷ୍ଣ ମଥୁରାରେ ଜନ୍ମ ହୋଇଥିଲେ । ସେ କଂସର ବନ୍ଦୀଶାଳରେ ଜନ୍ମ ହୋଇଥିଲେ । କିନ୍ତୁ ପରେ କଂସ ଭୟରେ ବସୁଦେବ କୃଷ୍ଣଙ୍କୁ ମଥୁରାରେ ଛାଡ଼ି ଦେଇ ଥିଲେ । କୃଷ୍ଣଙ୍କ ଆଶୀର୍ବାଦ ଏବଂ କୃପା ପାଇବା ପାଇଁ କୃଷ୍ଣଭକ୍ତମାନେ ଶ୍ରଦ୍ଧାନୁସାରେ ଉପବାସ ରଖନ୍ତି । ମଧ୍ୟ ରାତ୍ରିରେ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଏ । ଜନ୍ମାଷ୍ଟମୀ ବ୍ରତ ବହି ପାଠ କରାଯାଏ । କୃଷ୍ଣଭକ୍ତମାନେ ଭଜନ କୀର୍ତ୍ତନ କରି ଜନ୍ମୋତ୍ସବ ପାଳନ କରନ୍ତି । ଏହିପରି ଭାବେ ମଧ୍ୟ ରାତ୍ରରେ ଉପବାସ ଭାଙ୍ଗନ୍ତି । ଏହି ଅବସରରେ ମହାରାଷ୍ଟ୍ର ଭଳି ଅନ୍ୟ କେତେକ ସ୍ଥାନରେ ଦହି ହାଣ୍ଡି ଉତ୍ସବ ପାଳନର ପରମ୍ପରା ଅଛି । ତେବେ ଏହି ଅବସରରେ ରାସଲୀଳା ଆୟୋଜନ ହୁଏ । ଭାଗବତ ଟୁଙ୍ଗୀ ତଥା ମଠ ମନ୍ଦିରରେ ଭାଗବତ ପୁରାଣ ଏବଂ ଗୀତା ପାଠ କରାଯାଏ । କୃଷ୍ଣଙ୍କ ଭକ୍ତିଗୀତ ଗାନ କରାଯାଏ । ଅନ୍ୟପଟେ ଏହି ରାତିରେ କୃଷ୍ଣଙ୍କ ଧ୍ୟାନ କଲେ ସାଂସାରିକ ମୋହ ମାୟା ଆସକ୍ତି ଦୂର ହୁଏ ବୋଲି ବିଶ୍ୱାସ ଅଛି । ତେବେ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତି ତଥା ପୂଜାର୍ଚ୍ଚନାର ବିଧି ଅଛି । ଅନ୍ୟପଟେ ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପାଳନ କରାଯାଏ । ନନ୍ଦରାଜ ଓ ଯଶୋଦାଙ୍କ ଖୁସିକୁ ମନେ ପକାଇବା ପାଇଁ ଏହିଦିନ ଲୋକ ଭଜନ କୀର୍ତ୍ତନ କରିଥାନ୍ତି ।

# କେଉଁଠି ରଖିବେ ପୂଜା ଦିଆସିଲି

**ପୂଜା ଘର ହେଉଛି ଏକ ପବିତ୍ର ସ୍ଥାନ । ତେଣୁ ପୂଜା ଘର ସହିତ ଏଠାରେ ରଖାଯାଉଥିବା ଜିନିଷର ବାସ୍ତୁ ନିୟମ ପାଳନ କରିବା ଉଚିତ । ଏହାକୁ ନ ମାନିଲେ ବାସ୍ତୁ ଦୋଷ ଲାଗେ । ଏହି କ୍ରମରେ ପୂଜା ଘରେ ବ୍ୟବହାର କରାଯାଉଥିବା ଦିଆସିଲିକୁ ମଧ୍ୟ ଠିକ୍ ସ୍ଥାନରେ ରଖିବା ଦରକାର ।**

- ଜୋତା-ଚପଲ ପାଖରେ ପୂଜା ଦିଆସିଲି ରଖନ୍ତୁ ନାହିଁ ।
- ପୂଜା ସ୍ଥାନରେ ଦିଆସିଲି ରଖୁଥିଲେ, ଏହାର କାଠିକୁ ଏଣେତେଣେ ଫିଙ୍ଗନ୍ତୁ ନାହିଁ ।
- ପୂଜା ଘରେ ଦିଆସିଲିକୁ ସଫା, ଶୁଖିଲା ସ୍ଥାନରେ ରଖନ୍ତୁ ନାହିଁ । ମୁଖ୍ୟତଃ ପୂଜା ବାକ୍ସରେ ରଖନ୍ତୁ ।
- ଶୌଚାଳୟ ତଥା ବାଥ୍‌ରୁମ୍ ଭଳି ଅଶୁଦ୍ଧ ସ୍ଥାନ ଆଖପାଖରେ ପୂଜା ଦିଆସିଲି ରଖନ୍ତୁ ନାହିଁ । ଏହାର ପ୍ରଭାବ ନକାରାତ୍ମକ ହୋଇଥାଏ ।
- ପୂଜା ସହ ଜଡ଼ିତ କୌଣସି ଜିନିଷ ତଳେ ରଖନ୍ତୁ ନାହିଁ । ଏହାଦ୍ୱାରା ପବିତ୍ରତା ନଷ୍ଟ ହୋଇଥାଏ ।



■ ପାରିବାରିକ କଳହର କରୁଣ ପରିଣତ

## ବିଷ ପିଇଦେଲେ ଦମ୍ପତି



ଭଦ୍ରେଶ୍ୱର,୧୦।୮ (ସମିସ): ଆଜି ମାହାଙ୍ଗା ବ୍ଲକ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷ ପିଇ ଏକ ଦମ୍ପତି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେମାନେ ହେଲେ, ଯାଜପୁର ଜିଲ୍ଲା ବଡଚଣା ବ୍ଲକ ନଳିପୁର ଗ୍ରାମର କନକଲତା ବେହେରା (୩୦) ଓ ତାଙ୍କ ସ୍ୱାମୀ ଭରତ ବେହେରା (୩୧)। ଦୁହିଁଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାରିବାରିକ କଳହରୁ ଏହି ଅଘଟଣ ଘଟିଥିବା ଆଲୋଚନା ହେଉଛି। ସୂଚନାନୁଯାୟୀ, କନକଲତା ଓ ଭରତ ଗତ କିଛି ବର୍ଷ ହେଲା ମାହାଙ୍ଗା ଅଞ୍ଚଳରେ ବସବାସ କରିଆସୁଥିଲେ। ହେଲେ କୌଣସି କାରଣରୁ ଆଜି ଉଭୟ ସ୍ୱାମୀ ଓ ସ୍ତ୍ରୀ ମାନସିକସ୍ତରରେ ଭାଙ୍ଗି ପଡ଼ିବା ସହ ବିଷ ପିଇ ଦେଇଥିଲେ। ଯନ୍ତ୍ରଣା ହେବାରୁ ଦୁହିଁଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ।

ଅବଢ଼ା ଦର ତାଲିକା

## ଘୋଷଣା ହେଉଛି; ତତ୍ପରତା ନାହିଁ

ପୁରୀ, ୧୦।୮ (ସମିସ): ଆନନ୍ଦବଜାରକୁ ଶୃଙ୍ଖଳିତ କରିବା ଲାଗି ବିଭିନ୍ନ ନିଷ୍ପତ୍ତି ନିଆଯାଉଛି। କିନ୍ତୁ ତାହା କାର୍ଯ୍ୟକାରୀ କରିବା ଦିଗରେ ବିଶେଷ ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ନିଷ୍ପତ୍ତି କେବଳ ଘୋଷଣାରେ ହିଁ ସୀମିତ ରହିଯାଉଛି। ମହାପ୍ରସାଦ ଦର ତାଲିକା ଲଗାଯିବା ପାଇଁ ବର୍ଷେ କି ଦୁଇବର୍ଷ ନୁହେଁ, ୭ବର୍ଷ ତଳୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପରୀକ୍ଷାମୂଳକ ଭାବେ ଥରେ ଅବଢ଼ା ପ୍ରସ୍ତୁତ କରାଯାଇ କେଉଁ ବାବଦରେ କେତେ ଖର୍ଚ୍ଚ ହେଉଛି, ତାହାକୁ ପରଖିଥିଲେ ଅଧିକାରୀ। ଏହାପରେ ବି ଦର ଧାର୍ଯ୍ୟ ହୋଇପାରିନାହିଁ କି ତାଲିକା ଲାଗିପାରିଲା ନାହିଁ। ଏବେ ପୁଣି ସେହି ସ୍ୱର ଉଠିଛି। ଗତ ୫ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ସୁଆରମହାସୁଆର ନିଯୋଗ ସହିତ ଆନନ୍ଦବଜାର ଶୃଙ୍ଖଳା ପାଇଁ ବୈଠକ କରିଥିଲା। ସେଥିରେ ଅବଢ଼ା ଦର ତାଲିକା ଲାଗିବା ପାଇଁ ନିଷ୍ପତ୍ତି ହୋଇଛି। ମୁଖ୍ୟ ପ୍ରଶାସକ ମଧ୍ୟ ଏହା ଘୋଷଣା କରିଛନ୍ତି। ହେଲେ ଏହା କେବେଠାରୁ କାର୍ଯ୍ୟକାରୀ ହେବ, ସେନେଇ କିଛି ସ୍ପଷ୍ଟତା ଆସି ନଥିବା ବେଳେ ଏହା ଲାଗୁ ହେଲେ ସାଧାରଣ ଭକ୍ତ ମହାପ୍ରସାଦ କିଣିବା କଷ୍ଟକର ହୋଇପଡ଼ିବ ବୋଲି ଅନେକ ଆଶଙ୍କା କରୁଛନ୍ତି।

ଶୃଙ୍ଖଳିତ ହେବ ଆନନ୍ଦବଜାର। କୌଣସି ଭକ୍ତ ଶୋଷଣର ଶିକାର ହେବେ ନାହିଁ। ମହାପ୍ରସାଦ କିଣିବା ବେଳେ ଦରକୁ ନେଇ କାହା ମନରେ ଯେପରି କୌଣସି ପ୍ରକାର ଭାବନା ନ ଆସିବ, ତାକୁ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ତେଣୁ ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯାଇ ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏପରି ହେଲେ ଅବଢ଼ା କିଣିବାକୁ ନେଇ ସୁଆରଙ୍କ ସହ କାହାକୁ ମୂଲଚାଲ କରିବାକୁ ପଡ଼ିବ ନାହିଁ କି କେହି ଦୁର୍ବ୍ୟବହାରର ଶିକାର ହେବେ ନାହିଁ। ୨୦୧୮ ସେପ୍ଟେମ୍ବର ୧୧ ତାରିଖରେ ସୁଆର ମହାସୁଆର ନିଯୋଗ ସହ ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ବୈଠକ କରି ଏହି ନିଷ୍ପତ୍ତି ନେଇଥିଲେ। ଏହାବ୍ୟତୀତ ଆନନ୍ଦ ବଜାରରେ କିଭଳି ଶୃଙ୍ଖଳା ରକ୍ଷା କରାଯିବ, ମହାପ୍ରସାଦ ବିକ୍ରି କେଉଁଭଳି ସୁବ୍ୟବସ୍ଥିତ ହେବ, ସେଥିପାଇଁ ମଧ୍ୟ ଏକାଧିକ ନିଷ୍ପତ୍ତି ନିଆଯାଇଥିଲା। ଏଭଳି ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଥିଲେ। ଏହାକୁ ନେଇ ପ୍ରକ୍ରିୟା ବି ଜୋର୍‌ଦାର ଆରମ୍ଭ ହେଲା। ସେହିବର୍ଷ ଅକ୍ଟୋବର ୧୬ରେ ପୁନଶ୍ଚ ବୈଠକ ବସି ଏଥିପାଇଁ ଥରେ ଅବଢ଼ା ରୋଷେଇ କରାଯିବ। ଏଥିଲାଗି ଆବଶ୍ୟକ ଚାଉଳ, ଡାଲି, କୁଡୁଆ ଇତ୍ୟାଦି ମନ୍ଦିର ପ୍ରଶାସନ ଯୋଗାଇଦେବ। କୋଠ ରୋଷରେ ଏହା ରୋଷେଇ ହେବ। ଦେଉଳକରଣ ଏବଂ ସୁପରଭାଇଜର ନିରୀକ୍ଷଣ କରିବେ। ରୋଷେଇ ସରିବା ପରେ ସାମଗ୍ରୀ କିଣାରେ କେତେ ଖର୍ଚ୍ଚ ହେଉଛି ଏବଂ ସୁଆର ସେବକ କେତେ ଲାଭ ପାଇବେ ତାହା ଶ୍ରୀମନ୍ଦିର ପ୍ରଶାସନ ସ୍ଥିର କରିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରୋଷେଇ ଲାଗି ଏକାଧିକ ତାରିଖ ସ୍ଥିର କରାଯାଇ ସମୟ ଗଡ଼ିଥିଲା। ଶେଷରେ ୨୦୧୮ ଡିସେମ୍ବର ୪ରେ ମହାପ୍ରସାଦ ଦର ନିର୍ଦ୍ଧାରଣ ଲାଗି ରୋଷେଇ ହୋଇଥିଲା। ଖୁବ୍‌ଶୀଘ୍ର ଦର ତାଲିକା ଚୂଡ଼ାନ୍ତ କରାଯାଇ ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ତତ୍କାଳୀନ ମୁଖ୍ୟ ପ୍ରଶାସକ କହିଥିଲେ।



ରୋଷେଇ ହେବାର ଅଢ଼େଇ ବର୍ଷ ବିତିଗଲାଣି, ହେଲେ ଏପର୍ଯ୍ୟନ୍ତ ମହାପ୍ରସାଦ ଦର ନିର୍ଦ୍ଧାରଣ ହୋଇପାରିଲା ନାହିଁ। ନିଷ୍ପତ୍ତି ନିଆଯିବା ପରେ ଅନେକଥର ଶ୍ରୀମନ୍ଦିରରେ ଅବଢ଼ା ଦରକୁ ନେଇ ଭକ୍ତ-ସେବକ ମୁହାଁମୁହିଁ ହୋଇଛନ୍ତି। ଏପରିକି, ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର ଏବଂ ଆକ୍ରମଣ ମଧ୍ୟ କରାଯାଇଛି। ନିଷ୍ପତ୍ତି ନେଇଥିବା ମୁଖ୍ୟ ପ୍ରଶାସକଙ୍କ ପରେ ଆହୁରି କିଛି ସେହି ପଦବୀ ରହି ବଦଳି ହୋଇଗଲାଣି। କିନ୍ତୁ ଅବଢ଼ା ଦର ଧାର୍ଯ୍ୟ ହୋଇପାରୁ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା, ଶ୍ରୀମନ୍ଦିର ପ୍ରଶାସନ କାହିଁକି ନିଷ୍ପତ୍ତି ନେଇପାରୁନି? ନା ସୁଆର ସେବାୟତଙ୍କ ଆଗରେ ଅସହାୟ ହୋଇପଡ଼ିଛି। ଏମିତି ପ୍ରଶ୍ନ ଏବେ ଭକ୍ତଙ୍କ ମହଲରେ ଉଙ୍କି ମାରିଥିବା ବେଳେ ଗତ ୫ ତାରିଖ ବୈଠକରେ ପୁନଶ୍ଚ ଅବଢ଼ା ଦର ତାଲିକା ପ୍ରସଙ୍ଗ ଉଠିଥିଲା। ଏଥିରେ ଦର ତାଲିକା ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ ଏହି ତାଲିକା ଲାଗିଲେ ବାସ୍ତବରେ ଭକ୍ତଙ୍କ ପାଇଁ ଭଲ ହେବ ନା ଅଧିକ ଆର୍ଥିକ ବୋଝ ପଡ଼ିବ, ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଏହାଦ୍ୱାରା ସାଧାରଣ ଭକ୍ତଙ୍କ ପାଇଁ ଅବଢ଼ା କିଣିବା କଷ୍ଟକର ହୋଇପଡ଼ିବ ବୋଲି କୁହାଯାଉଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଦରଧାର୍ଯ୍ୟ ପୂର୍ବରୁ ଏ ଦିଗ ପ୍ରତି ଧ୍ୟାନ ଦେବା ଦରକାର ବୋଲି ଭକ୍ତଙ୍କ ମହଲରେ ଆଲୋଚନା ହେଉଛି।

## ଯୁବକଙ୍କୁ ଦଳିଦେଲା ହାତୀ

କେନ୍ଦୁଝର, ୧୦।୮ (ସମିସ): ବାଂଶପାଳ ବ୍ଲକ୍ ଅଧୀନ ତରମାକାନ୍ତ ପଞ୍ଚାୟତର ଜଳଡିହା ମାଣିକସାହି ଜଙ୍ଗଲ ରାସ୍ତାରେ ରବିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଅଡ଼ାଳ ଗ୍ରାମର ପର୍ଶୁ ମୁଣ୍ଡା (୨୮)। ଜଙ୍ଗଲ ରାସ୍ତାଦେଇ ସାଇକଲରେ ସେ ଶ୍ୱଶୂର ଘର ଜଳଡିହା ମାଣିକ ସାହିରୁ ଅଡାଳକୁ ଫେରୁଥିଲେ। ଜଳଡିହା ମାଣିକସାହି ନିକଟ ଜଙ୍ଗଲରେ ସେ ୨ଟି ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ସେଥିମଧ୍ୟରୁ ଗୋଟିଏ ଦନ୍ତା ପର୍ଶୁଙ୍କୁ ଆକ୍ରମଣ କରିଥିଲା। ଶୁଣ୍ଢରେ ତାଙ୍କୁ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶବ ରଖି ପରିବାରଲୋକ ଧାରଣା ଦେଇଥିଲେ। ଖବର ପାଇ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜର୍ ନୟନକାନ୍ତ ସାହୁ, ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବନରକ୍ଷୀ ମିଲିରାଣୀ ଦାସ, ନିଲମ ମହାନ୍ତ ଏବଂ ବନବିଭାଗର ପାଟ୍ରୋଲିଂ ଟିମ୍ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଶୁଦ୍ଧିକ୍ରିୟା ପାଇଁ ବନ ବିଭାଗ ପକ୍ଷରୁ ତାଙ୍କ ପରିବାରକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସରକାରୀ ସହାୟତା ଏବଂ କ୍ଷତିପୂରଣ ଖୁବ୍‌ଶୀଘ୍ର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ନଦୀରେ ଭାସିଗଲେ ଯୁବକ

କୁଚିଣ୍ଡା,୧୦।୮ (ସମିସ): ଗୋଛରା ନଦୀରେ ଭାସି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଧୀନ ଜନକଡିହିପଡ଼ାର ବାନ୍ଦନା ମୁଣ୍ଡା(୩୫)। ସୂଚନାନୁଯାୟୀ, ବାନ୍ଦନା ଓ ସୁଲେମାନ ମୁଣ୍ଡା (୪୦) ଆଜି ଅପରାହ୍ଣରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ନଦୀର ପ୍ରଖର ସ୍ରୋତରେ ବାନ୍ଦନା ଭାସି ଯାଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ସୁଲେମାନ ବହୁ ଚେଷ୍ଟା କରିଥିଲେ ହେଁ ବଞ୍ଚାଇ ପାରିନଥିଲେ। ଖବର ପାଇ ଗ୍ରାମବାସୀ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। କୁଚିଣ୍ଡା ଦମକଳବାହିନୀ ନଦୀ ଗର୍ଭରେ ଖୋଜାଖୋଜି କରିଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ବାନ୍ଦନାଙ୍କ ଖୋଜଖବର ମିଳିନଥିଲା।

ଚିକିତ୍ସା ବଦଳରେ ଘରକୁ ପଠାଇଦେଲେ

## ଦଶମ ଶ୍ରେଣୀ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ

ବାରିପଦା/ଶୁଳିଆପଦା,୧୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ବ୍ୟାପକ ଅବହେଳାର ଆଉ ଏକ ଉଦାହରଣ ଆଜି ପଦାକୁ ଆସିଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଜଣେ ଛାତ୍ରୀଙ୍କ ଅକାଳରେ ଜୀବନ ଯାଇଛି। ଶୁଳିଆପଦା ବ୍ଲକର କୁଜିଡିହି ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ଅଘଟଣ ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ, ପଥରନେସା ଗ୍ରାମର ଛାତ୍ରୀ ରୀନା ମୁର୍ମୁ (୧୫)। ସେ ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ। ୩ ଦିନ ତଳେ ଏହି ଘଟଣା ଘଟିଥିବା ବେଳେ କର୍ତ୍ତୃପକ୍ଷ ଏହାକୁ ଚାପିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ସମ୍ପୃକ୍ତ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିବା ପ୍ରଧାନଶିକ୍ଷକଙ୍କୁ କୈଫିୟତ ମାଗିବା ପରେ ଘଟଣା ପଦାକୁ ଆସିଛି।

ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ, ହଷ୍ଟେଲ ପରିଚାଳକଙ୍କ ଖାମଖିଆଲୀ ନୀତି ଯୋଗୁଁ ଛାତ୍ରୀ ମୃତ୍ୟୁ ଓ ଆତ୍ମହତ୍ୟା ଉଦ୍ୟମ ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ତେଜିବାରେ ଲାଗିଥିବା ବେଳେ ବିଭାଗୀୟ କାର୍ଯ୍ୟକଳାପକୁ ନେଇ ଉଦ୍‌ବେଗ ପ୍ରକାଶ ପାଉଛି।



ସୂଚନାନୁଯାୟୀ, ରୀନାଙ୍କୁ କିଛି ଦିନ ତଳେ ଜ୍ୱର ହୋଇଥିଲା। ଏ ସଂପର୍କରେ ଜାଣିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା କରିବା ପରିବର୍ତ୍ତେ ଜୁଲାଇ ୨୬ରେ ଘରକୁ ପଠାଇ ଦେଇଥିଲେ। ଏହା ବିଭାଗୀୟ ନିୟମର ଉଲ୍ଲଂଘନ। ଅଧ୍ୟୟନରତ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଶରୀର ଅସୁସ୍ଥ ହେଲେ ସ୍କୁଲ କର୍ତ୍ତୃପକ୍ଷ ଶେଷ ଚିକିତ୍ସା ପର୍ଯ୍ୟନ୍ତ ଦାୟିତ୍ୱବହନ କରିବା କଥା। କିନ୍ତୁ, ଅସୁସ୍ଥ ଛାତ୍ରୀଙ୍କୁ ଘରକୁ ପଠାଇଦେବାରୁ ଗରିବ ବାପାମାଆ ସଠିକ ଭାବରେ ଚିକିତ୍ସା କରିନଥିଲେ। ଫଳରେ ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଗତ ୮ ତାରିଖରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଛାତ୍ରୀଜଣଙ୍କ ଘରକୁ ଯିବା ପରେ ମଧ୍ୟ ହଷ୍ଟେଲ ଉପସ୍ଥାନ ଖାତାରେ ତାଙ୍କର ଉପସ୍ଥିତି ଦର୍ଶାଯାଇଥିଲା। ଏହି ସମୟ ମଧ୍ୟରେ ଛାତ୍ରୀଙ୍କ ଛାତ୍ରବୃତ୍ତି ଅର୍ଥ ମଧ୍ୟ ସମ୍ପୂର୍ଣ୍ଣ ଉପସ୍ଥାନ ଦେଖାଇ ବ୍ୟାଙ୍କରୁ ଟଙ୍କା ଉଠାଣ କରାଯାଇଛି। ମୃତ୍ୟୁ ଘଟିବା ପରେ ଦୋଷ ଲୁଚାଇବାକୁ ଯାଇ ଉପସ୍ଥାନ ଖାତାରେ ଇରେଜର୍ ଦ୍ୱାରା ଲିଭାଯାଇଛି। ଗୋଟିଏପଟେ ଅସୁସ୍ଥ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେବା ନଯୋଗାଇ ତାଙ୍କ ପାଇଁ ମିଳୁଥିବା ସୁବିଧା ସୁଯୋଗର ଅନିୟମିତତା ପାଇଁ ଏପରି ଘୃଣ୍ୟ କାର୍ଯ୍ୟ କରାଯିବାକୁ ନେଇ ଭଞ୍ଜସେନାର ଅଧ୍ୟକ୍ଷ ସଞ୍ଜୀବ ରାଉତ ତୀବ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ମଲ୍ଲିକଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇନଥିଲେ।

ଲାଞ୍ଚ ମାମଲା

## ଖସି ଯାଉଛନ୍ତି 'ଦୁର୍ନୀତି ସାଥୀ'

■ ମାମଲା ରୁଜୁ ହେଉଛି; ଗିରଫ କରାଯାଉନାହିଁ
■ ତଦନ୍ତ ପରିସର ବାହାରେ ୫୦ରୁ ଊର୍ଦ୍ଧ୍ୱ ବାବୁଆଣୀ

ଭୁବନେଶ୍ୱର,୧୦।୮ (ସମିସ): ଆଇନ ଅନୁସାରେ ସ୍ୱାମୀଙ୍କ ସମ୍ପତ୍ତିରେ 'ଜୀବନ ସାଥୀ' କୁହାଯାଉଥିବା ସ୍ତ୍ରୀଙ୍କ ଭାଗ ଅଧା । ଗିରଫ ହେଉଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଠୁଳ କରିଥିବା ସମ୍ପତ୍ତିର ଏକ ବଡ଼ ଅଂଶ ନିଜ ପତ୍ନୀଙ୍କ ନାମରେ କରିଥିବା ପ୍ରମାଣ ମିଳୁଛି । ବ୍ୟକ୍ତିଗତ ଆୟର କୌଣସି ସୂତ୍ର ନ ଥାଇ ବି ଲାଞ୍ଚୁଆ ବାବୁଙ୍କ ପତ୍ନୀଙ୍କ ନାମରେ ବିପୁଳ ସମ୍ପତ୍ତି ଠାବ ହେଉଛି । ସ୍ୱାଭାବିକ ଭାବରେ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ କରିବା ଓ ଲାଞ୍ଚ ନେବା ପଛରେ ପତ୍ନୀଙ୍କ ଭୂମିକା ଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରୁଛି। ଗତ ଦେଢ଼ ବର୍ଷ ମଧ୍ୟରେ ଲାଞ୍ଚ ଓ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲାରେ ୫୦ ଅଧିକାରୀଙ୍କ ସହ ସେମାନଙ୍କ ପତ୍ନୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି । ମାତ୍ର ବାବୁମାନେ ଗିରଫ ହୋଇ ଜେଲ୍ ଯାଉଛନ୍ତି ସିନା; ଆଜିଯାଏ ବାବୁଙ୍କ 'ଦୁର୍ନୀତି ସାଥୀ' ବୋଲାଉଥିବା ବାବୁଆଣୀଙ୍କ ମଧ୍ୟରୁ ଜଣକୁ ବି ଭିଜିଲାନ୍ସ ଗିରଫ କରିପାରି ନାହିଁ।

ଲାଞ୍ଚ, ଆୟବହିର୍ଭୁତ ସମ୍ପତ୍ତିଠୁଳ ମାମଲାରେ ଦୁର୍ନୀତିଗ୍ରସ୍ ବାବୁମାନଙ୍କ ସହ ତାଙ୍କ ପତ୍ନୀଙ୍କର ଭୂମିକା କିଛି କମ୍ ନୁହେଁ। ଅଧିକାଂଶ କ୍ଷେତ୍ରରେ ଲାଞ୍ଚୁଆ ବାବୁମାନଙ୍କ ଅଧିକାଂଶ ଜମି, ପ୍ଲଟ, ଘର ସବୁ ପତ୍ନୀଙ୍କ ନାମରେ ଥିବା ଦେଖାଯାଉଛି। ତେଣୁ ବାବୁମାନଙ୍କୁ ଦୁର୍ନୀତି କରିବାରେ ସେମାନଙ୍କ ପତ୍ନୀମାନେ ପ୍ରୋତ୍ସାହିତ କରୁଥିବା ସ୍ୱାଭାବିକ ବୋଲି କୁହାଯାଉଛି। ଯେଉଁମାନେ ଭିଜିଲାନ୍ସ ହାତରେ ଧରାପଡୁଛନ୍ତି ସେମାନଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରାଯାଉଛି; କିନ୍ତୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। କେବଳ ଭିଜିଲାନ୍ସ ମାମଲା ରୁଜୁ କରି ବସି ପଡୁଛି। ଚାର୍ଜସିଟରେ ଅଭିଯୁକ୍ତ ଅଧିକାରୀଙ୍କ ପତ୍ନୀଙ୍କ ନାମ ଦେଖିବାକୁ ମିଳୁନାହିଁ। ଗତ ଦେଢ ବର୍ଷରେ ୫୦ ଜଣ ସରକାରୀ ଅଧିକାରୀଙ୍କ ଦୁର୍ନୀତି ସାଥୀ କୁହାଯାଉଥିବା ସେମାନଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରାଯାଇଛି, ହେଲେ ସେମାନଙ୍କ ମଧ୍ୟରୁ ଜଣକୁ ଗିରଫ କରାଯାଇ ନାହିଁ କିମ୍ବା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଜଣେ ଭିଜିଲାନ୍ସ ଅଧିକାରୀଙ୍କ ସୂଚନା ଅନୁସାରେ ସ୍ୱାମୀ ଡିଏ ମାମଲାରେ ଗିରଫ ହେଲେ ପତ୍ନୀଙ୍କ ନାମରେ ରୁଜୁ କରାଯାଉଛି। ସେମାନଙ୍କ ନାମରେ ଏକାଧିକ ସମ୍ପତ୍ତି ତଥା ପ୍ଲଟ୍ ଏବଂ ଟଙ୍କା ରହିଥିଲେ କାର୍ଯ୍ୟାନୁଷ୍ଠାନ କରାଯାଉଛି। ସ୍ୱାମୀର ମୃତ୍ୟୁ ପରେ ଏହି ମାମଲାରେ ମଧ୍ୟ ପତ୍ନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେ କହିଛନ୍ତି ।

## ମହାନଦୀକୁ ଡେଇଁପଡ଼ିଲେ ମହିଳା

ସମ୍ବଲପୁର, ୧୦।୮ (ସମିସ): ଚାଉଁରପୁର ବ୍ରିଜ୍‌ରୁ ଆଜି ପୁଣି ଜଣେ ମହିଳା ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କିନ୍ତୁ ସୌଭାଗ୍ୟକୁ ଅଗ୍ନିଶମ ବିଭାଗ ସଙ୍ଗେସଙ୍ଗେ ସର୍ଚ୍ଚ ଅପରେସନ୍ କରି ମାତ୍ର ୨୦ ମିନିଟ୍ ଭିତରେ ମହିଳାଙ୍କୁ ଜୀବିତ ଉଦ୍ଧାର କରିଛି। ମହିଳାଜଣଙ୍କ ହେଲେ, ସୁନାପାଲିର ପୁଷ୍ପାଞ୍ଜଳି ବାଗ।



ସୂଚନାନୁସାରେ, ପୁଷ୍ପାଞ୍ଜଳି ଆଜି ଅପରାହ୍ଣ ପ୍ରାୟ ଅଢ଼େଇଟା ବେଳେ ମହାନଦୀକୁ ଡେଇଁ ପଡ଼ିଥିଲେ। ଲୋକଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବିଭାଗର ୮ ଜଣିଆ ଏକ ଦଳ ତୁରନ୍ତ ସେଠାରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ। ମାତ୍ର ୨୦ ମିନିଟ ଭିତରେ ଉଦ୍ଧାରକାରୀ ଦଳ ତାଙ୍କୁ ଉଦ୍ଧାର କରି ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ପୁଷ୍ପାଞ୍ଜଳିଙ୍କ ବାପା ତାଙ୍କ ଶ୍ୱଶୁରଘର ଲୋକଙ୍କ ଉପରେ ଫଂଗିନ୍ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଶ୍ୱଶୁରଘର ଲୋକ ବିଭିନ୍ନ ସମୟରେ ଝିଅକୁ ନିର୍ଯାତନା ଦେଇ ଆସୁଥିଲେ। ରାକ୍ଷୀ ପୂର୍ଣ୍ଣିମା ପାଇଁ ଗତକାଲି ପୁଷ୍ପାଞ୍ଜଳି ବାପଘରକୁ ଯାଇ ରାତି ୮ଟା ବେଳେ ଫେରିଥିଲେ। ତେବେ ଆଜି ପୁଣି କୌଣସି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏ ସଂପର୍କରେ ପୁଷ୍ପାଞ୍ଜଳି ଫୋନ୍‌ରେ ତାଙ୍କର ଦୁଇ ଭାଇଙ୍କୁ କହିବା ସହ ତାଙ୍କ ଦୁଇ ପୁଅଙ୍କ କଥା ବୁଝିବାକୁ କହିଥିଲେ। ପରେ ସେ ମହାନଦୀକୁ ଡେଇଁ ପଡ଼ିଥିଲେ। ନିର୍ଯାତନାରେ ଅତିଷ୍ଠ ହୋଇ ଝିଅ ଏପରି ପଦକ୍ଷେପ ନେଇଥିବା ତାଙ୍କ ବାପା କହିଛନ୍ତି। ଟାଉନ୍ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

■ ୨୦ ମିନିଟରେ ଜୀବିତ ଉଦ୍ଧାର କଲା ଅଗ୍ନିଶମ ବିଭାଗ
■ ପାରିବାରିକ କଳହର ପରିଣାମ: ମହିଳାଙ୍କ ବାପା

■ ନର୍ସିଂ ଛାତ୍ରୀ ମୃତ୍ୟୁ ଘଟଣା

## ରାଇଘରରେ ବିଜେଡିର ୧୨ ଘଣ୍ଟିଆ ହରତାଳ ଆଜି

ଭୁବନେଶ୍ୱର,୧୦।୮ (ସମିସ): ରାଇଘର ଡୁମରିମୁଣ୍ଡା ନର୍ସିଂ ଛାତ୍ରୀର ମୃତ୍ୟୁକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ନିନ୍ଦା କରିଛି ବିଜେଡି। ଏହାର ପ୍ରତିବାଦରେ ଦଳ ପକ୍ଷରୁ ସୋମବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳ ଡକରା ଦିଆଯାଇଛି। ଏହି ହରତାଳକୁ ସଫଳ ଏବଂ ସହଯୋଗ କରିବା ପାଇଁ ରାଇଘର ବ୍ଲକବାସୀଙ୍କୁ ନବରଙ୍ଗପୁର ବିଜେଡି ଅନୁରୋଧ କରିଛି। ଦଳ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର, ଯାନବାହନ ଚଳାଚଳ, ସ୍କୁଲ୍, କଲେଜ ଗୁଡ଼ିକ ୧୨ ଘଣ୍ଟିଆ ହରତାଳରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଏହି ହରତାଳ ସମୟରେ ଜରୁରୀକାଳୀନ ସେବା ବ୍ୟାହତ ହେବ ନାହିଁ ବୋଲି ସୂଚନା ଦିଆଯାଇଛି। ବିଜେଡିର ଅଭିଯୋଗ ଅନୁଯାୟୀ ରାଜ୍ୟ ବିଜେପି ସରକାର ଓଡ଼ିଶାରେ ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରତିଦିନ ନାରୀ ନିର୍ଯାତନା ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଛି। ତେଣୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ପ୍ରଦାନ କରନ୍ତୁ। ଏହା ସହିତ ରାଇଘର ନର୍ସି ପୀଡ଼ିତାଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ଦଳ ପକ୍ଷରୁ ଦାବି କରାଯାଇଛି। ଯେତେଦିନ ପର୍ଯ୍ୟନ୍ତ ଏହି ରାଜ୍ୟରେ ନାରୀ, ଛାତ୍ରୀ, ନାବାଳିକା ସୁରକ୍ଷିତ ହେବେ ନାହିଁ, ବିଜେଡି ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସାରା ରାଜ୍ୟରେ ଆନ୍ଦୋଳନକୁ ବ୍ୟାପକ କରିବ।

ମହଙ୍ଗା ପଡ଼ିଲା ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇବା

## ସାମ୍ବାଦିକଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ବାଲେଶ୍ୱର/ନୀଳଗିରି, ୧୦।୮ (ସମିସ): ଚିକିତ୍ସା ବେଳେ ହସ୍ପିଟାଲରେ ଜଣେ ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇବା ଜଣେ ହାବିଲଦାର ଓ ତଦନ୍ତକାରୀ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏହି ମାମଲାର ବିଚାର କରି ମାନବାଧିକାର ଆୟୋଗ ପୀଡ଼ିତ ସାମ୍ବାଦିକ ଲକ୍ଷ୍ମୀଧର ଦଳେଇଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ଆସନ୍ତା ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅର୍ଥ ପରବର୍ତ୍ତୀ ସମୟରେ ହାବିଲଦାର ଚିତ୍ତରଞ୍ଜନ ସିଂ ଓ ଆଇଓ ସୁବର୍ଣ୍ଣା ବେହେରାଙ୍କଠାରୁ ଭରଣା କରାଯିବ ବୋଲି ଆୟୋଗ କହିଛନ୍ତି।

ଭରଣା କରିବେ ହାବିଲଦାର ଓ ତଦନ୍ତକାରୀ ଅଧିକାରୀ

ସୂଚନାନୁଯାୟୀ, ନୀଳଗିରିରେ କାର୍ଯ୍ୟରତ ସାମ୍ବାଦିକ ଲୋକନାଥ ଗତ ୨୦୨୨ ଏପ୍ରିଲ ୪ ତାରିଖରେ ଏକ ଖବର ସଂଗ୍ରହ ପାଇଁ ଯାଉଥିବା ବେଳେ ଗୃହରକ୍ଷୀ ନିରଂଜନ ରଣା(୬୨) ତାଙ୍କୁ ଧକ୍କା ମାରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ପରେ ଗୃହରକ୍ଷୀ ଶ୍ରୀ ରଣା ଏ ସଂପର୍କରେ ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ନୀଳଗିରି ଆଇଆଇସି ଦ୍ରୌପଦୀ ଦାସ ସେହି ମାସ ୬ ତାରିଖରେ ଲୋକନାଥଙ୍କୁ ଗିରଫ କରିଥିଲେ। ଲୋକନାଥ ମଧୁମେହ ଓ ଉଚ୍ଚରକ୍ତ ଚାପରେ ପୀଡ଼ିତ ଥିବାରୁ ପୁଲିସ ତାଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ହଠାତ୍ ରାତିରେ ଗୋଡ଼ରେ ବେଡି ପକାଇ ଦେଇଥିଲେ। ଉକ୍ତ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏନେଇ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏପରିକି ଦଳଗତ ନିର୍ବିଶେଷରେ ନୀଳଗିରି ବନ୍ଦ କରାଯାଇଥିଲା। ଏନେଇ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଓ ଜୟକୃଷ୍ଣ ମହାନ୍ତି ମାନବାଧିକାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ।

୬୫୦ ଶଯ୍ୟା ବିଶିଷ୍ଟ ଶିକ୍ଷାଦାନ ଚିକିତ୍ସାଳୟ ଉଦ୍‌ଘାଟିତ

## ସ୍ୱାସ୍ଥ୍ୟସେବାରେ କୋରାପୁଟ ନୂଆ ଅଧ୍ୟାୟ ଯୋଡ଼ିବ: ମୁଖ୍ୟମନ୍ତ୍ରୀ

କୋରାପୁଟ, ୧୦।୮ (ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ଶିକ୍ଷାଦାନ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଚିକିତ୍ସାଳୟ ରାଜ୍ୟର ନିରନ୍ତର ବିକାଶଧାରାରେ କୋରାପୁଟକୁ ଯୋଡ଼ିବ। ଚିକିତ୍ସା ପାଇଁ ଆଉ କୋରାପୁଟବାସୀଙ୍କୁ ଦୂରଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ। ଖୁବ୍‌ଶୀଘ୍ର ଏଠାରେ ଖାଲି ପଡ଼ିଥିବା ଡାକ୍ତର ଓ ଅନ୍ୟାନ୍ୟ ପଦ ପୂରଣ ହେବ। ସିଟି ସ୍କାନ୍, ଡାଏଲିସିସ୍, ମାମୋଗ୍ରାଫି ପରି ଅତ୍ୟାଧୁନିକ ରୋଗ ନିରୂପଣ ପରୀକ୍ଷାନିରୀକ୍ଷାର ମଧ୍ୟ ବ୍ୟବସ୍ଥା କରାଯାଉଛି। ଗୁରୁତର ରୋଗୀମାନଙ୍କ ପାଇଁ ଯେପରି ଅକ୍ସିଜେନ୍‌ର ଅଭାବ ନହେବ, ସେଥିନିମନ୍ତେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ର ଓ ଛତିଶଗଡ଼ବାସୀ ଏଠାରେ ସବୁପ୍ରକାରର ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ। ଏହି ହସ୍ପିଟାଲ ସଂଲଗ୍ନ ୨ଏକର ପରିମିତ ଜାଗାରେ କ୍ୟାନ୍ସର ଚିକିତ୍ସା ହସ୍ପିଟାଲ ମଧ୍ୟ ନିର୍ମାଣ କରାଯାଉଛି। ଏଥିପାଇଁ ଆମ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଖୁବ୍‌ଶୀଘ୍ର ନବରଙ୍ଗପୁରରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

### ନବରଙ୍ଗପୁରରେ ହେବ ମେଡିକାଲ କଲେଜ



ସମ୍ମାନିତ ଅତିଥି ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ, କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲର ଅଧିକ୍ଷକ ପ୍ରଫେସର ଡା. ସୁଶାନ୍ତ କୁମାର ସାହୁ କହିଛନ୍ତି, ୬୫୦ ଶଯ୍ୟା ବିଶିଷ୍ଟ ନୂତନ ଚିକିତ୍ସାଳୟ ଦ୍ୱାରା ଲୋକମାନେ ନିଶ୍ଚିତ ଭାବେ ଉପକୃତ ହେବେ। ଅଧିକ ଶଯ୍ୟା ହେବା ଦ୍ୱାରା ଆଉ ରୋଗୀ ମାନଙ୍କ ପାଇଁ ଶଯ୍ୟା ଅଭାବ ରହିବ ନାହିଁ। ଖୁବ୍‌ଶୀଘ୍ର ଏମଆରଆଇ ସହ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଲୋକ ମାନଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମେଡିକାଲ କଲେଜ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୁକୁର କାମୁଡ଼ାରେ ଦୁଇ ମୃତ





ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଞ୍ଚଳରେ କୁକୁର କାମୁଡ଼ାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। କୁକୁର କାମୁଡ଼ିବା ପରେ ଉଭୟଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ ଓ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ବିଳମ୍ବିତ ରାତିରେ ଉଭୟଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ଯୁବକଦ୍ୱୟ ହେଲେ, ତୁଷୁରା ଥାନା ଚିତେଡ ଗାଁର ମିଥୁନ ରଣା ଓ ଯୋଗେନ୍ଦ୍ର ଛତ୍ରିଆ। ଗତ ଜୁଲାଇ ୨୩ ତାରିଖରେ ଗାଁରେ ଏକ କୁକୁର ଏକାଧିକ ଲୋକଙ୍କୁ କାମୁଡ଼ିଥିଲା। ସମସ୍ତଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ମିଥୁନ ଓ ଯୋଗେନ୍ଦ୍ରଙ୍କ ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କିଛି ଦିନ ଧରି ଚିକିତ୍ସା ଚାଲିଥିବା ବେଳେ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ଯୋଗେନ୍ଦ୍ର ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ସେ ଜଣେ ଜାତୀୟସ୍ତରର ଭିନ୍ନକ୍ଷମ ଖେଳାଳି ବୋଲି ଜଣାପଡ଼ିଛି। ଏହି ଦୁଇଜଣଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।







# ପୂର୍ବ ଶତ୍ରୁତାରୁ ଛୁରାମାଡ଼; ଅଭିଯୁକ୍ତ ଗିରଫ

**କଟକ, ୧୦।୮ (ସମିସ)**

ବିଡ଼ାନାସୀ ଥାନା ଅନ୍ତର୍ଗତ ମୁଣ୍ଡାସାହିରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆଜି ଛୁରାମାଡ଼ ହୋଇଛି। ଜଣେ ମାଛ ବ୍ୟବସାୟୀଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ପରିବା ବିକ୍ରେତା ଛୁରୀରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ମାଛ ବେପାରୀ ଜଣକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ସିଟି ହସ୍ପିଟାଲ୍ ପରେ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ମୁଣ୍ଡାସାହିର ଗୋବିନ୍ଦ ମଲ୍ଲିକ(୨୨)କୁ ପୁଲିସ ଗିରଫ କରିଛି। ଆକ୍ରମଣରେ ବ୍ୟବହାର ହୋଇଥିବା ଛୁରୀକୁ ପୁଲିସ ଜବତ କରିଛି। ଘଟଣାରେ ମାଛ ବ୍ୟବସାୟୀଙ୍କ ପତ୍ନୀ ଆହତ ହୋଇଥିବା ଜଣାପଡ଼ିଛି।

ପୁଲିସ ସୂଚନା ଅନୁସାରେ, ମୁଣ୍ଡାସାହିର ସୁକଦେବ ଦଳେଇ(୩୫) ମାଛ ବେପାର କରନ୍ତି। ସେହିପରି ଅଭିଯୁକ୍ତ ଗୋବିନ୍ଦ ଜଣେ ପରିବା ବେପାରୀ। ୨ ଜଣ ମୁଣ୍ଡାସାହିରେ ରହୁଥିବା ବେଳେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ଦେଖା ଦେଇଥିଲା। ଟଙ୍କା ନେଣଦେଣକୁ ନେଇ ଏହି ବିବାଦର ସୂତ୍ରପାତ ହୋଇଥିବା କୁହାଯାଉଛି। ୪ ଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ପରେ ଏହାର ସମାଧାନ ପାଇଁ ଉଭୟ ପକ୍ଷ ବସି ଆଲୋଚନା କରିଥିଲେ। ହେଲେ ବିବାଦ ତୁଟି ନଥିଲା। ଆଜି ସକାଳ ୬ଟାରେ ଉଭୟ ବେପାର କରିବାକୁ ଯିବା ବେଳେ ନୂଆସାହି ପାଖରେ ଭେଟ ହୋଇଥିଲେ। ଏତିକି ବେଳେ ଦୁହେଁ କଥା କଟାକଟି ହେବାରୁ ଜୋରଦାର ପାଟିତୁଣ୍ଡ ହୋଇଥିଲା। ଖବର ପାଇ ସୁକଦେବଙ୍କ ପତ୍ନୀ ସେଠାରେ ପହଞ୍ଚିଥିଲେ। ୨ଜଣଙ୍କ ମଧ୍ୟରେ ଗଣ୍ଡଗୋଳକୁ ତୁଟାଇବାକୁ ଉଦ୍ୟମ କରିଥିଲେ। ଆଉ ଏତିକି ବେଳେ ଗୋବିନ୍ଦ ପାଖରେ ରଖିଥିବା ଏକ ଛୁରୀରେ ସୁକଦେବକୁ ଆକ୍ରମଣ କରିଥିଲା। ଏଥିରେ ସୁକଦେବଙ୍କ ବେକ, ହାତ, ପିଠି ଓ ଛାତିରେ ଛୁରୀ ଆଘାତ ଲାଗିଥିଲା। ସେ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ଗୋବିନ୍ଦଙ୍କୁ ଅଟକାଇବାକୁ ଚେଷ୍ଟା କଲା ବେଳେ ସୁକଦେବଙ୍କ ପତ୍ନୀଙ୍କ ହାତରେ ମଧ୍ୟ ସାମାନ୍ୟ ଆଘାତ ଲାଗିଛି। ଘଟଣା ପରେ ଖବର ପାଇ ପୁଲିସ ପହଞ୍ଚି ଆହତ ସୁକଦେବକୁ ପ୍ରଥମେ ସିଟି ହସ୍ପିଟାଲ୍ ଓ ପରେ ଏସ୍‌ସିବିକୁ ନେଇଥିଲା। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ଅନ୍ୟପଟେ ସୁକଦେବଙ୍କ ପତ୍ନୀ ଦେଇଥିବା ଏତଲା ଅନୁସାରେ ଗୋବିନ୍ଦକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅସିତ ବଳବନ୍ତରାୟ ସୂଚନା ଦେଇଛନ୍ତି।

**ଟଙ୍କା ଦେଣନେଣକୁ ନେଇ ଲାଗି ରହିଥିଲା ବିବାଦ**

# ୫୨ନଂ ୱାର୍ଡରେ ୩ଟି ପ୍ରକଳ୍ପ ଉଦ୍‌ଘାଟିତ



**କଟକ, ୧୦।୮ (ସମିସ):** ମହାନଗର ନିଗମ ଅନ୍ତର୍ଗତ ୫୨ନଂ ୱାର୍ଡସ୍ଥିତ ରାଜେନ୍ଦ୍ର ନଗର ଅଞ୍ଚଳରେ ସିଏମସି ପକ୍ଷରୁ ୨୫ ଲକ୍ଷ ଟଙ୍କା ବ୍ୟୟରେ ପି ଏସ ଲେନ, ପଣ୍ଡିତ ଲେନ ଏବଂ ପାଇକରାୟ ଲେନରେ ସ୍ମାର୍ଟ ପେଭର ବ୍ଲକ ରୋଡ ଏବଂ ଆରସିସି ଡ୍ରେନର ଶୁଭ ଉଦଘାଟନ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସିଟି ଇଂଜିନିୟର ଅତନୁ ସାମନ୍ତ, ସାହି ମୁରବୀ ଉଲ୍ଲାସ ପାଇକରାୟ, ଶ୍ରଦ୍ଧାନନ୍ଦ ପରିଜା, ଗୋବିନ୍ଦ ପତି, ଶରତ ଚନ୍ଦ୍ର ପତି, ରମେଶ ଚୌଧୁରୀ, ଦୀପକ ଲେଙ୍କା, ଗଜେନ୍ଦ୍ରନାଥ ନାୟକ, ମଙ୍ଗଳା ମନ୍ଦିର ମହଲା ସଭାର ସମ୍ପାଦକ ସରୋଜ ପ୍ରସାଦ ସ୍ୱାଇଁ, କୋଷାଧ୍ୟକ୍ଷ ଶୁଭେନ୍ଦୁ ମିଶ୍ର, ବିଭୂତି ଭୂଷଣ ନାୟକ, ବାପୁ ଦାସ, ରଞ୍ଜିତ ସୁବୁଦ୍ଧି, ସଞ୍ଜୟ ପାତ୍ର, ଅଜିତ ନାୟକ, ପ୍ରଦୀପ ସେଠୀ, ଫିରୋଜ ମହାପାତ୍ର, ଟୁକୁ ମହାପାତ୍ର, ବୁଲୁ ରାଉତରାୟ, ପ୍ରମୋଦ ଛାଟୋଇ, ରାଜେନ୍ଦ୍ର ମହାପାତ୍ର, ନଗେନ ଦାସ, ସୁଶାନ୍ତ ବେହେରା, ରବୀନ୍ଦ୍ର ମହାନ୍ତି, ପ୍ରଭାତୀ ଦତ୍ତ, ରେଖା ଦାସ, ରିଙ୍କି ଗୌଡ଼, ଟୁନା ମଲ୍ଲିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିର୍ମଳ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲ୍ ଉଦ୍‌ଯାପିତ




**କଟକ, ୧୦।୮ (ସମିସ):** ଦୁଇଦିନ ବ୍ୟାପୀ ଚାଲିଥିବା ୨୦୨୫ର ଷଷ୍ଠ ନିର୍ମଳ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲ୍‌ର ଉଦଯାପିତ ହୋଇଛି। ବରିଷ୍ଠ ସିନେମାଟୋଗ୍ରାଫର ତଥା ପୂର୍ବତନ ନିର୍ଦ୍ଦେଶକ ବିଜୁ ପଟ୍ଟନାୟକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ, କଟକର ସୁରେନ୍ଦ୍ର କୁମାର ସାହୁ ଏବଂ ବଲିଉଡ ଅଭିନେତା ଗୋବିନ୍ଦ ନାମଦେବଙ୍କୁ ଜୀବନବ୍ୟାପୀ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଥିବା ଚଳଚ୍ଚିତ୍ର ଗୁଡିକ ହେଲା, ସର୍ବୋତ୍ତମ କ୍ଷୁଦ୍ର ଚଳଚ୍ଚିତ୍ର ଅନୁବାବା, ଶ୍ରେଷ୍ଠ ନିର୍ଦ୍ଦେଶକ ଦୀପ୍ତି ଅଶ୍ୱିନୀ ଉପାଧ୍ୟାୟ ଏବଂ ଅଶ୍ୱିନୀ କୁମାର ଉପାଧ୍ୟାୟ 'ନିର୍ବାକ୍'। ସର୍ବୋତ୍ତମ ସିନେମାଟୋଗ୍ରାଫର ରଣଜିତ୍ କୁମାର ରଥ 'ଆଦମିଆ'। ସର୍ବୋତ୍ତମ ସମ୍ପାଦନା ତେଜୁସ୍ ଆଶା ରାଜନ 'ମୋ ମାତା ମୋର ବିଶ୍ୱ'। ଶ୍ରେଷ୍ଠ ଲେଖକ ଅକ୍ଷୟ କୈଳାଶ ଯାଦବ 'ଖାରା ମୋଡାକ୍'। ଶ୍ରେଷ୍ଠ ଅଭିନେତା (ପୁରୁଷ) ବିବେକ ଉପାଧ୍ୟାୟ 'ଆଡିୟୁ'। ଶ୍ରେଷ୍ଠ ଅଭିନେତା (ମହିଳା) ଇ ସଞ୍ଚିତା ପାତ୍ରୀ 'ଅଦମ୍ୟ'। ସର୍ବୋତ୍ତମ ସଙ୍ଗୀତ ଦିପ୍ତିମାନ 'ଅନୁବାବା'। ଶ୍ରେଷ୍ଠ ଲେଖକ ଅଜୟ ମହାପାତ୍ର, ଚଳଚ୍ଚିତ୍ର ଭୋଟ୍ ସର୍ବୋତ୍ତମ ସଙ୍ଗୀତ, ଅଭିଜିତ୍ ମଜୁମଦାର ଚଳଚ୍ଚିତ୍ର ଆଭା, ଶ୍ରେଷ୍ଠ ସମ୍ପାଦକ, ଅସୀମ କୁମାର ସିହ୍ନା, ଚଳଚ୍ଚିତ୍ର ଚାମ୍ବଲ୍ ପ୍ୟାର। ଶ୍ରେଷ୍ଠ ସିନେମାଟୋଗ୍ରାଫର, ନୀତେଶ ରାଓତ ଚଳଚ୍ଚିତ୍ର, ବାଦଗୁମାନ। ଶ୍ରେଷ୍ଠ ଅଭିନେତା (ପୁରୁଷ) ଅଭିଷେକ ଆର୍ଯ୍ୟ ଚଳଚ୍ଚିତ୍ର ଚାମ୍ବଲ୍ ପ୍ୟାର। ଶ୍ରେଷ୍ଠ ଅଭିନେତା (ମହିଳା) ତ୍ରିପୁରୀ ଯାଦବ, ବାଦଗୁମାନ, ସୋନା ମଲିକ୍, ଚଳଚ୍ଚିତ୍ର ଆଭା, ଶ୍ରେଷ୍ଠ ନିର୍ଦ୍ଦେଶକ ପାଲ୍ଲାଭ ରୟ ଚଳଚ୍ଚିତ୍ର ଆଭା, ସର୍ବୋତ୍ତମ ଫିଚର୍ ଫିଲ୍ମ, ଆଭା ସାମାଜିକ ସଚେତନତା ପାଇଁ ବିଶେଷ ଉଲ୍ଲେଖ। ବଲିଉଡ ତଥା ଭାରତର ବିଶିଷ୍ଟ ଅଭିନେତା ନିର୍ମଳ ପାଣ୍ଡେଙ୍କ ସ୍ମୃତିକୁ ସମର୍ପିତ ଏହି ଉତ୍ସବ ତାଙ୍କର ସ୍ୱର୍ଣ୍ଣିମ ଅଭିନୟ ଓ କଳାକୁ ସ୍ମରଣ କରିଥିଲା। ଲାଲଗାଲିଚାରେ (ରେଡ୍ କାର୍ପେଟ୍) ବଲିଉଡ୍ ଓ ଭାରତୀୟ କଳାଜଗତର କେତେକ ପ୍ରମୁଖ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ପୂର୍ବତନ ବିପିଏଫଟିଆଇଓର ନିର୍ଦ୍ଦେଶକ ଓ ଭାରତର ପ୍ରସିଦ୍ଧ କ୍ୟାମେରାମ୍ୟାନ୍ ସୁରେନ୍ଦ୍ର ସାହୁ, ବଲିଉଡ୍ ପ୍ରଡକ୍ସନ୍ ଡିଜାଇନର୍ ସଞ୍ଜୟ ବତ୍ରା, ଅଭିନେତା ମହେନ୍ଦ୍ର ସିଂହ ରଘୁବଂଶୀ, ଅଲ୍ ଇଣ୍ଡିଆ ଆର୍ଟିଷ୍ଟ୍ସ ଆସୋସିଏସନ୍, ଶିମଲା, ଉପାଧ୍ୟକ୍ଷ ରେଖା ରୋହିତାଶୀ ଗୌର, ଆଓ ନେକ୍ସଟ ପ୍ରତିଷ୍ଠାତା ଓ ସିଇଓ କୌଶିକ ଦାସ, ବିପିଏଫଟିଆଇଓର ନିର୍ଦ୍ଦେଶକ ସୁବ୍ରରଞ୍ଜନ ରାୟ, ଅଭିନେତ୍ରୀ ପିଙ୍କି ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶକ ଅମୋଦ କୃଷ୍ଣ ଭଟ୍ଟ, ଗାୟିକା ସୁଭଶ୍ରୀ ଭଟ୍ଟ, ଓଡ଼ିଆ ସିନେ-ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୋର୍ଯ୍ୟ ଯୋଗଦେଇଥିଲେ।

# ଡ୍ରିମ୍‌ସ ନର୍ସିଂ ସ୍କୁଲରେ ସଂକଳ୍ପ ପାଠ ଉତ୍ସବ




**କଟକ, ୧୦।୮ (ସମିସ):** କର୍ତ୍ତବ୍ୟ ନିଷ୍ଠା, ସମର୍ପଣ ଭାବ ଓ ସମୟାନୁବର୍ତ୍ତିତା ହିଁ 'ସେବା'କୁ ଆଗକୁ ନେଇଥାଏ। ଏହାକୁ ନିଜର ବୃତ୍ତିଗତ ଜୀବନରେ ପ୍ରଦର୍ଶନ କରୁଥିବା ସେବିକା ହିଁ ହୁଏ ସମାଜରେ ସ୍ୱତନ୍ତ୍ର ସମ୍ମାନର ଅଧିକାରିଣୀ। ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଆୟୋଜିତ ସଂକଳ୍ପ ପାଠ ଓ ଲ୍ୟାମ୍ପ ଲାଇଟିଂ ଉତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ଏହି ମତ ପୋଷଣ କରିଛନ୍ତି। ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବ ପ୍ରାରମ୍ଭରେ ଅତିଥିମାନେ କର୍ମଯୋଗୀ ଧନେଶ୍ୱର ରଥ ଓ ମହାନ୍ ସେବିକା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ନିମନ୍ତ୍ରିତ ଅତିଥି, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ମୁଖ୍ୟଅତିଥି ଆଚାର୍ଯ୍ୟ ହରିହର ସ୍ୱାତକୋତ୍ତର କର୍କଟ ପ୍ରତିଷ୍ଠାନର 'ଡିନ' ପ୍ରଫେସର ଡା. ରେଖା ଦାସ, ସମ୍ମାନିତ ଅତିଥି 'ଫ୍ଲୋରେନ୍ସ ନାଇଟିଙ୍ଗେଲ ଜାତୀୟ ପୁରସ୍କାର' ବିଜୟିନୀ ସୁଦୂର ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭାରପ୍ରାପ୍ତ ଅଧୀକ୍ଷକ ଭାବରେ କାର୍ଯ୍ୟରତ ସେବିକା ସଂଯୁକ୍ତା ସେଠୀ ଯୋଗଦେଇ ନିଜ ସାଧନା ଓ ଦୀର୍ଘ ୩୦ ବର୍ଷର ଚାକିରୀ ଜୀବନର ଅଭିଜ୍ଞତା ବର୍ଣ୍ଣନାରେ କହିଲେ ସେବାକୁ ଭଲ ପାଇବାର ମାନସିକତା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସମର୍ପଣ ଭାବ ନେଇ କାର୍ଯ୍ୟ କରି ନିଜର ଓ ପିତାମାତାଙ୍କ ଗୌରବାନ୍ୱିତ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ପ୍ରକାଶ କୁମାର ହୋତା ନର୍ସିଂ ବୃତ୍ତିର ମହନୀୟତା ସମ୍ପର୍କରେ ଉଲ୍ଲେଖ କରି ଏହାକୁ ଆହ୍ୱାନ ଭାବରେ ଗ୍ରହଣ କରି ଆଗକୁ ବଢ଼ିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା ବକ୍ତବ୍ୟ ପ୍ରଦାନ କରି 'ମାନବ ସେବା ହିଁ ମାଧବ ସେବା' ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ପ୍ରଥିମା ପ୍ରକାଶମ୍ ସ୍ୱାଗତ ଅଭିଭାଷଣ ଓ ଉପାଧ୍ୟକ୍ଷା ଏନ୍ ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ ଏସ୍‌ଏନ୍‌ଏଆଇ ବିବରଣୀ ଉପସ୍ଥାପନ କରିଥିଲେ। ବିଏସ୍‌ସି ନର୍ସିଂର ଇପ୍‌ସିତା ପ୍ରିୟଦର୍ଶିନୀ ସେଠୀ ଓ ପିୟୂଷ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଚିତ୍ରଶିଳ୍ପୀ ଅର୍ଜୁନ ମହାରଣାଙ୍କ ପରଲୋକ



**କଟକ, ୧୦।୮ (ସମିସ):** ରାଜ୍ୟର ପ୍ରମୁଖ ତଥା ପୁରୁଖା ଚିତ୍ରଶିଳ୍ପୀ ଅର୍ଜୁନ ମହାରଣା (୭୧)ଙ୍କ ଫୁଲନଖରାର ସୋମ-୨ ଘରୋଇ ଡାକ୍ତରଖାନାରେ କୀଡନି ରୋଗରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ପ୍ରମିଳା ମହାରଣା, ଦୁଇ କନିଷ୍ଠ ଭ୍ରାତା, ତିନି ପୁତ୍ର ଓ ପୁତ୍ରବଧୂ, କନ୍ୟା, ଜାମାତା, ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାରଣା ଜଣେ ଲୋକପ୍ରିୟ ଚିତ୍ରଶିଳ୍ପୀ, ଆଧ୍ୟାତ୍ମିକପ୍ରେମୀ, ଧର୍ମପରାୟଣ ମିଷ୍ଟଭାଷୀ ବ୍ୟକ୍ତି ରୂପେ ସ୍ଥାନୀୟ ମାନପୁର, ତିଗିରିଆ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ମାନପୁର, ବିନ୍ଧାଣିମା, ମାଣିଆବନ୍ଧ, ତିଗିରିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ସିଡିଏ ବରିଷ୍ଠ ନାଗରିକ ମହାସଂଘର ମହାସଚିବ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ମହାସଂଘ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାରଣାଙ୍କ ସାନ ଭାଇ ରାଜ୍ୟର ପ୍ରମୁଖ ଚିତ୍ରଶିଳ୍ପୀ, ପ୍ରାକ୍ତନ ଚିତ୍ରକଳା ଅଧ୍ୟାପକ କେନ୍ଦ୍ରୀୟ ବିଦ୍ୟାଳୟ କଟକ-୧ ତଥା ସିଡିଏ ବରିଷ୍ଠ ନାଗରିକ ମହାସଂଘର ଉପସଭାପତି ନକୁଳ ଚନ୍ଦ୍ର ମହାରଣା ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ତାଙ୍କ ଶେଷକୃତ୍ୟ ନିଜ ଗ୍ରାମ ଶ୍ମଶାନରେ ଜ୍ୟେଷ୍ଠ ପୁତ୍ର ସୁରେନ୍ଦ୍ର ମହାରଣାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା।

# ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରାବାସ କର୍ମଚାରୀ ସଂଘର ବୈଠକ



**କଟକ, ୧୦।୮ (ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ଥିବା ୧୩ଟି ହଷ୍ଟେଲର ବିଭିନ୍ନ ସମସ୍ୟା ପାଇଁ ଛାତ୍ରାବାସ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସମ୍ପାଦିକା ମୀନା ପଣ୍ଡା, ବିଶ୍ୱନାଥ ଦାସ, କ୍ଷମାନିଧୀ ବେହେରା, ଦୀପକ ଦାସ, ସଞ୍ଜୁବାଳା ପ୍ରଧାନ, ବସନ୍ତ ବାରିକ, ସୁଦର୍ଶନ ବାରିକ, ଚିନ୍ମୟୀ ଦାସ, ଚିତ୍ତ ସାମନ୍ତରା ପ୍ରମୁଖ ଆଲୋଚନା କରିଥିଲେ। ଏକ ବର୍ଷ ଧରି ଅବସର ନେଇଥିବା କର୍ମଚାରୀଙ୍କୁ ପ୍ରାପ୍ୟ ପ୍ରଦାନ, ହଷ୍ଟେଲ ଗୁଡିକରେ ଖାଲିଥିବା ପଦ ପୂରଣ, ସର୍ବନିମ୍ନ ମଜୁରୀ ପ୍ରଦାନ, ଘରଭଡ଼ା ନେଇ ବାହାରେ ରହୁଥିବା କର୍ମଚାରୀଙ୍କୁ କ୍ୟାମ୍ପସ ପରିସରରେ ଗୃହ ପ୍ରଦାନ କରିବା ପ୍ରମୁଖ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା।

# ଟ୍ରକ୍ ଦୁର୍ଘଟଣାରେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ମୃତ୍ୟୁ

କଟକ, ୧୦।୮ (ସମିସ): ମଧୁପାଟଣା ଥାନା ଅନ୍ତର୍ଗତ ସମ୍ରାଟ ସିନେମା ହଲ୍ ନିକଟରେ ଟ୍ରକ ଧକ୍କାରେ ଜଣେ ମାନସିକ ଅନଗ୍ରସରଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଲିଙ୍ଗରାଜ ସାମନ୍ତ। ପୁଲିସ ଏହି ଘଟଣାରେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛି। ପୁଲିସ ସୂଚନା ଅନୁଯାୟୀ, ପ୍ରେସ ଛକରୁ ଚାଉଳିଆଗଞ୍ଜ ଆଡ଼କୁ ମଧୁପାଟଣା ଓଭରବ୍ରିଜ ଉପରେ ଏକ ଟ୍ରକ୍ ଯାଉଥିଲା। ସମ୍ରାଟ ସିନେମା ହଲ୍ ନିକଟରେ ଜଣେ ମାନସିକ ଅନଗ୍ରସର ବ୍ୟକ୍ତି ରାସ୍ତା ପାର୍ ହେଉଥିବା ବେଳେ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଟ୍ରକ ଧକ୍କାରେ ଘଟଣାସ୍ଥଳରେ ସେହି ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମଧୁପାଟଣା ଥାନା ପୁଲିସ ପକ୍ଷରୁ ଓଏପିଏଫ୍ କର୍ମଚାରୀ ରାଜେନ୍ଦ୍ର ହେମ୍ବ୍ରମ୍ ଏ ନେଇ ଥାନାରେ ଏତଲା ଦେଇଥିଲେ। ପୁଲିସ ଏହି ଏତଲା ଆଧାରରେ ଏକ ମାମଲା ରୁଜୁ କରି ଟ୍ରକ ଚାଳକ ଲିଙ୍ଗରାଜ ସାମନ୍ତକୁ ଗିରଫ କରିଥିବା ସୂଚନା ମିଳିଛି।

**ଟ୍ରକ୍ ଜବତ: ଚାଳକ ଗିରଫ**

# ଆସୁଛନ୍ତି ଗଜାନନ | ଚାନ୍ଦିରେ ଚମକିବ ଶୁଣ୍ଢ, କାନ, ଦାନ୍ତ

**କଟକ,୧୦।୮ (ସମିସ)**

ପାର୍ବଣର ପ୍ରଥମ ପର୍ଯ୍ୟାୟ ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନରେ ରୌପ୍ୟନଗରୀକୁ ଆସିବେ ଗଜାନନ। ପାର୍ବଣ'ର ପହିଲି ଚିଟାଉ ଧରି ହଜାର ବର୍ଷର ସହରରେ ପୂଜା ପାଇବେ ଶ୍ରୀଗଣେଶ...ଦୁଲୁକିବ କଟକ। ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ଝଲସି ଉଠିବ ମହାନଦୀବିହାରରୁ ମର୍କତନଗର। ମହାନଦୀ ଆଉ କାଠଯୋଡି'ର ହୃଦୟ ଚିରା ବକ୍ଷ'ରେ ଏ ସହରରେ ଶୁଭିବ 'ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ.. ନିର୍ବିଘ୍ନ କୁରୁମେ ଦେବୋ, ସର୍ବକାର୍ଯ୍ୟେଷୁ ସର୍ବଦା'.. କଟକିଆ ବରାଦ ଦେଇ ନିର୍ଦ୍ଧୁମ୍ ପିଟିବେ ଶିଙ୍ଘ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା, ଘଣ୍ଟ ସାଂଗକୁ ବ୍ୟାଣ୍ଡ ବାଜା। ମୂର୍ତ୍ତି ଗଢ଼ା ଚାଲିଲାଣି। ପୂଜାର ପୂର୍ବପ୍ରସ୍ତୁତିର ଝଲକକୁ ନେଇ ଆରମ୍ଭ ବିଶେଷଃ ଉପସ୍ଥାପନା....ଆସୁଛନ୍ତି ଗଜାନନ।

ଭାଇଚାରା ସହର କଟକରେ ରୟାଲ ବ୍ରଦର୍ସ କ୍ଲବ ସ୍ୱତନ୍ତ୍ର ପରିଚୟ ଜାହିର କରିଛି। ଶଙ୍କରପୁର ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ନେଇ ଗଢ଼ି ଉଠିଥିବା ଏହି କ୍ଲବ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ପ୍ରମୁଖ ଭୂମିକା ତୁଲାଉଛି। ଚଳିତବର୍ଷ ଗଣେଶ ପୂଜା ପାଳିବା ପାଇଁ କ୍ଲବ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଲାଣି। ଏଥର କ୍ଲବରେ ପ୍ରଭୁ ଗଜାନନଙ୍କ ଶୁଣ୍ଢ, କାନ ଓ ଦାନ୍ତ ଚାନ୍ଦିରେ ଚମକିବ।


୨୦୧୪ ମସିହାରେ ହାତଗଣତି ଯୁବକଙ୍କୁ ନେଇ କ୍ଲବ ପ୍ରତିଷ୍ଠା ହୋଇଥିଲା। ଏବେ ସଦସ୍ୟଙ୍କ ସଂଖ୍ୟା ଶହେ ଉପରେ। ଚଳିତଥର ଗଣେଶ ପୂଜା ନିମନ୍ତେ ୫ଲକ୍ଷ ୭୫ହଜାର ଟଙ୍କାର ବଜେଟ ଧାର୍ଯ୍ୟ ହୋଇଛି। ପ୍ରଭୁ ଗଜାନନଙ୍କ ପାଇଁ ଚାନ୍ଦି ଅଳଙ୍କାର ପ୍ରସ୍ତୁତ କରାଯାଇଥିବା ବେଳେ ଭସାଣ ଉତ୍ସବ ମଧ୍ୟ ଧୁମଧାମରେ କରାଯିବ। ବ୍ରହ୍ମପୁର ପ୍ରସିଦ୍ଧ ରୟାଲ ବ୍ରାଣ୍ଡ, ସମ୍ବଲପୁରରୁ ମା ଘଣ୍ଟେଶ୍ୱରୀ ମାଦଳ, ପୁରୀ ନାଗା ନୃତ୍ୟ କଳାକାର,

**ରୟାଲ ବ୍ରଦର୍ସ କ୍ଲବ୍**

କେନ୍ଦୁଝରରୁ କଳସ ନୃତ୍ୟ କଳାକାର, ପିପିଲିରୁ ଘୋଡା ନାଚ କଳାକାର, ଜଟଣୀରୁ ବାଘ ନାଚ କଳାକାର ଏବଂ ସାଲେପୁରରୁ ଘଣ୍ଟୁଆ ଦଳ ଭସାଣୀ ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ପାଲଟିବେ। ତେବେ କ୍ଲବର ଅନ୍ୟ ଏକ ବିଶେଷତ୍ୱ ଏହା ଯେ, ପୂଜା ବଜେଟରୁ ଯାହା ଅର୍ଥ ବଳକା ରହିବ ତାହା ସାମାଜିକ କାର୍ଯ୍ୟରେ ନିୟୋଜିତ ହେବ। ନିରାଶ୍ରୟ, ଅପରିଚିତ ଓ ମାନସିକ ବିକୃତ ଲୋକଙ୍କ ହିତରେ ବଳକା ଅର୍ଥ ଖର୍ଚ୍ଚ କରାଯିବ ବୋଲି କ୍ଲବର ସଭାପତି ରାକେଶ ରାଉତ, ସମ୍ପାଦକ ଲୋକନାଥ ଘୋଷ, ଉପସଭାପତି ରମେଶ ରାଉତ, ସହ ସମ୍ପାଦକ ଅନୀଲ ଘୋଷ, କୋଷାଧ୍ୟକ୍ଷ ଅନୀଲ ବେହେରା ସୂଚନା ଦେଇଛନ୍ତି।



# ମହାନଦୀବିହାର ପେନ୍‌ସନ୍ ଆସୋସିଏସନ୍ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ



**କଟକ, ୧୦।୮ (ସମିସ):** ମହାନଦୀବିହାର ପେନସନ ଆସୋସିଏସନ ପକ୍ଷରୁ ୪୨ମୌଜା, ବେଣ୍ଟକାର ସ୍ଥିତ ବେଲେଶ୍ୱର ମୂକ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଖାତା, କଲମ ଓ ଅନ୍ୟାନ୍ୟ ପାଠ୍ୟ ଉପକରଣ ମାନ ବଣ୍ଟନ କରାଗଲା। ଆଜିର ଏହି କାର୍ଯ୍ୟକ୍ରମରେ ଆସୋସିଏସନର ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦାଶ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ କର, ଯୁଗ୍ମ ସମ୍ପାଦକ ମହେନ୍ଦ୍ରନାଥ ପଣ୍ଡା ଓ ଅନ୍ୟାନ୍ୟ ବରିଷ୍ଠ ସଭ୍ୟ ଯଥା ପ୍ରକାଶ ଚନ୍ଦ୍ର ନାୟକ, ନିମାଇଁ ଚରଣ ମହାନ୍ତି, ତାପସ ଚନ୍ଦ୍ର ସାମନ୍ତ, ଅତନୁ ଚନ୍ଦ୍ର ଦାସ, ଶରତ ପାଣି, ପ୍ରଭାକର ରଣା, ପ୍ରମୁଖ ଉପସ୍ଥିତ ଥିଲେ। ଏମଡିଏର ବରିଷ୍ଠ ସଭ୍ୟ ଗୋଲେଖ ଚନ୍ଦ୍ର କାନୁନଗୋ ମଧ୍ୟ ଉପସ୍ଥିତ ରହିଥିଲେ।

# ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ



**କଟକ, ୧୦।୮ (ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ କଟକ ଆନୁକୂଲ୍ୟରେ ଏକ ଆଇନ ସାହାୟତା କେନ୍ଦ୍ର କଟକ ବକ୍ସି ବଜାରସ୍ଥିତ ଜିଲ୍ଲା ସୈନିକ ବୋର୍ଡ ପରିସରରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ ଦାୟିତ୍ୱରେ ଥିବା ରାଜ କିଶୋର ମହାପାତ୍ର ଉପସ୍ଥିତ ରହି ଏହି ସହାୟତା କେନ୍ଦ୍ରଟିର ଉଦଘାଟନ କରିଥିଲେ। ଏହି ଆଇନ ସହାୟତା କେନ୍ଦ୍ରରେ ଆମ ଦେଶକୁ ସୁରକ୍ଷା ଦେଉଥିବା ସୈନିକମାନେ ଏବଂ ସେମାନଙ୍କ ପାରିବାରକୁ ଆଇନ ସହାୟତା ଦେବାରେ ସହାୟକ ହେବ। ଏହି ଉଦଘାଟନ ଉତ୍ସବରେ ସୈନିକ ବୋର୍ଡର ଲେଫ୍ଟନାଣ୍ଟ ବିଏନ ପାତ୍ର ଯୋଗଦେବା ସହିତ ବୋର୍ଡର ଅନ୍ୟାନ୍ୟ କର୍ମଚାରୀ, ପ୍ୟାନେଲ ଆଇନଜୀବୀ, ପିଏଲଭି ଓ ପ୍ରାଧିକରଣ କର୍ମଚାରୀ ଉପସ୍ଥିତ ଥିଲେ। କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଆଜିର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ

## କ୍ରମାଗତ ୬ ବର୍ଷ ହେଲା ଲଢ଼ିନାହାନ୍ତି ନିର୍ବାଚନ

# ନିର୍ବାଚନ କମିଶନ ତାଲିକାରୁ ହଟିଲେ ଓଡ଼ିଶାର ୫ ଦଳ

ଭୁବନେଶ୍ୱର,୧୦।୮ (ସମିସ): ଦେଶର ୩୩୪ଟି ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳକୁ ଶନିବାର ଭାରତୀୟ ନିର୍ବାଚନ ଆୟୋଗ ତାଲିକାରୁ ବାଦ୍ ଦେଇଛନ୍ତି। ଏହା ମଧ୍ୟରେ ଓଡ଼ିଶାର ବୀର ଓଡ଼ିଆ ପାର୍ଟି, ଓଡ଼ିଶା ସୋସିଆଲିଷ୍ଟ ପାର୍ଟି, ପିପୁଲ୍ସ ପାର୍ଟି ଅଫ୍ ଇଣ୍ଡିଆ (ସେକୁଲାର), ସୋସିଆଲିଷ୍ଟ ୱାର୍କର୍ସ ପାର୍ଟି ଓ ଉତ୍କଳ ଭାରତ ମଧ୍ୟ ସାମିଲ ଥିବା ସୂଚନା ମିଳିଛି।

**ସୂଚୀରୁ ବାଦ୍ ସାରା ଦେଶରୁ ୩୩୪ ରାଜନୈତିକ ଦଳ**

୨୦୧୯ ପରଠାରୁ ଉକ୍ତ ରାଜନୈତିକ ଦଳ ଗୁଡ଼ିକ ଲଗାତାର ଭାବେ କୌଣସି ନିର୍ବାଚନ ଲଢ଼ିନଥିଲେ। ସେହିପରି ଉକ୍ତ ରାଜନୈତିକ ଦଳ ଗୁଡ଼ିକ ଦେଇଥିବା ନିଜର ଠିକଣାରେ ସେମାନଙ୍କର କୌଣସି କାର୍ଯ୍ୟାଳୟ ନ ଥିବା କ୍ଷେତ୍ରସ୍ତରୀୟ ଅନୁସନ୍ଧାନକୁ ଜଣାପଡ଼ିଥିଲା। ଏସବୁକୁ ବିଚାରକୁ ଜନ ପ୍ରତିନିଧି ଆଇନ ୧୯୫୧ ଅନ୍ତର୍ଗତ ଧାରା ୨୯-ବି ଓ ୨୯-ସି ଅନୁଯାୟୀ ଏହି ରାଜନୈତିକ ଦଳ ଗୁଡ଼ିକୁ ତାଲିକାରୁ ବାଦ୍ ଦିଆଯାଇଛି। ଏଥିରେ ଉତ୍ତର ପ୍ରଦେଶର ସର୍ବାଧିକ ୧୧୧୫ଟି ରାଜନୈତିକ ଦଳ ଥିବା ବେଳେ ଦିଲ୍ଲୀର ୨୭, ତାମିଲନାଡୁର ୨୨, ହରିୟାଣାର ୨୧, ବିହାରର ୧୭ ଏବଂ ମଧ୍ୟ ପ୍ରଦେଶର ୧୫ଟି ଦଳ ରହିଛନ୍ତି।

## ମନ୍ଦିର ଚାରିପଟେ ବୁଲି ଭକ୍ତଙ୍କୁ ଲୁଟୁଥିଲେ

# ପୁଲିସ ପଞ୍ଝାରେ ୧୨ ନକଲି ସେବାୟତ

ପୁରୀ,୧୦।୮ (ସମିସ): ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ବୁଲି ଭକ୍ତଙ୍କୁ ଲୁଟୁଥିବା ୧୨ ନକଲି ସେବାୟତଙ୍କୁ ଆଜି ପୁରୀ ପୁଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ହରଚଣ୍ଡୀ ସାହି ନାଗାମଠ ଲେନ୍‌ର ପ୍ରଦୀପ ବେହେରା, ହରଚଣ୍ଡୀ ସାହିର ବଳରାମ ବଡ଼ପଣ୍ଡା, ଲୋକନାଥ ରୋଡ୍‌ର ମହିମା ପ୍ରସାଦ ବରାଳ, ଘୋଡ଼ା ବାସେଳିସାହିର ମନୋରଞ୍ଜନ ସାହୁ, ମାଟିମଣ୍ଡପ ସାହିର ଜଗନ୍ନାଥ ଦାଶ, ମାର୍କଣ୍ଡେଶ୍ୱର ସାହିର ଅର୍ଜୁନ ପୃଷ୍ଟି, ମଣିମହାସୁଆର ବଗିଚାର ଜଗନ୍ନାଥ ମିଶ୍ର, ଲୋକନାଥ ଘାଟର ମହେଶ୍ୱର ଦାସ, ନୂଆପାଟଣା ଗଳିର ସନ୍ତୋଷ ରାଉତ, ଦୋଳମଣ୍ଡପ ସାହି ନାରାୟଣ ଲେନ୍‌ର ସୋନୁ ଦାସ, ମାର୍କଣ୍ଡେଶ୍ୱର ସାହି ଅଲେଇ ଗଳିର ପ୍ରଦୀପ ତ୍ରିପାଠୀ ଓ ବ୍ରହ୍ମପୁରର ସାଗର ରଥ। ସେମାନଙ୍କଠାରୁ ପୁଲିସ୍ ୧୪ଟି ମୋବାଇଲ୍, ୨୦ ହଜାର ଟଙ୍କା ଜବତ କରିଛି। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କଠାରୁ କିଛି ଅସାମାଜିକତତ୍ତ୍ୱ ଓ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ଟଙ୍କା ଆଦାୟ କରୁଥିବା ପୁରୀ ପୁଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଏମାନେ ନିୟମିତ ଭାବେ ବଡ଼ଦାଣ୍ଡ ଏବଂ ପରିକ୍ରମା ରାସ୍ତାରେ ଏକତ୍ରିତ ହୋଇ ଭକ୍ତମାନଙ୍କୁ ବିଶେଷକରି ଅଣଓଡ଼ିଆମାନଙ୍କୁ ଟାର୍ଗେଟ କରୁଥିଲେ। ପାରମ୍ପରିକ ପୋଷାକ ପିନ୍ଧି ଶ୍ରୀମନ୍ଦିର ସେବାୟତ ଭାବେ ନିଜକୁ ପରିଚୟ ଦେଉଥିଲେ। ଏହି ଗୁପ୍ତ ସୂଚନା ଆଧାରରେ ଏସ୍‌ପି ଏମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ। ଶନିବାର ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା। ଏହି ସ୍ୱତନ୍ତ୍ର ଟିମ୍ ମନ୍ଦିର ଚତୁଃପାର୍ଶ୍ୱରେ ରହି ଅସାମାଜିକ ତତ୍ତ୍ୱଙ୍କ ଉପରେ ନଜର ରଖିଥିଲା। ବିଭିନ୍ନ ଉପାୟରେ ଭକ୍ତଙ୍କଠାରୁ ଟଙ୍କା ଆଦାୟ, ଏପରିକି, ଧମକ ଏବଂ କେତେକ କ୍ଷେତ୍ରରେ ହିଂସା ଆଚରଣ କରୁଥିବା ଦେଖିବାକୁ ମିଳିଥିଲା। ଅଭିଯୁକ୍ତମାନେ ଟଙ୍କା ନେଇ ଭକ୍ତଙ୍କୁ ଦର୍ଶନରେ ସହଯୋଗ କରାଇଦେବାକୁ ପ୍ରସ୍ତାବ ଦେଉଥିଲେ। ଯେଉଁମାନେ ରାଜି ହେଉ ନ ଥିଲେ ସେମାନଙ୍କୁ ଅପମାନଜନକ ଭାଷା ଏବଂ ଧମକ ଦେଉଥିଲେ। ପୁଲିସ ଏମାନଙ୍କୁ ପିଛା କରି କାବୁ କରିବାରେ ସଫଳ ହୋଇଥିଲା।

**ଟାର୍ଗେଟ୍‌ରେ ଥିଲେ ଅଣଓଡ଼ିଆ ଭକ୍ତ**
**୧୪ ମୋବାଇଲ୍, ୨ ହଜାର ଟଙ୍କା ଜବତ**

ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନଙ୍କ ଶ୍ରୀମନ୍ଦିରର ରୀତିନୀତି କିମ୍ବା ପରମ୍ପରା ସହିତ କୌଣସି ସମ୍ପର୍କ ନଥିଲା। ଅଭିଯୁକ୍ତମାନେ ନିଜକୁ ସେବାୟତ ବୋଲି ପରିଚୟ ଦେଇ ପୂଜା କରିବା ଏବଂ ମାଗଣା ଦର୍ଶନ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଭକ୍ତମାନଙ୍କୁ ଠକୁଥିଲେ। କୌଣସି ଅଧିକାର ବିନା ଜୋର୍‌ଜବରଦସ୍ତି ଟଙ୍କା ଆଦାୟ କରୁଥିବା ଜଣାପଡ଼ିଥିଲା।

## କୁଲଡିହାରୁ ଦୁଇ ଶିକାରୀ ଗିରଫ



ନୀଳଗିରି, ୧୦।୮ (ସମିସ): ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟରୁ ବନ ବିଭାଗ ଆଜି ଦୁଇ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ଡେଉଁଚଖାଲ ଅଞ୍ଚଳର ସ୍ୱର୍ଗତ ବନମାଳୀ ସିଂଙ୍କ ପୁଅ ହଗୁରା ସିଂ ଏବଂ ସିନ୍ଧୁରିଆ ଗ୍ରାମର ଶଙ୍କରା ସିଂଙ୍କ ପୁଅ ସନିଆ ସିଂ। ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ, ବାରୁଦ, ଛୁରି, ଫାଶ ଜବତ ହୋଇଛି। ଶିକାରୀଦ୍ୱ କୁଲଡିହା ଜଙ୍ଗଲରେ ପ୍ରବେଶ କରି ଶିକାର କରିବାକୁ ଯାଉଥିବା ବେଳେ ପାଟ୍ରୋଲିଂ ଟିମ୍ ହାବୁଡ଼ରେ ପଡ଼ିଥିଲେ। ଦୁଇ ଅଭିଯୁକ୍ତଙ୍କୁ କାବୁ କରି ନୀଳଗିରିସ୍ଥିତ କୁଲଡିହା ଅଫିସକୁ ଆଣିବା ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ

ସିମୁଳିଆ, ୧୦।୮ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଅଟକ ରଖିଛି। ସମ୍ପୃକ୍ତା ଛାତ୍ରୀ ଟିଉସନ୍‌ରୁ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ପ୍ରଶାନ୍ତ କୁମାର ସାମଲ ତାଙ୍କୁ କେନାଲ ବନ୍ଧ ନିକଟକୁ ଟେକିନେଇ ଦୁଷ୍କର୍ମ କରିଥିଲା। ଅପରପକ୍ଷେ ଘରକୁ ଫେରିବାରେ ଝିଅର ବିଳମ୍ବ ହେବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ। କେନାଲ ବନ୍ଧରେ ସନ୍ଦେହଜନକ ଭାବେ ଏକ ବାଇକ୍ ଥିବା ଲୋକେ ଦେଖିବାକୁ ପାଇଥିଲେ। ନାବାଳିକାଜଣକ ପାଟି କରିବାରୁ ପ୍ରଶାନ୍ତ ଦୌଡ଼ି ପଳାଇଥିଲା। କିନ୍ତୁ ପରେ ଲୋକେ ତାକୁ କାବୁ କରି ପୁଲିସ ଜିମା ଦେଇଥିଲେ।

## ହାତରେ ବୋମା ଫୁଟି ଉଡ଼ିଗଲା ପାପୁଲି

ଜଗତସିଂହପୁର,୧୦।୮ (ସମିସ): ହାତରେ ବୋମା ଫୁଟି ଉଡ଼ିଗଲା ପାପୁଲି। ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ କରକେଇ ହାଟ ନିକଟରେ ଆଜି ଏହି ଘଟଣା ଘଟିଛି। ଏଥିରେ ଦିବ୍ୟଜ୍ୟୋତି ଶତପଥୀ ନାମକ ଜଣେ ପେସାଦାର ଅପରାଧୀ ଆହତ ହୋଇଛି। ସୂଚନାନୁଯାୟୀ, ୨ ସହଯୋଗୀଙ୍କ ସହ ଦିବ୍ୟଜ୍ୟୋତି ସାଙ୍ଗରେ ବୋମା ଧରି କୌଣସି ଅପରାଧ ଘଟାଇବାକୁ ଏରସମା ଆଡ଼କୁ ବାଇକ୍‌ରେ ଯାଉଥିଲା। କରକେଇ ହାଟ ନିକଟରେ ଗୋଟିଏ ବୋମା ଦିବ୍ୟଜ୍ୟୋତି ହାତରେ ଫୁଟିଥିଲା। ଏଥିରେ ତା'ର ପାପୁଲି ଉଡ଼ି ଯାଇଥିଲା। ତାକୁ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ତେବେ ଏହି ଘଟଣା ପରେ ତା'ର ଅନ୍ୟ ଦୁଇ ସହଯୋଗୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ବାଲିକୁଦା ପୁଲିସ ଘଟଣାସ୍ଥଳରୁ ଏକ ଅଫୁଟା ବୋମା ଜବତ କରିବା ସହ ଫେରାର୍ ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।

## ଦୁର୍ଘଟଣାରେ ରେଳ କର୍ମଚାରୀ ମୃତ

ସୋନପୁର,୧୦।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ୨୬ ନମ୍ବର ଜାତୀୟ ରାଜପଥର ଚେରୁପାଲି ସ୍କୁଲ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଙ୍ଗୁରିପାଲି ରେଳ ଷ୍ଟେସନ କର୍ମଚାରୀ ସାଲେଭଟା ନିବାସୀ କାଳୀଚରଣ ନାଗ। ଅନ୍ୟପକ୍ଷେ ଖୁସାମାଲ ଗ୍ରାମର ଦୁଇ ଭାଇ ସୁଜିତ ଘିବେଲା ଓ ଅଜିତ ଘିବେଲା ଗୁରୁତର ହୋଇଛନ୍ତି। କାଳୀଚରଣ ଅଫିସ କାର୍ଯ୍ୟ ସାରି ସେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଚେରୁପାଲି ସ୍କୁଲ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୁରୁତର ୩ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

## 'ଡିସାଲାଇନେସନ୍ ଏସ୍‌ଡବ୍ଲୁଆର୍‌ଓ ଜଳ ବିତରଣ ପ୍ରକଳ୍ପ' ଶୁଭାରମ୍ଭ

# 'ମଧୁର ଜଳରେ ପରିଣତ ହେବ ସମୁଦ୍ରର ଲୁଣି ପାଣି'

ଛତ୍ରପୁର, ୧୦।୮ (ସମିସ): ଦୁଇଦିନିଆ ଗଞ୍ଜାମ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଛତ୍ରପୁର ଉପକଣ୍ଠ ମାଟିଖାଲ ସ୍ଥିତ ଆଇଆର୍‌ଇଏଲ (ଇଣ୍ଡିଆ) ଲିମିଟେଡ୍ ପରିସରରେ ସମୁଦ୍ରର ଲୁଣି ପାଣିକୁ ବିଶୋଧନ କରି ମଧୁର ଜଳରେ ପରିଣତ କରିବା ଦିଗରେ ଏକ ଡିସାଲାଇନେସନ୍ ଏସ୍‌ଡବ୍ଲୁଆର୍‌ଓ ଜଳ ବିତରଣ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଶ୍ରୀ ପ୍ରଧାନ ଏହି ୱାଟର୍ ୟୁନିଟ ପରିଦର୍ଶନ କରିବା ସହ ପାଣି ବିଶୋଧନ ପରେ ତା'ର ସ୍ୱାଦ ମଧ୍ୟ ଚାଖିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଆଜି ଯେଉଁ ପଦକ୍ଷେପର ଶୁଭାରମ୍ଭ ହୋଇଛି ତାହା ସାମୁଦ୍ରିକ ଲୁଣି ଜଳକୁ ମଧୁର ଜଳରେ ପରିଣତ କରିବା ଦିଗରେ ପ୍ରକ୍ରିୟାକରଣର ଏକ ପ୍ରକଳ୍ପ। ଗଞ୍ଜାମ ଏକ ଉପକୂଳବର୍ତ୍ତୀ ଜିଲ୍ଲା ହୋଇଥିବାରୁ ବିଭିନ୍ନ ଜଳ ସମସ୍ୟାର ସମ୍ମୁଖୀନ ହୋଇଥାଏ। ସମୁଦ୍ର ନିକଟତର ହେବା ସତ୍ତ୍ୱେ ଭୂତଳ ଜଳରେ ଲୁଣିଆ ସ୍ତର ଅଧିକ ଏବଂ ସୀମିତ ମଧୁର ଜଳ ସମ୍ପଦ ଯୋଗୁଁ ସ୍ୱଚ୍ଛ ପାନୀୟ ଜଳର ଉପଲବ୍ଧତା ଏକ ସ୍ଥାୟୀ ସମସ୍ୟା ହୋଇରହିଛି। ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ଏକ ମୌଳିକ ଆବଶ୍ୟକତା। ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳର ଜଳ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।



## ଜରିମାନା ପାଇଁ ୧୮ ଘଣ୍ଟା ପଡ଼ି ରହିଲା ଶବ

ରାଇରଙ୍ଗପୁର,୧୦।୮ (ସମିସ): ଜରିମାନା ନ ଦେବାରୁ ଜଣେ ମହିଳାଙ୍କ ଶବ ୧୮ ଘଣ୍ଟା ଧରି ପଡ଼ିରହିବା ଭଳି ଘଟଣା ମୟୂରଭଞ୍ଜ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ବିଜାତଳା ବ୍ଲକ ଅଧୀନ ବାଗଡ଼େଗା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ହେଲେ, ଗ୍ରାମର ସୁରାଇ ସୋରେନଙ୍କ ପତ୍ନୀ କାପୁରା ସୋରେନ। ସୁରାଇ ଜରିମାନା ବାବଦକୁ ୮୭ ହଜାର ଟଙ୍କା ଦେବା ପରେ ଗ୍ରାମବାସୀ ତାଙ୍କ ଶବ ସତ୍କାର କରାଇବାକୁ ଅନୁମତି ଦେଇଥିଲେ। ସୂଚନାନୁଯାୟୀ, ଶନିବାର ରାତି ପ୍ରାୟ ୨ଟା ବେଳେ କାପୁରାଙ୍କ ମୃତ୍ୟୁ ଘଟିଥିଲା। ସକାଳେ ଶବକୁ ସତ୍କାର କରିବାକୁ ବାହାରିବା ବେଳେ ଗ୍ରାମବାସୀ ମନା କରିଦେଇଥିଲେ। ତାଙ୍କ ପରିବାରକୁ ଗ୍ରାମବାସୀ ପୂର୍ବରୁ ଏକଘରିଆ କରିଥିଲେ। ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନର ସହାୟତା ପରେ ତଥା ୧୮ ଘଣ୍ଟାର ବିଚାରବିମର୍ଶ ପରେ ବାସନ୍ଦ ପରିବାରକୁ ଦଣ୍ଡିତ କରାଯାଇଥିବା ରାଶି ୮୭ ହଜାର ଟଙ୍କା ଜରିମାନା ଦେବାରୁ ଶବ ସତ୍କାର ପାଇଁ ଅନୁମତି ମିଳିଥିଲା।

## ■ ଶ୍ରୀବଳଭଦ୍ର ଜନ୍ମ ଓ ଝୁଲଣ ଯାତ୍ରା ଆଲୋଚନା

# ଝୁଲଣ ଯାତ୍ରା ମହାପ୍ରଭୁଙ୍କ ରାସଲୀଳା

ପୁରୀ,୧୦।୮ (ସମିସ): ଶ୍ରୀଜଗନ୍ନାଥ ଭକ୍ତ ସମାଜ ତରଫରୁ ଭକ୍ତ ସାଲବେଗ ପୀଠରେ ଶ୍ରୀମନ୍ଦିରରେ ଶ୍ରୀବଳଭଦ୍ରଙ୍କ ଜନ୍ମ ତଥା ଝୁଲଣ ଯାତ୍ରା ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ଅତିଥି ଓ ଭକ୍ତ ମହାପ୍ରଭୁଙ୍କ ଶ୍ରୀହସ୍ତରେ ରକ୍ଷାସୂତ୍ର ବନ୍ଧନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ପ୍ରଫେସର ଡ. ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇ ଝୁଲଣ ଯାତ୍ରା ମହାପ୍ରଭୁଙ୍କ ରାସଲୀଳା। ଏହା କୌଣସି ଦୈହିକ ବାସନା ଚିନ୍ତନର ବସ୍ତୁ ନୁହେଁ ବୋଲି କହିବା ସହ ଏହାର ଦାର୍ଶନିକତତ୍ତ୍ୱକୁ ଉପସ୍ଥାପନା କରିଥିଲେ। ଏହା ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରର ପ୍ରାୟ ସମସ୍ତ ମଠରେ ବହୁ ଆନନ୍ଦର ସହ ପାଳନ କରାଯିବା ସହ ଏଥିରେ ଓଡ଼ିଶାର ମୌଳିକ କଳା ସଂସ୍କୃତି ଯଥା- ପାଲା, ଦାସକାଠିଆ, ଓଡ଼ିଶୀ ନୃତ୍ୟ ପ୍ରଭୃତି ମଧ୍ୟ ପରିବେଷଣ କରାଯାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୁରାଣ ଇତିହାସ ବିଭାଗର ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର କବି ଭଗବାନଙ୍କ ଅବତାରବାଦ ଓ ବଳଭଦ୍ରଙ୍କ ଅବତାର ରହସ୍ୟକୁ ଉଦ୍‌ଘାଟନ କରିବା ସହ ଝୁଲଣ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଶ୍ରୀଜଗନ୍ନାଥ ମନ୍ଦିର ପୁରୋହିତ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ମାର୍କଣ୍ଡେୟ ସରୋବରରେ ବଳଭଦ୍ରଙ୍କ ଜନ୍ମ ଉତ୍ସବ ପାଳନ କରାଯାଏ ଓ ଶ୍ରୀସୁଦର୍ଶନଙ୍କ ନଗର ଭ୍ରମଣ ମଧ୍ୟ ହୋଇଥାଏ ବୋଲି କହିଥିଲେ। ଅନୁଷ୍ଠାନର ମାର୍ଗଦର୍ଶକ ଡ. ବଳରାମ ଦାଶ ଯୋଗଦେଇ ସ୍ୱାଗତ ଭାଷଣ ଦେବା ସହ ଝୁଲଣର ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ପୁଷ୍ପିତା ମାଳା ଓ ବର୍ଷା ପ୍ରିୟଦର୍ଶିନୀ ଭକ୍ତି ସଂଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ପୁଷ୍ପିତା ପଟ୍ଟନାୟକ, ପଣ୍ଡିତ ଦିବାକର ଷଡ଼ଙ୍ଗୀ, ସଂଯୁକ୍ତା ମହାପାତ୍ର, ବିଜୟ ସାହୁ, ଡ. ପ୍ରିୟବ୍ରତ ରଥ, ଡ. ଅଜୟାନନ୍ଦ ସାହୁ, ଶ୍ୟାମ ସୁନ୍ଦର ମହାପାତ୍ର, କୋଟେଶ ଚନ୍ଦ୍ର ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ଶଶିକାନ୍ତ ରଥ ସଭା ପରିଚାଳନା କରିଥିଲେ।

## ପୁରୀ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକୋତ୍ସବ

# ଐତିହାସିକ ତଥ୍ୟ ଉତ୍ତରପିଢ଼ି ପାଇଁ ସଂରକ୍ଷିତ ରହିବା ଜରୁରି

ପୁରୀ,୧୦।୮ (ସମିସ): ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ରବିବାର ପୁରୀ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସିଦ୍ଧ ସ୍ଥାପତ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ପିଢ଼ି ପାଇଁ ଐତିହ୍ୟ ସମ୍ବନ୍ଧୀୟ ସଚେତନତା ବିଷୟରେ ଆଲୋକପାତ କରିଥିଲେ। ବିଶିଷ୍ଟ ଐତିହାସିକ ଡ. ଅନିଲ ଧୀର ମୁଖ୍ୟବକ୍ତା ରୂପେ ଯୋଗଦେଇ ସମୟ ସ୍ରୋତରେ ଧ୍ୱଂସାଭିମୁଖୀ କୀର୍ତ୍ତିରାଜିଗୁଡ଼ିକ ଏବଂ ଏହି ଐତିହ୍ୟର ସଂରକ୍ଷଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଇନ୍‌ଟାକ୍‌ର ଆବାହକ ଡ. ବିଶ୍ୱଜିତ୍ ମହାନ୍ତି ଐତିହ୍ୟ ପଦଯାତ୍ରାର ଆଭିମୁଖ୍ୟ ଉପରେ ନିଜ ମତ ରଖିଥିଲେ। ବିଭିନ୍ନ ଐତିହ୍ୟ ସଂରକ୍ଷଣ କାର୍ଯ୍ୟକ୍ରମର ଡିଜିଟାଇଜେସନ୍ କରି ଏହାର ଜଗତୀକରଣ କରିବା ଦିଗରେ ଉଦୟଗିରି ଫାଉଣ୍ଡେସନର ଅଧ୍ୟକ୍ଷ ଜେ.ପି. ଜଗଦେବ ଆଲୋଚନା କରିଥିଲେ। ଐତିହାସିକ ତଥ୍ୟ ଆମ ଉତ୍ତର ପିଢ଼ିମାନଙ୍କ ପାଇଁ ସଂରକ୍ଷିତ ହୋଇ ରହିବା ଜରୁରୀ ବୋଲି ମତପ୍ରକାଶ କରିଥିଲେ ମହୀପ୍ରକାଶ ମଠର ମଠାଧୀଶ ଶୁଭାନନ୍ଦ ମହାରାଜ। ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ପୁସ୍ତକ 'ନବକଳେବରର ଐତିହ୍ୟ'ର ହିନ୍ଦୀ ସଂସ୍କରଣ ଉନ୍ମୋଚନ ସହିତ ଡ. ମିଶ୍ର ଐତିହ୍ୟ ଗବେଷଣା ସମ୍ପର୍କିତ ସମ୍ୟକ୍ ଆଲୋଚନା କରିଥିଲେ।




ଏହି ଅବସରରେ ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ସେବକ ବିଜୟ କୁମାର ମହାପାତ୍ର, ଐତିହ୍ୟ ଗବେଷକ ଓ ଲେଖକ କୃଷ୍ଣଚନ୍ଦ୍ର ମିଶ୍ର ଏବଂ ସାରଙ୍ଗଧର ରାୟଗୁରୁଙ୍କୁ ଐତିହ୍ୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ରାଜ୍ୟ ତଥା ପୁରୀର ବିଶିଷ୍ଟ ଐତିହ୍ୟ କର୍ମୀମାନଙ୍କୁ ଐତିହ୍ୟ ଶ୍ରୀ ତଥା ଐତିହ୍ୟ ବନ୍ଧୁ ସମ୍ମାନରେ ସମ୍ବର୍ଦ୍ଧନା ସହ କଟକ ଐତିହ୍ୟ ପଦଯାତ୍ରା, ଜଗତସିଂହପୁର ଐତିହ୍ୟ ପଦଯାତ୍ରା, ଢେଙ୍କାନାଳ ଐତିହ୍ୟ ପଦଯାତ୍ରା, ମୟୂରଭଞ୍ଜ ଐତିହ୍ୟ ପଦଯାତ୍ରା ଓ ବାଲେଶ୍ୱର ଦର୍ଶନର କର୍ମୀମାନଙ୍କୁ ଐତିହ୍ୟ ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମ ଅବସରରେ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟକୁ ଐତିହ୍ୟ ଗବେଷକ ପଣ୍ଡିତ ସିଦ୍ଧାର୍ଥ ଆଚାର୍ଯ୍ୟ ଓ ସାମ୍ବାଦିକା ରାଜଶ୍ରୀ ସାହୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ପୁରୀ ଐତିହ୍ୟ ପଦଯାତ୍ରାର ବାର୍ଷିକ ଉତ୍ସବର ସ୍ମରଣିକା 'ଐତିହ୍ୟ ଗବାକ୍ଷ' ପ୍ରକାଶ ପାଇଥିଲା। ପୁରୀ ଐତିହ୍ୟ ପଦଯାତ୍ରାର ଉପଦେଷ୍ଟା ଡ. ଦେବୀ ପ୍ରସନ୍ନ ନନ୍ଦ, ଆବାହକବୃନ୍ଦ ବିଶ୍ୱରଞ୍ଜନ ଦେହୁରୀ, ସଞ୍ଜୟ ବରାଳ ତଥା ଡ. କୁମାର ଅରୋଜ୍ୟୋତିଙ୍କ ଦିଗ୍‌ଦର୍ଶନରେ ଅଶୋକା ମଞ୍ଜରୀ ନାୟକ, ପ୍ରିୟଙ୍କା ମହାରଣା, ଜ୍ୟୋସ୍ନା ମହାପାତ୍ର, ସତ୍ୟପ୍ରକାଶ ନାୟକ, ଅଭିପ୍ସା ନାୟକ, ଦୁର୍ଗାମାଧବ ମହାନ୍ତି, ତନ୍ମୟ ଚାଟାର୍ଜୀ, ସୁପ୍ରଭା ସାହୁ, ବିଶ୍ୱମୋହନ ସାହୁ, ବିଶ୍ୱଶାନ୍ତି ତ୍ରିପାଠୀ, ଯଜ୍ଞ ପ୍ରସାଦ ନନ୍ଦ ପ୍ରଭୃତି ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ପ୍ରୋତ୍ସାହନ ଅଭାବ

# ବୁଡ଼ିଯିବ ବେଲଗୁଣ୍ଠାର ପିତ୍ତଳ ମାଛ ଶିଳ୍ପ!

ବେଲଗୁଣ୍ଠା, ୧୦।୮ (ସମିସ): ଦୀର୍ଘ ୩୦୦ ବର୍ଷ ଧରି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାରେ ତିଆରି ହେଉଛି ବିଶ୍ୱପ୍ରସିଦ୍ଧ ପିତ୍ତଳ ମାଛ। ନିର୍ଜୀବ ପିତ୍ତଳ ଚଦରରୁ ପ୍ରସ୍ତୁତ ଏହି ପିତ୍ତଳ ମାଛ ଜୀବନ୍ତ ମାଛ ଭଳି ପ୍ରତୀୟମାନ ହୋଇଥାଏ ଏବଂ ଏହା ହିଁ ଏହାର ବିଶେଷତ୍ୱ। ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ବିଧାୟକ, ସାଂସଦ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସ୍ଥାନୀୟ ନେତାଙ୍କ ସମେତ ବହୁ ବିଦେଶୀ ଅତିଥି ବିଭିନ୍ନ ସମ୍ବର୍ଦ୍ଧନା ସଭାରେ ପିତ୍ତଳ ମାଛଟିଏ ଉପହାର ପାଇ ଖୁସିରେ ଗଦଗଦ ହୋଇଥା'ନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ସେମାନଙ୍କ ମଧ୍ୟରୁ କେହି ଏହି ପିତ୍ତଳ ମାଛ ଶିଳ୍ପର ପ୍ରଚାରପ୍ରସାର ପାଇଁ କେବେହେଲେ ଆଗ୍ରହ ଦେଖାଇନାହାନ୍ତି। ଫଳରେ ଏହି ଶିଳ୍ପ କ୍ରମେ ବାଟ ହୁଡ଼ିବାକୁ ବସିଲାଣି। ସରକାର ବିଭିନ୍ନ କଳାକାର ଏବଂ ଶିଳ୍ପୀଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଭତ୍ତାର ବ୍ୟବସ୍ଥା କରିଥିବା ବେଳେ ବେଲଗୁଣ୍ଠାର ପିତ୍ତଳ ମାଛ କାରିଗର କିନ୍ତୁ ଏଥିରୁ ବଞ୍ଚିତ।

ବେଲଗୁଣ୍ଠାର ବିଶିଷ୍ଟ ପିତ୍ତଳ ମାଛ ଶିଳ୍ପୀ ପ୍ରଦୀପ ମହାରଣାଙ୍କ କହିବା କଥା, ବ୍ରିଟିଶ୍ ଶାସନ ସମୟରେ ସ୍ୱର୍ଗତ ଗଙ୍ଗାଧର ମହାରଣାଙ୍କ ଅମଳରୁ ଏହି ପିତ୍ତଳ ମାଛ ତିଆରି ଆରମ୍ଭ ହୋଇଥିଲା।



ଏହା ତତ୍କାଳୀନ ବ୍ରିଟିଶ୍ ଶାସକମାନଙ୍କ ସହ ଭଞ୍ଜବଂଶୀୟ ରାଜା ରାମଚନ୍ଦ୍ର ଭଞ୍ଜଙ୍କୁ ବିମୁଗ୍ଧ କରିଥିଲା। କ୍ରମେ ଏହି ଶିଳ୍ପ ନାନା ବାଧାବିଘ୍ନ ଦେଇ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲିଥିଲା। ତେବେ ତାଲିମ୍ ଅଭାବରୁ ପିତ୍ତଳ ମାଛ ଶିଳ୍ପ ପାଇଁ ଆବଶ୍ୟକ କାରିଗର ସୃଷ୍ଟି ହୋଇପାରୁନାହାନ୍ତି। ସେହିପରି ଏହି ଶିଳ୍ପ ପାଇଁ ଆବଶ୍ୟକ କର୍ମଶାଳା ବେଲଗୁଣ୍ଠାରେ ନ ଥିବାରୁ ତାଲିମପ୍ରାପ୍ତ କାରିଗରମାନେ ଅନ୍ୟତ୍ର ଚାଲିଯାଉଛନ୍ତି। ଗୋଟିଏ ଦଶ ଇଞ୍ଚ ଲମ୍ବର ମାଛ ତିଆରି ପାଇଁ ଦୁଇଦିନ ସମୟ ଲାଗେ ଓ ଏଥିରେ ପ୍ରାୟ ୭୦୦ ଟଙ୍କାର କଞ୍ଚାମାଲ୍ ଖର୍ଚ୍ଚ ହୋଇଥାଏ। ସେହି ମାଛଟି ମାତ୍ର ୧୦୦୦ ଟଙ୍କାରେ ବିକ୍ରି ହୋଇଥାଏ। ଅର୍ଥାତ୍ ଦୁଇ ଦିନରେ ଶିଳ୍ପୀଟିଏ ମାତ୍ର ୩୦୦ ଟଙ୍କା ରୋଜଗାର କରିଥାଏ। ଏହି ନିମ୍ନ ପାରିଶ୍ରମିକରେ ପରିବାର ପ୍ରତିପୋଷଣ ଏକପ୍ରକାର ଅସମ୍ଭବ ଓ ତେଣୁ ଏହି ପରିବାରର ଯୁବକମାନେ ପିତ୍ତଳ ମାଛ ଶିଳ୍ପରୁ ମୁହଁ ଫେରାଇ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ରାସ୍ତା ଆପଣାଉଛନ୍ତି।

**ମୁହଁ ଫେରାଉଛନ୍ତି ଯୁବ କାରିଗର**

ପ୍ରଦୀପ କହିଛନ୍ତି, ପୁରୁଷପୁରୁଷ ଧରି ତାଙ୍କ ପରିବାର ପିତ୍ତଳ ମାଛ ପ୍ରସ୍ତୁତ କରି ଆସୁଥିବା ବେଳେ ତାଙ୍କ ଉତ୍ତରପିଢ଼ି ଏଥିରୁ ମୁହଁ ଫେରାଇ ନେଇଛନ୍ତି। ତେଣୁ ଏହି ଶିଳ୍ପକୁ ବଞ୍ଚାଇ ରଖିବାକୁ ହେଲେ ଯୁବ କାରିଗର ଗୋଷ୍ଠୀଙ୍କୁ ନିୟମିତ ତାଲିମ୍, ଉପଯୁକ୍ତ ପାରିଶ୍ରମିକ, ବିନା ଜିଏସ୍‌ଟିରେ ଋଣ, ଷ୍ଟାଇପେଣ୍ଡ ବୃଦ୍ଧି, କର୍ମଶାଳା ନିର୍ମାଣ ଏବଂ କାରିଗର ଭତ୍ତା ପ୍ରଦାନର ଆବଶ୍ୟକ ରହିଛି।

ଏହି ଶିଳ୍ପ ବିଶ୍ୱର ଏକମାତ୍ର ସ୍ଥାନ ବେଲଗୁଣ୍ଠାରେ ଥିବା ବେଳେ ଏଠାକୁ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଡିଜାଇନ୍ ସମେତ ବେଙ୍ଗାଲୁରୁ, ହାଇଦ୍ରାବାଦ୍‌ର ବିଭିନ୍ନ କଳା କାରିଗରୀ ଅନୁଷ୍ଠାନର ଛାତ୍ରଛାତ୍ରୀ ଆସି ପନ୍ଦର କୋଡ଼ିଏ ଦିନ ରହି ସେମାନଙ୍କର ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପିତ୍ତଳ ମାଛ ଉପରେ ଗବେଷଣା କରିବା ସହିତ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ଏତେ ସବୁ ତଥ୍ୟ ଥିଲେ ମଧ୍ୟ ବେଲଗୁଣ୍ଠାର ପିତ୍ତଳ ମାଛକୁ ଜିଆଇ ଟ୍ୟାଗ୍ ଦେବା ପାଇଁ ପ୍ରୟାସ କରାନଯିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେଣୁ, ଏ ଦିଗରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ରାଷ୍ଟ୍ରପତି ଭବନରେ ରାକ୍ଷୀ ପୂର୍ଣ୍ଣିମା ପାଳିଲେ ଏକଲବ୍ୟ ଆବାସିକ ବିଦ୍ୟାଳୟର ବିଦ୍ୟାର୍ଥୀ



ଭୁବନେଶ୍ୱର,୧୦।୮ (ସମିସ): ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତିଙ୍କ ସହ ରାକ୍ଷୀପୂର୍ଣ୍ଣିମା ପାଳିଛନ୍ତି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୨୦ ବିଦ୍ୟାର୍ଥୀ। ସୁନ୍ଦରଗଡ଼ ଓ କନ୍ଧମାଳ ଜିଲ୍ଲାର ଲାଙ୍ଗ, ଭବାନୀପୁର, ମହାସିଙ୍ଗ ଓ ଫିରିଙ୍ଗିଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବିଦ୍ୟାର୍ଥୀ ଓ ୪ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ପାଇବା ପରେ ରାକ୍ଷୀ ପୂର୍ଣ୍ଣିମା ପାଳିବା ପାଇଁ ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଏହି ଅବସରରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଲାଙ୍ଗର ପାଞ୍ଚଜଣ ଛାତ୍ରୀ ରାଷ୍ଟ୍ରପତିଙ୍କୁ ପାରମ୍ପରିକ ରାକ୍ଷୀ ପିନ୍ଧାଇଛନ୍ତି। ଏଥିସହ ରାଷ୍ଟ୍ରପତିଙ୍କୁ ରାଧା-କୃଷ୍ଣଙ୍କ କଳାକୃତି ପ୍ରଦାନ କରିଥିଲେ। ଧାନରେ ତିଆରି ଶ୍ରୀଜଗନ୍ନାଥଙ୍କ ମୁଖ କଳାକୃତିକୁ ନେଇ ରାକ୍ଷୀ ପ୍ରସ୍ତୁତ କରାଯାଇଛି, ଯାହା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିଥିଲା। ଛାତ୍ରଛାତ୍ରୀମାନେ ରାଷ୍ଟ୍ରପତି ଭବନର ଐତିହ୍ୟକୁ ଅନୁଭବ କରିଥିଲେ ଏବଂ ଭାରତର ପ୍ରଥମ ନାଗରିକଙ୍କ ଉପସ୍ଥିତିରେ ଏହି ଉତ୍ସବ ପାଳନ କରି ଆନନ୍ଦ ପ୍ରକାଶ କରିଥିଲେ।

THE SAKALA



# ସମ୍ପାଦକୀୟ



ଯେତେବେଳ ପର୍ଯ୍ୟନ୍ତ ତୁମ ନିଜ ଉପରେ ବିଶ୍ୱାସ ଆସିନାହିଁ ତୁମେ ଈଶ୍ୱରଙ୍କ ସତ୍ତା ଅନୁଭବ କରିପାରିବ ନାହିଁ।
-ବିବେକାନନ୍ଦ

## ନିମିଷକେ ନିଶ୍ଚିହ୍ନ

ସମୟର ଆବଶ୍ୟକତା ଦୃଷ୍ଟିରୁ ସରକାର ବାଧ ହୋଇଥା'ନ୍ତି ନିର୍ମାଣକାର୍ଯ୍ୟ ହାତକୁ ନେବା ପାଇଁ। କିନ୍ତୁ ଏହାର ଅର୍ଥ ନୁହେଁ ସମସ୍ତ ଶୃଙ୍ଖଳା ଓ କଟକଣାକୁ ଆଖିବୁଜି ଦେବା। ୨୦୧୩ରେ ଅନୁରୂପ ବିପର୍ଯ୍ୟୟ ଘଟିଥିଲା ଉତ୍ତରକାଶୀରେ। ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ସଂଯୋଗ ଓ ବର୍ଦ୍ଧିତ ତୀର୍ଥଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରଚନା କ୍ଷେତ୍ରରେ ବିକାଶ, ବିଶେଷକରି ହୋଟେଲ ଓ ବିପଣନ କେନ୍ଦ୍ର ନିର୍ମାଣ ସକାଶେ ଆଖିବୁଜା ଅନୁମତି ଦେବାର ଯଥାର୍ଥତା ନଥିଲା। ତତ୍କାଳୀନ ପରିସ୍ଥିତିକୁ ବିଚାର କରି ଯେଉଁ କଟକଣା ପ୍ରୟୋଗ କରାଯାଇଥିଲା ପରବର୍ତ୍ତୀ ସମୟରେ ତାହାର ଆଖିବୁଜା ଉଲ୍ଲଂଘନ କରାଗଲା। ପ୍ରକୃତି ଓ ପରିବେଶ ଅସୁରକ୍ଷିତ ହୋଇଗଲେ କେତେବେଳେ କ'ଣ ପ୍ରାକୃତିକ ବିପର୍ଯ୍ୟୟ ଉପୁଜିବ ତାହାର ଆକଳନ କରିହେବ ନାହିଁ। ଏହାର ଅର୍ଥ ନୁହେଁ ଯେ ଆଦୌ ପ୍ରାକୃତିକ ବିପର୍ଯ୍ୟୟ ଘଟିବ ନାହିଁ, କିନ୍ତୁ କ୍ରମାଗତ ଭାବେ ଏହା ଉପୁଜିଲେ କେବଳ ଜନଜୀବନ ହାନି ଘଟିବନି, ବ୍ୟବସ୍ଥିତ ସଂରଚନା ମଧ୍ୟ ଭୁଶୁଡ଼ି ପଡ଼ିବ। ଏଠାରେ ବିଚାର୍ଯ୍ୟ. ଯେ କଟକଣା ନମାନି ଆମର କେତେ ଲାଭ ଓ କ୍ଷତି ହୋଇଛି। ବରଂ ପାରିବେଶିକ ସନ୍ତୁଳନ ବିଗିଡ଼ି ଯାଇଥିବାରୁ ବଡ଼ଧରଣର ବିପର୍ଯ୍ୟୟକୁ ଆମେ ଡାକି ଆଣୁଛୁ।

ଗତ ମଙ୍ଗଳବାର ଉତ୍ତରକାଶୀରେ ଆଖିପିଛୁଳାକେ ଖିରଗଙ୍ଗା ନଦୀର ବନ୍ୟାଜଳ ଓ ସ୍ଖଳିତ ମୃତ୍ତିକା ମାଡ଼ି ଆସିବାରୁ ଧରାଲି ଗ୍ରାମ ସଂପୂର୍ଣ୍ଣ ରୂପେ ପୋଛି ହୋଇଗଲା। ହର୍ସିଲ ଓ ସୁକି ଗ୍ରାମରେ ମଧ୍ୟ ଅନୁରୂପ ବିପର୍ଯ୍ୟୟ ଉପୁଜିଥିଲା। ଏବେ ମଧ୍ୟ ଏହାପଛର କାରଣ ରୂପେ ବାଦଲ ଫଟା ବର୍ଷା ଦର୍ଶାଯାଇଥିବା ବେଳେ ତାହାକୁ ଭାରତୀୟ ପାଣିପାଗ ନିର୍ଦ୍ଦେଶାଳୟ ଅସ୍ୱୀକାର କରୁଛି। ବିଭାଗୀୟ ବିଶେଷଜ୍ଞଙ୍କ କହିବା କଥା ହେଲା, ଘଣ୍ଟାକ ମଧ୍ୟରେ ୧୦୦ ମିଲିମିଟର ବା ତଦୁର୍ଦ୍ଧ୍ୱ ବର୍ଷା ହେଲେ ତାହାକୁ ବାଦଲଫଟା ବର୍ଷା କୁହାଯାଇପାରିବ। କିନ୍ତୁ ରେକର୍ଡ କରାଯାଇଥିବା ତଥ୍ୟ ଅନୁଯାୟୀ ସେଠାରେ ଏତେ ବର୍ଷା ହୋଇନାହିଁ। ଯେଉଁ ବର୍ଷା ହୋଇଛି ସେଥିରେ କୌଣସି ଅସ୍ୱାଭାବିକ ଲକ୍ଷଣ ପରିଲକ୍ଷିତ ହୋଇନାହିଁ। ତେବେ କାରଣକୁ ନେଇ ତର୍ଜମା ଚାଲିଥିବା ବେଳେ ଉପର ମୁଣ୍ଡରେ ଥିବା ତୁଷାର ହ୍ରଦ ଜଳବାୟୁର ପ୍ରଭାବରେ ତରଳି ହଠାତ୍ ଉଚ୍ଛୁଳି ବା ଭୁଶୁଡ଼ି ପଡ଼ିବାର ସମ୍ଭାବନା ସପକ୍ଷରେ ମତ ପ୍ରକାଶ ପାଇଥିଲା। ଖିରଗଙ୍ଗାରେ ପ୍ରଳୟକାରୀ ବନ୍ୟାର ଏହା ଅନ୍ୟତମ କାରଣ ହୋଇପାରେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଠିକ୍ ଓ ନିର୍ଦ୍ଦିଷ୍ଟ ତଥ୍ୟ ସଂଗ୍ରହ ପାଇଁ ଉପଗ୍ରହ ସୂତ୍ରରୁ ଆଧାରିତ ତଥ୍ୟ ବିଶ୍ଳେଷଣ କରିବାକୁ ଇସ୍ରୋକୁ ନିର୍ଦ୍ଦେଶ ଦେଇଛନ୍ତି। ଆମକୁ ଏଠାରେ ବିସ୍ମିତ ହେବାକୁ ପଡୁଛି ଯେ ଏହି ଆଲେଖ୍ୟ ଲେଖା ହେବା ସୁଦ୍ଧା ଘଟଣାର ଏତେବଡ଼ ବିପର୍ଯ୍ୟୟର କାରଣ ଜାଣିବା ସମ୍ଭବ ହୋଇପାରିନାହିଁ।

ଭାଗିରଥୀ ନଦୀର ଖିରଗଙ୍ଗା ଅନ୍ୟତମ ଉପନଦୀ। କ୍ରମାଗତ ବିପର୍ଯ୍ୟୟ ସୃଷ୍ଟି କରିବାର ତାହାର ପୁରୁଣା ରେକର୍ଡ ଅଛି। ଶ୍ରୀକାନ୍ତ ଗିରିଶୃଙ୍ଗରୁ ଏହା ବାହାରିଛି। ଊନବିଂଶ ଶତାବ୍ଦୀରେ ତାହାର ପ୍ରଳୟକାରୀ ବନ୍ୟାରେ କଳ୍ପକେଦାରର କିଛିଅଂଶ ସମେତ ୨୪୦ ମନ୍ଦିର ଧ୍ୱଂସ ହୋଇଥିଲା। ଏହା ସୌଭାଗ୍ୟର ବିଷୟ ଯେ ମଙ୍ଗଳବାର ୨୩୦ ପରିବାରକୁ ନେଇ ଗଠିତ ଧରାଲି ଗ୍ରାମର ଅଧିକାଂଶ ଲୋକ 'ହରଦୁଧ ମେଳା' ଦେଖିବାକୁ ଯାଇଥିଲେ। ନହେଲେ କେତେ କିଏ ମରିହଜି ଯାଇଥା'ନ୍ତେ ତାହାର କୌଣସି ଇୟତ୍ତା ନଥା'ନ୍ତା। ସେ ଯାହା ହେଉ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଉଦ୍ଧାରକାରୀ ଦଳର ତଥ୍ୟ ଅନୁଯାୟୀ ସଂପୂର୍ଣ୍ଣ ଧରାଲି ଗାଁ, ବଜାର, ୨୪ ହୋଟେଲ ଭାସିଯାଇଛି। ଗଙ୍ଗୋତ୍ରୀ ଧାମ ଦର୍ଶନାର୍ଥୀ ଦୀର୍ଘଯାତ୍ରା କ୍ଲାନ୍ତି ଦୂର ସକାଶେ ଏଠାରେ ଅବସ୍ଥାନ କରୁଥିବାରୁ ବ୍ୟାପକ ସୁବିଧା ସୁଯୋଗ ସୃଷ୍ଟି କରାଯାଇଥିଲା। ପର୍ଯ୍ୟଟକଙ୍କ ଏହି ନିରାପଦ ଆଶ୍ରୟସ୍ଥଳ ସଂପୂର୍ଣ୍ଣ ରୂପେ ଭାସିଯାଇଥିବାରୁ କ୍ଷୟକ୍ଷତି ପରିମାଣ କେତେ ବିପୁଳ ହେବ ତାହା ସହଜରେ ଅନୁମାନ କରାଯାଇପାରେ।

ଏନ୍‌ଡିଆରଏଫ, ଏସ୍‌ଡିଆଇଏଫ, ଆଇଟିବିପି ଓ ସେନାବାହିନୀର ସମ୍ମିଳିତ ଉଦ୍ଧାର କାର୍ଯ୍ୟରେ ପ୍ରତିକୂଳ ପାଣିପାଗ ବାଧକ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଉଦ୍ଧାରକାରୀ ଦଳ ବିଭିନ୍ନ ସ୍ଥାନରୁ ୪ଟି ମୃତଦେହ ଉଦ୍ଧାର କରିଛନ୍ତି। ମୃତ୍ୟୁ ସଂଖ୍ୟା ୫ ଦର୍ଶାଯାଇଥିଲେ ମଧ୍ୟ ଶତାଧିକ ନିଖୋଜ ଥିବାର ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୧ ଯବାନ ଓ ୨୮ ପର୍ଯ୍ୟଟକ। ୧୫୦ରୁ ଉର୍ଦ୍ଧ୍ୱଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ହଠାତ୍ ଭୂସ୍ଖଳନ ଘଟିବାରୁ ପର୍ଯ୍ୟଟକଙ୍କ ସହ ସେମାନଙ୍କ ସହାୟକଙ୍କ କୌଣସି ପତ୍ତା ମିଳୁନି। ଏହି ବନ୍ୟା ବିପର୍ଯ୍ୟୟରେ କେତେ କିଏ ମରିଥିବେ ଏତେ ଶୀଘ୍ର ଆକଳନ କରିବା ସହଜ ନୁହେଁ। ଭାଗିରଥୀ, ଅଳକାନନ୍ଦା, ମନ୍ଦାକିନୀ, ଧଉଳି ଗଙ୍ଗା ଓ ଯମୁନା ନଦୀର ଉତ୍ପତ୍ତିସ୍ଥଳ ଉତ୍ତରାଖଣ୍ଡ। ହିମପ୍ରବାହ ସାଙ୍ଗକୁ ବର୍ଷା ଜଳ ମିଶିଗଲେ ଏମାନେ ରାଜ୍ୟରେ ବନ୍ୟାର ଖଣ୍ଡପ୍ରଳୟ ସୃଷ୍ଟି କରିଥା'ନ୍ତି। ପର୍ଯ୍ୟଟନ ଶିଳ୍ପର ବିକାଶ ନାମରେ ବ୍ୟାପକ ଜଙ୍ଗଲ କଟାଯିବା, ରାସ୍ତାନିର୍ମାଣ ଓ ଯୋଗାଯୋଗ ସୁବିଧା ସୁଯୋଗ ସୃଷ୍ଟିରୁ ଭୌଗୋଳିକ ସ୍ଥିତିରେ ଯେ ଅସନ୍ତୁଳନ ପରିଲକ୍ଷିତ ହେଉଛି ତାହା ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ସକାଶେ ଅନେକାଂଶରେ ଦାୟୀ। ପରିସ୍ଥିତି ଏପରି ହୋଇଛି ଯେ ସରକାରୀ ଉଦ୍ୟମରେ ଗଢ଼ି ଉଠିଥିବା ବିକାଶର ମାନଚିତ୍ରକୁ ପ୍ରକୃତି ମୁହୂର୍ତ୍ତକରେ ଧୂଳିସାତ କରିଦେଉଛି।

ଉତ୍ତରାଖଣ୍ଡରେ ୨୦୧୩, ୨୦୨୧ ଏବେ ୨୦୨୫ରେ କ୍ରମାଗତ ଭାବେ ପ୍ରଳୟକାରୀ ବନ୍ୟା ଆସି ରାଜ୍ୟ ଅର୍ଥନୀତିରେ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିଛି। କେବଳ ମୃତାହତଙ୍କ ସଂଖ୍ୟା ଆକଳନ ଯଥେଷ୍ଟ ନୁହେଁ। ବିକଶିତ ପର୍ଯ୍ୟଟନ ଭିତ୍ତିଭୂମିକୁ ମଧ୍ୟ ଧୂଳିସାତ କରିଛି। ୨୦୧୩ କେଦାରନାଥ ବନ୍ୟାରେ ୬୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ରେ ହିମପ୍ରବାହ. ଓ ବାଦଲଫଟା ବର୍ଷା ପ୍ରଭାବରେ ନନ୍ଦାଦେବୀରେ ବନ୍ୟା ବିପର୍ଯ୍ୟୟ ସୀମା ଲଙ୍ଘିଥିଲା। ସେହି ବନ୍ୟାରେ ମୃତ୍ୟୁସଂଖ୍ୟା ୨୦୦ ଅତିକ୍ରମ କରିଥିଲା। ଏହି ପରିସଂଖ୍ୟାନ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା, ପ୍ରାକୃତିକ ବିପର୍ଯ୍ୟୟର ବ୍ୟବଧାନ କିଭଳି ସଂକୁଚିତ ହେଉଛି ତାହା ଦର୍ଶାଇବା। ଏହାର ପୃଷ୍ଠଭାଗରେ ଅଛି ସମତୁଲ ବିକାଶର ଗତି ନିୟନ୍ତ୍ରଣ ହରାଇବା ସାଙ୍ଗକୁ ଲୋଭ ଓ ଲାଭ ପ୍ରତି ଆକର୍ଷଣ ବୃଦ୍ଧି।

## ପାଞ୍ଚବର୍ଷରେ ଜାତୀୟ ଶିକ୍ଷାନୀତି

**ହୃଷିକେଶ ପ୍ରଧାନ**

ଜାତୀୟ ଶିକ୍ଷାନୀତି(ଏନ୍‌ଇପି) ୨୦୨୦ ସ୍ୱାଧୀନତା ପରେ ଦେଶର ତୃତୀୟ ଶିକ୍ଷାନୀତି ଭାବେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ମଞ୍ଜୁରୀ ପାଇବାର ଇତିମଧ୍ୟରେ ପାଞ୍ଚ ବର୍ଷ ବିତିଯାଇଛି। ଏନ୍‌ଇପି ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚଶିକ୍ଷା ଉଭୟର ବ୍ୟାପକ ପୁନଃ ସଂଯୋଗର ପ୍ରତିଶ୍ରୁତି ଦେଇଛି। ଏହି ଦୃଷ୍ଟିକୋଣର କିଛିଅଂଶ ଶ୍ରେଣୀଗୃହରେ ପ୍ରବେଶ କରିଛି। କିନ୍ତୁ ଅନେକକିଛି କେବଳ କାଗଜପତ୍ରରେ ସୀମିତ ରହିଛି। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କାର୍ଯ୍ୟକାରିତା ଗତିରେ ମନ୍ଥର ଘଟିଛି।

ନୂତନ ଶିକ୍ଷାନୀତିରେ ପୂର୍ବର ୧୦+୨ ଶୈକ୍ଷିକ ଢାଞ୍ଚାକୁ ଏକ ନୂତନ ଶୈକ୍ଷିକ ଓ ପାଠ୍ୟକ୍ରମ ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି। ମୌଳିକ (ଅଙ୍ଗନବାଡ଼ି/ ଶିଶୁବାଟିକାରୁ ଶ୍ରେଣୀ ୨), ପ୍ରସ୍ତୁତି (ଶ୍ରେଣୀ ୩ ରୁ ୫), ମଧ୍ୟମା (ଶ୍ରେଣୀ ୬ ରୁ ୮) ଏବଂ ମାଧ୍ୟମିକ (ଶ୍ରେଣୀ ୯ ରୁ ୧୨)। ୨୦୨୩ରେ ବିଦ୍ୟାଳୟ ଶିକ୍ଷା ପାଇଁ ପ୍ରଣୀତ ଜାତୀୟ ପାଠ୍ୟକ୍ରମ ଢାଞ୍ଚା(ଏନସିଏଫ୍‌ଏସ୍‌ଇ) ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ଉତ୍ତମ ଶିକ୍ଷଣ ଫଳାଫଳ ଓ ଦକ୍ଷତା ପ୍ରଦାନର ଲକ୍ଷ୍ୟ ରଖିଛି। ଏନସିଇଆରଟି ଏହି ଢାଞ୍ଚାକୁ ଆଧାର କରି ଶ୍ରେଣୀ (୧ ରୁ ୮) ପାଇଁ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଛି। ଉଦାହରଣ ସ୍ୱରୂପ, ପୂର୍ବର ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ଭଳି ପ୍ରତ୍ୟେକ ବିଷୟ ପାଇଁ ଥିବା ପୃଥକ୍ ପାଠ୍ୟପୁସ୍ତକ ପରିବର୍ତ୍ତେ ବର୍ତ୍ତମାନ ସାମାଜିକ ବିଜ୍ଞାନକୁ ଏକକ ପୁସ୍ତକ ଭାବରେ ପଢ଼ାଯାଉଛି। ପରବର୍ତ୍ତୀ ସମୟରେ ଶ୍ରେଣୀ (୯ ରୁ ୧୨) ପାଇଁ ନୂତନ ପୁସ୍ତକ ଆସିବାର ସମ୍ଭାବନା ରହିଛି। ୨୦୩୦ ସୁଦ୍ଧା ଏନ୍‌ଇପି ପ୍ରାକ୍-ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାର ଲକ୍ଷ୍ୟ ରଖିଛି। ଏନସିଇଆରଟିର ଜାଦୁଇ ପିଟାରା ଶୈକ୍ଷିକ ଉପକରଣ ରୂପେ ବ୍ୟବହୃତ ହେଉଛି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏକ ଜାତୀୟ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ପାଠ୍ୟକ୍ରମ ଜାରି ହୋଇଛି।

ଦିଲ୍ଲୀ, କର୍ଣ୍ଣାଟକ ଓ କେରଳ ଖୁବ୍‌ଶୀଘ୍ର ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ସର୍ବନିମ୍ନ ଛଅ ବର୍ଷ ବୟସସୀମା ଲାଗୁ କରିବେ। ୨୦୨୩-୨୪ ତଥ୍ୟ ଦର୍ଶାଉଛି ଯେ, ସମ୍ଭବତଃ ଏହି ବୟସ କଟକଣା ଯୋଗୁଁ ପ୍ରଥମ ଶ୍ରେଣୀ ନାମଲେଖା ହାର ପୂର୍ବ ବର୍ଷର ୨.୧୬କୋଟିରୁ ୧.୮୭ କୋଟିକୁ ହ୍ରାସ ପାଇଛି। ପଞ୍ଜୀକୃତ କରାଇଥିବା ଶିଶୁଙ୍କ ମଧ୍ୟରୁ ପ୍ରାୟ ୭୩% ଔପଚାରିକ ଭାବେ କୌଣସି ପ୍ରାକ୍ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ ଉତ୍ତମ ତାଲିମ ଏବଂ ପ୍ରାରମ୍ଭିକ ଶିକ୍ଷାକେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମି ଓ ଶିକ୍ଷାଦାନ ଗୁଣବତ୍ତାରେ ଅଭାବ ହେଉଛି ସବୁଠୁ ବଡ଼ ପ୍ରତିବନ୍ଧକ।

୨୦୨୧ ମସିହାରେ ଆରମ୍ଭ ହୋଇଥିବା ନିପୁଣ ଭାରତ, ତୃତୀୟ ଶ୍ରେଣୀ ଶେଷ ସୁଦ୍ଧା ପ୍ରତ୍ୟେକ ଶିଶୁର ମୌଳିକ ଗଣିତ ଶିକ୍ଷାକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଛି। ଏହାର ହାରାହାରି ମୂଲ୍ୟାଙ୍କ ଭାଷା ଓ ଗଣିତ ପାଇଁ ଯଥାକ୍ରମେ ୬୪% ଓ ୬୦%। ପ୍ରାରମ୍ଭିକ ପରୀକ୍ଷଣର ଫଳାଫଳ ସାର୍ବଜନୀନ ଦକ୍ଷତାଠାରୁ ବହୁତ କମ୍। ଏନ୍‌ଇପି ଏକାଡେମିକ୍ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍ସ (ଏବିସି) ପାଇଁ ପରାମର୍ଶ ଦେଇଛି ଏବଂ ଏଥିପାଇଁ ଏକ ଜାତୀୟ କ୍ରେଡିଟ୍ ଫ୍ରେମୱାର୍କ (ଏନସିଆରଏଫ୍) ବିକଶିତ ହୋଇଛି। ୨୦୨୧ରେ ପ୍ରକାଶିତ ୟୁଜିସି ନିୟମ ଛାତ୍ରଛାତ୍ରୀମାନଙ୍କୁ ସଞ୍ଚାର ମାଧ୍ୟମରେ କ୍ରେଡିଟ୍ ଅର୍ଜନ ଓ ସଂରକ୍ଷଣର ସୁଯୋଗ ଦେଇଛି। ଏପରିକି ବିଭିନ୍ନ ଶିକ୍ଷାନୁଷ୍ଠାନରେ, ପାଠ୍ୟକ୍ରମ ମଧ୍ୟରେ ସ୍ଥାନାନ୍ତର, ପ୍ରସ୍ଥାନ ଓ ପୁନଃ ପ୍ରବେଶ ସମ୍ଭବ ହୋଇପାରିଛି। ଏହି ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ବର୍ଷ ପରେ ସାର୍ଟିଫିକେଟ୍, ଦୁଇ ବର୍ଷ ପରେ ଡିପ୍ଲୋମା ଓ ଚାରି ବର୍ଷର ବହୁବିଧ ଡିଗ୍ରୀ ସମାପନ କରିବାର ସୁଯୋଗ ଦେଇଛି। ଏନସିଆରଏଫରେ ବିଦ୍ୟାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମଯୋଜିତ ବ୍ୟବସ୍ଥାରେ ଦକ୍ଷତା-ଆଧାରିତ ଶୈକ୍ଷିକ ସମୟ କ୍ରେଡିଟ୍‌ରେ ପରିଣତ ହୋଇପାରୁଛି। ସିବିଏସସିଇ ଗତବର୍ଷ ବିଦ୍ୟାଳୟଗୁଡ଼ିକୁ ଏନସିଆରଏଫ୍ ପ୍ରୋତ୍ସାହନର ଅଂଶୀଦାର ହେବାକୁ ଆମନ୍ତ୍ରଣ କରିଥିଲା। ୨୦୨୨ରେ ପ୍ରଚଳିତ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରବେଶ ପରୀକ୍ଷା (ସିୟୁଇଟି), ବର୍ତ୍ତମାନ ସ୍ନାତକ ଓ ସ୍ନାତକୋତ୍ତର ପ୍ରବେଶ ପାଇଁ ଏକ ପ୍ରମୁଖ ପଥ। ଏନ୍‌ଇପି ଏକାଧିକ କଲେଜ ପ୍ରବେଶ ପରୀକ୍ଷାକୁ ଏକକ ଜାତୀୟ ପରୀକ୍ଷାରେ ପରିବର୍ତ୍ତନ କରିବାର ପରାମର୍ଶ ଦେଇଛି।

ଆଇଆଇଟି ମାଡ୍ରାସ, ଆଇଆଇଟି ଦିଲ୍ଲୀ ଓ ଆଇଆଇଏମ୍ ଅହମ୍ମଦାବାଦ ଯଥାକ୍ରମେ ଜାଞ୍ଜିବର, ଆବୁଧାବି ଓ ଦୁବାଇରେ ଅନ୍ତର୍ଜାତୀୟ କ୍ୟାମ୍ପସମାନ ସ୍ଥାପନ କରିଛି। ଗୁଜରାଟର ଗିଫ୍ଟ ସିଟିରେ ଅନ୍ୟ ଦୁଇଟି ବିଦେଶୀ ବିଶ୍ୱବିଦ୍ୟାଳୟ ପରେ ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟ ସମ୍ପ୍ରତି ଭାରତରେ ଖୋଲିଛି। ଜୁଲାଇ ମାସ ଆରମ୍ଭରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି, ୟୁଜିସି ନିୟମ ଅନୁଯାୟୀ ଅନ୍ୟ ୧୨ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଗିଫ୍ଟ ସିଟିରେ ଆଉ ଦୁଇଟି ବିଶ୍ୱବିଦ୍ୟାଳୟ ଅନୁମୋଦନ ହେବା ପ୍ରକ୍ରିୟାରେ ଅଛି। ଏନ୍‌ଇପି କମ୍ ଉଚ୍ଚ-ପାଣ୍ଠିରେ ବୋର୍ଡ ପରୀକ୍ଷାର କଳ୍ପନା କରିଛି। ୨୦୨୬ରୁ ସିବିଏସସିଇ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ବ୍ୟବସ୍ଥାର ଯୋଜନା କରିଛି। କର୍ଣ୍ଣାଟକ ଏହାକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରିଛି। ଅନ୍ୟ ବୋର୍ଡଗୁଡ଼ିକ ଏହାର ସଫଳତା ଦେଖିବାକୁ ଅପେକ୍ଷା କରିଛନ୍ତି। ସିବିଏସସିଇ (୨୦୧୯-୨୦) ଶିକ୍ଷାବର୍ଷରେ ଦୁଇଟି ସ୍ତର(ମାନକ ଓ ଉଚ୍ଚତର)ରେ ସମସ୍ତ ବିଷୟ ପାଇଁ ପ୍ରବର୍ତ୍ତନ କରିଥିବା ଏନ୍‌ଇପି ଧାରଣା କେବଳ ଦଶମ ଶ୍ରେଣୀ ଗଣିତରେ ହିଁ ସୀମିତ ରହିଯାଇଛି। ଏନସିଇଆରଟି ଅଧୀନସ୍ଥ ଏକ ୟୁନିଟ୍ 'ପରଖ' ଦ୍ୱାରା ବିକଶିତ ହୋଇଥିବା ପ୍ରଗତି ପତ୍ର ମୂଲ୍ୟାଙ୍କ ପରିବର୍ତ୍ତେ ସହପାଠୀ ଓ ସ୍ୱମୂଲ୍ୟାୟନକୁ ଅନ୍ତର୍ଭୁକ୍ତ କରିଛି। କିନ୍ତୁ କିଛି ବିଦ୍ୟାଳୟ ବୋର୍ଡ ଏପର୍ଯ୍ୟନ୍ତ ଏହାକୁ ପରିବର୍ତ୍ତନ କରିନାହାନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ବହୁବିଧ ପ୍ରସ୍ଥାନ ବିକଳ୍ପ ସହିତ ଏନ୍‌ଇପିର ଚାରି ବର୍ଷର ସ୍ନାତକ ଡିଗ୍ରୀର ଧାରଣାକୁ କାର୍ଯ୍ୟକାରୀ କରିଛନ୍ତି। କେରଳ ଏହାକୁ ଅନୁସରଣ କରିଛି। କିନ୍ତୁ ଅନେକ ସ୍ଥାନରେ କଲେଜଗୁଡ଼ିକରେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଅଧ୍ୟାପକ/ଅଧ୍ୟାପିକା ଓ ଭିତ୍ତିଭୂମିର ଅଭାବ ରହିଛି। ଏନ୍‌ଇପି ଅତି କମରେ ଶ୍ରେଣୀ ୫ ପର୍ଯ୍ୟନ୍ତ ଶିକ୍ଷାର ମାଧ୍ୟମ ଭାବରେ ମାତୃଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିଛି। ସିବିଏସସିଇ ବିଦ୍ୟାଳୟଗୁଡ଼ିକୁ ପ୍ରାକ୍-ବିଦ୍ୟାଳୟରୁ ଶ୍ରେଣୀ ୨ ପର୍ଯ୍ୟନ୍ତ, ଶ୍ରେଣୀ(୩-୫)ରେ ରହିବା ବା ପରିବର୍ତ୍ତନ କରିବାର ବିକଳ୍ପ ବଜାୟ ରଖିବାର ବ୍ୟବସ୍ଥା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି। ଏନସିଇଆରଟି ଏବେ ଏକାଧିକ ଭାରତୀୟ ଭାଷାରେ ପାଠ୍ୟପୁସ୍ତକ ଉପରେ କାମ କରୁଛି।

ଏନ୍‌ଇପି ଅନ୍ତର୍ଗତ ତ୍ରି-ଭାଷା ପ୍ରସ୍ତାବ ଅନୁଯାୟୀ, ଅତିକମରେ ଦୁଇଟି ଭାରତୀୟ ଭାଷାର ଅନ୍ତର୍ଭୁକ୍ତୀକରଣ ଆବଶ୍ୟକ। କିନ୍ତୁ ତାମିଲ-ଇଂରାଜୀ ମଡେଲ ଅନୁସରଣ କରୁଥିବା ତାମିଲନାଡୁ ଏହାକୁ ହିନ୍ଦୀ ଭାଷା ଲାଗୁ କରିବାର ପ୍ରୟାସ ଭାବରେ ଦେଖୁଛି। ୨୦୨୧ରେ ହେବାକୁ ଥିବା ଶିକ୍ଷକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ଚାରିବର୍ଷିଆ ସମନ୍ୱିତ ବି.ଏଡ୍ ପାଠ୍ୟକ୍ରମ ଘୋଷଣା କରାଯାଇଥିଲେ ସୁଦ୍ଧା ପ୍ରାଥମିକ ଶିକ୍ଷା ସ୍ନାତକ (ବିଏଲ୍‌ଏଡ) ପରି ବିଦ୍ୟମାନ କାର୍ଯ୍ୟକ୍ରମ ପ୍ରଦାନ କରୁଥିବା କଲେଜଗୁଡ଼ିକ ଏହାକୁ ପଛକୁ ଠେଲି ଦେଇଛନ୍ତି। ୨୦୧୮ର ଏକ ଡ୍ରାଫ୍ଟ ବିଲ୍ ୟୁଜିସିକୁ ଭାରତୀୟ ଉଚ୍ଚଶିକ୍ଷା ଆୟୋଗରେ ପରିବର୍ତ୍ତନ କରିବାର ପ୍ରସ୍ତାବ ଦେଇଥିଲା। ଏନ୍‌ଇପି ଏହି ଧାରଣାକୁ ଆନୁଷ୍ଠାନିକ କରିଛି। ଚିକିତ୍ସା ଓ ଆଇନଶିକ୍ଷା ବ୍ୟତୀତ ଭାରତୀୟ ଉଚ୍ଚଶିକ୍ଷା ଆୟୋଗ ଉଚ୍ଚଶିକ୍ଷାରେ ନିୟନ୍ତ୍ରଣ, ପାଣ୍ଠି, ମାନ୍ୟତା ଏବଂ ଶୈକ୍ଷିକ ମାନଦଣ୍ଡକୁ ପରିଚାଳନା କରିବ। କିନ୍ତୁ ଶିକ୍ଷା ମନ୍ତ୍ରଣାଳୟ ଏବେ ବି ବିଲ୍ ପ୍ରସ୍ତୁତ କରିବା ପର୍ଯ୍ୟାୟରେ ଅଛି।

ଏନ୍‌ଇପି ମଧ୍ୟାହ୍ନ ଭୋଜନ ସହିତ ଜଳଖିଆର ବ୍ୟବସ୍ଥା ପାଇଁ ସୁପାରିସ କରିଥିଲା। କିନ୍ତୁ ୨୦୨୧ ମସିହାରେ ଅର୍ଥ ମନ୍ତ୍ରଣାଳୟ ପ୍ରାକ୍-ପ୍ରାଥମିକ ଓ ପ୍ରାଥମିକ ଶ୍ରେଣୀରେ ଶିକ୍ଷା ମନ୍ତ୍ରଣାଳୟର ଜଳଖିଆ ଅନ୍ତର୍ଭୁକ୍ତୀକରଣ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା। କିଛି ରାଜ୍ୟ ଏନ୍‌ଇପିର ପ୍ରମୁଖ ବ୍ୟବସ୍ଥା ବିରୁଦ୍ଧରେ ପଛଘୁଞ୍ଚା ଦେଇଛନ୍ତି। କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟ ଏନ୍‌ଇପିକୁ ସମ୍ପୂର୍ଣ୍ଣ ଗ୍ରହଣ କରିବା ପାଇଁ ଆବଶ୍ୟକ ଉପଖଣ୍ଡ ବିବୃତି ଦେଇ ପିଏମ୍ ଶ୍ରୀ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ମନା କରିଦେଇଛନ୍ତି। ତାମିଲନାଡୁ ତ୍ରି-ଭାଷା ନିୟମ ଓ ଚାରି ବର୍ଷିଆ ୟୁଜି ଢାଞ୍ଚା ଉଭୟକୁ ବିରୋଧ କରୁଛି। ଶିକ୍ଷା ସମବର୍ତ୍ତୀ ସଂଘୀୟ ତାଲିକାରେ ଥିବାରୁ କେନ୍ଦ୍ର ଏକପାଖିଆ ଭାବରେ ଏହି ପରିବର୍ତ୍ତନଗୁଡ଼ିକୁ ବାଧ୍ୟତାମୂଳକ କରିପାରିବ ନାହିଁ ବୋଲି କେରଳ ଓ ତାମିଲନାଡୁ ଭଳି ରାଜ୍ୟ ଯୁକ୍ତି କରିଛନ୍ତି। କେନ୍ଦ୍ର ଏହି ଅର୍ଥକୁ ଏନ୍‌ଇପି ସଂଲଗ୍ନ ସଂସ୍କାର ସହିତ ଜଡ଼ିତ ଦର୍ଶାଇ ଏହି ରାଜ୍ୟଗୁଡ଼ିକର ସମଗ୍ର ଶିକ୍ଷା ପାଣ୍ଠିକୁ ସ୍ଥଗିତ ରଖିଛି। ତାମିଲନାଡୁ ଏହି କଟକଣା ବିରୁଦ୍ଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଚାରିବର୍ଷିଆ ୟୁଜି ପାଠ୍ୟକ୍ରମ ପ୍ରଚଳନ ଏବଂ ପରେ ବାତିଲ କରିଥିବା କର୍ଣ୍ଣାଟକ ୨୦୨୩ରେ କଂଗ୍ରେସ ଦ୍ୱାରା ଦିଆଯାଇଥିବା ଏକ ନିର୍ବାଚନୀ ପ୍ରତିଶ୍ରୁତି, ନିଜସ୍ୱ ରାଜ୍ୟ ଶିକ୍ଷା ନୀତି ଉପରେ କାମ କରୁଛି।

**(ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ)**
**ଭୁବନେଶ୍ୱର, ମୋ:୮୦୧୮୧୭୨୩୦୧ଆବଶ୍ୟକ।**

## ଓଡ଼ିଶାରେ ଗ୍ରନ୍ଥାଗାର ଆନ୍ଦୋଳନ

**ନିରଞ୍ଜନ ମହାପାତ୍ର**

ଓଡ଼ିଶା ସର୍ବସାଧାରଣ ଗ୍ରନ୍ଥାଗାର ଆଇନ-୨୦୦୧ ଏବଂ ଗ୍ରନ୍ଥାଗାର ନିୟମାବଳୀ-୨୦୧୬ରେ ପରାମର୍ଶ ପରିଷଦ, ଅଧିକାରୀ, ତହବିଲ, ଜିଲ୍ଲା ସ୍ତରର କମିଟିର ବ୍ୟବସ୍ଥା ରହିଛି। କିନ୍ତୁ ଦୁଇଦଶକ ପରେ ବି ଏହି ବ୍ୟବସ୍ଥାଗୁଡ଼ିକ କେବଳ କାଗଜରେ ସୀମିତ ରହିଯାଇଥିବା ଅଭିଯୋଗ ହୋଇଛି। ୨୪ ମାର୍ଚ୍ଚ ୨୦୨୫ରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ଉଲ୍ଲେଖ କରାଯାଇଛି ଯେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ୫୮ ଟି ଅନୁମୋଦିତ ପଦବୀ ମଧ୍ୟରୁ ୪୮ଟି ଖାଲି ଅଛି। ୨୦୨୨ରେ କେବଳ ୬୦ ଜଣ ଗ୍ରନ୍ଥାଗାରିକ/କନିଷ୍ଠ ଗ୍ରନ୍ଥାଗାରିକଙ୍କ ନିଯୁକ୍ତି ହୋଇଛି ଏବଂ ଅବଶିଷ୍ଟ ପଦବୀଗୁଡ଼ିକ ଖାଲି ଅଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ୩୧୫ଟି ଗ୍ରନ୍ଥାଗାରିକ ପଦ ଥିଲେ ମଧ୍ୟ କେବଳ ଜଣେ ନିଯୁକ୍ତ ହୋଇଛନ୍ତି। ବାକିଗୁଡ଼ିକୁ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଚାଲୁଛି, ଯାହା ସିବିଏସଇ ନିୟମ ଭଙ୍ଗ କରୁଛି।

ଓଡ଼ିଶା ସରକାରଙ୍କ ଅଧୀନରେ ୧୨୫ଟି ସର୍ବସାଧାରଣ ଗ୍ରନ୍ଥାଗାର ଭିନ୍ନ ଭିନ୍ନ ବିଭାଗ ଅଧୀନରେ ଅଛି। ସେଥିମଧ୍ୟରୁ ୩୦ଟି ସଂସ୍କୃତି ବିଭାଗ, ୮୩ ଟି ସୂଚନା ଓ ଜନସମ୍ପର୍କ ବିଭାଗ ଏବଂ ୧୨ ଟି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଅଛି। ଭିତ୍ତିଭୂମି ଓ ଗ୍ରନ୍ଥାଗାର କର୍ମଚାରୀ ଅଭାବରୁ ତାହା ଉପଯୋଗୀ ହୋଇପାରୁନାହିଁ। ସଂସ୍କୃତି ବିଭାଗର ୧୬ଟି ଜିଲ୍ଲା ଗ୍ରନ୍ଥାଗାରରେ କେବଳ ୩ଜଣ ଗ୍ରନ୍ଥାଗାରିକ କାର୍ଯ୍ୟରତ। ବାକି ୧୩ ଟି କେମିତି ପରିଚାଳିତ ହେଉଛି, ତାହା ଅନୁମାନ କରାଯାଇପାରେ! ଓଡ଼ିଶାରେ ପ୍ରାୟ ୨୦ଟି ପ୍ରତିଷ୍ଠାନ ଗ୍ରନ୍ଥାଗାର ବିଜ୍ଞାନ ଶିକ୍ଷା ଦେଉଛି। ତଥାପି ଅଧିକାଂଶ ଅନୁଷ୍ଠାନ ଶିକ୍ଷକ ଅଭାବରେ ଚାଲିଛି। ରାଜ୍ୟରୁ ପ୍ରତିବର୍ଷ ୭୦୦ରୁ ଅଧିକ ଗ୍ରନ୍ଥାଗାରିକ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଗତ ୧୦ ବର୍ଷ ଧରି ଓଡ଼ିଶାରେ ଗ୍ରନ୍ଥାଗାରିକ ନିଯୁକ୍ତିକୁ ହିସାବ କଲେ ୧୦୦ ରୁ ଅଧିକ କଦାପି ହୋଇ ନ ଥିବ। ବାକି ଥିବା ଗ୍ରନ୍ଥାଗାରିକ ଆଶାୟୀ ସବୁ କରିବେ କ'ଣ? ଇ-ଗ୍ରାମ ସ୍ୱରାଜର ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୧୦୬୮ଟି ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଗ୍ରନ୍ଥାଗାର ଅଛି। କିନ୍ତୁ ସେଗୁଡ଼ିକ ଯୋଜନା ଲକ୍ଷ୍ୟଠାରୁ ବହୁତ ପଛରେ ପଡ଼ିଯାଇଛି।

ଏହି ପରିସ୍ଥିତିରେ ବିଭିନ୍ନ ସାମାଜିକ ସଂଗଠନ, ଗ୍ରନ୍ଥାଗାର ମଞ୍ଚ, ଗ୍ରନ୍ଥାଗାରିକ ସଂଘ ଆଦି ସହଯୋଗର ହାତ ବଢ଼େଇବାକୁ ପଡ଼ିବ। ସୂଚନା ମୁତାବକ ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓଏସଏ), ବକୁଳ ଫାଉଣ୍ଡେସନ୍, ଓଡ଼ିଶା ଲାଇବ୍ରେରୀ ଏକାଡେମି, ଲାଇବ୍ରେରୀ ମୁଭମେଣ୍ଟ ଓଡ଼ିଶା, ଓଡ଼ିଶା ଗ୍ରନ୍ଥାଗାର ମହାମଞ୍ଚ, ଯୁବ ଓ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସଡି) ପ୍ରମୁଖ ଓଡ଼ିଶାରେ ପାଠାଗାର ଆନ୍ଦୋଳନ ସହିତ ଜଡ଼ିତ ଅଛନ୍ତି। ଓଏସ୍‌ଏ ଦ୍ୱାରା ପ୍ରତିବର୍ଷ ଓଡ଼ିଶା ସର୍ବସାଧାରଣ ଗ୍ରନ୍ଥାଗାର ଅଧିବେଶନର ଆୟୋଜନ କରିବା ସହିତ ସରକାରଙ୍କୁ ଦାବିପତ୍ର ଦେଇ ଆସୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସାର୍ବଜନୀନ ଗ୍ରନ୍ଥାଗାର ସ୍ଥାପନ ପାଇଁ ଆର୍ଥିକ ସହଯୋଗ ସହିତ ପଞ୍ଚାୟତ ଓ ବ୍ଲକସ୍ତରର ଗ୍ରନ୍ଥାଗାର ପାଇଁ ସରକାରଙ୍କୁ ପ୍ରସ୍ତାବ ଇତ୍ୟାଦି ଚର୍ଚ୍ଚାରେ ଅଛି। ବକୁଳ ଫାଉଣ୍ଡେସନ୍ ତୃଣମୂଳ ସ୍ତରରେ ଗ୍ରନ୍ଥାଗାର ସଂସ୍କୃତିକୁ ଉନ୍ନତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଉଛି। ଓଡ଼ିଶା ଲାଇବ୍ରେରୀ ଏକାଡେମି ପ୍ରତିବର୍ଷ ବିଭିନ୍ନ ସେମିନାର ଓ ସମ୍ମିଳନୀ ଆୟୋଜନ କରି ଆସୁଛି। ଓଡ଼ିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘ ମଧ୍ୟ ବର୍ଷ ବର୍ଷ ଧରି ମହାବିଦ୍ୟାଳୟରେ ଗ୍ରନ୍ଥାଗାରମାନଙ୍କ କ୍ୟାଡର ରୁଲ ପାଇଁ ସଂଘର୍ଷ କରି ଆସିଛି। ଗତବର୍ଷ ବକୁଳ ଫାଉଣ୍ଡେସନ ଓ ସିୱାଇଏସଡି ଦ୍ୱାରା ଆୟୋଜିତ 'ଓଡ଼ିଶାର ଗ୍ରାମୀଣ ଗ୍ରନ୍ଥାଗାର ଓ ସୂଚନା ସମ୍ବଳ କେନ୍ଦ୍ର ଆନ୍ଦୋଳନ' ଉପରେ ଆଲୋଚନାଚକ୍ର ଉଲ୍ଲେଖଯୋଗ୍ୟ।

ଏତଦ୍‌ବ୍ୟତୀତ ସାମାଜିକ ଗଣମାଧ୍ୟମ ମଧ୍ୟ ପାଠାଗାର ଆନ୍ଦୋଳନରେ ଏକ ଶକ୍ତିଶାଳୀ ଉତ୍ପ୍ରେରକ ପାଲଟିଛି। ଫେସବୁକ୍ ଏବଂ ଏକ୍ସ (ପୂର୍ବରୁ ଟ୍ୱିଟର)ରେ 'ଗ୍ରନ୍ଥାଗାର ଆନ୍ଦୋଳନ ଓଡ଼ିଶା' ଗୋଷ୍ଠୀଗୁଡ଼ିକ ଗ୍ରନ୍ଥାଗାର ବୃତ୍ତିଗତ, ଶିକ୍ଷକ, ଛାତ୍ର ଓ ନାଗରିକଙ୍କୁ ଏକତ୍ରିତ କରୁଥିବା ଗତିଶୀଳ ପ୍ଲାଟଫର୍ମ ଭାବରେ ଉଭା ହୋଇଛି। ସେମାନଙ୍କର ତୃଣମୂଳ ସ୍ତରର ଡିଜିଟାଲ୍ ସକ୍ରିୟତା ଓଡ଼ିଶାର ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକଙ୍କ ଜରୁରୀ ଆବଶ୍ୟକତା ପ୍ରତି ଜନସାଧାରଣ ଓ ପ୍ରଶାସନିକ ଦୃଷ୍ଟି ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ଓଡ଼ିଶା ଏକ ସମୃଦ୍ଧ ଐତିହ୍ୟର ରାଜ୍ୟ। ତଥାପି ସାଂଗଠନିକ ଜଡ଼ତା ଅର୍ଥପୂର୍ଣ୍ଣ ସଂସ୍କାରକୁ ବାଧା ଦେଇଛି। ଯଦି ଆଜିର ଦିନରେ ଗ୍ରନ୍ଥାଗାର ଆନ୍ଦୋଳନ କଥା ଉଠିବ ନାହିଁ, ତେବେ ଓଡ଼ିଶାର ବିକାଶ ପଛରେ ପଡ଼ିଯିବ। ସରକାର, ନାଗରିକ ଓ ଗ୍ରନ୍ଥାଗାରିକମାନଙ୍କ ପ୍ରତିଶ୍ରୁତିବଦ୍ଧତା ରାଜ୍ୟର ଗ୍ରନ୍ଥାଗାରଗୁଡ଼ିକୁ ଜ୍ଞାନ, ସମାନତା ଓ ସାମାଜିକ ପ୍ରଗତିରେ ପରିଣତ କରିପାରିବ। ଗ୍ରନ୍ଥାଗାର ଆଇନର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଗ୍ରନ୍ଥାଗାରିକ ପଦବୀ ତୁରନ୍ତ ପୂରଣ, ଆଧୁନିକ ଭିତ୍ତିଭୂମି, ଭ୍ରାମ୍ୟମାଣ ଗ୍ରନ୍ଥାଗାର ଏବଂ ପଞ୍ଚାୟତ ଗ୍ରନ୍ଥାଗାର ସ୍ଥାପନ ଭଳି ତୃଣମୂଳ ସ୍ତରରୁ ଏହି ଆନ୍ଦୋଳନକୁ ସମର୍ଥନ ପାଇଁ ଜନସଚେତନତା ଆବଶ୍ୟକ। ଗ୍ରନ୍ଥାଗାରଗୁଡ଼ିକୁ ଜୀବନ୍ତ ଜ୍ଞାନକେନ୍ଦ୍ର ରୂପରେ ଗଢ଼ିତୋଳିବା ପାଇଁ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ।

(ବିଶ୍ୱ ଦକ୍ଷତା କେନ୍ଦ୍ର)
ଭୁବନେଶ୍ୱର, ମୋ: ୮୮୮୨୩୧୨୩୪ପ୍ରଶ୍ନ।

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ଶତାବରୀ

**ସୌଭାଗ୍ୟସୁନ୍ଦର**

ଶତାବରୀ ମୂଳତଃ ଏକ ଔଷଧୀୟ ଉଦ୍ଭିଦ, ଯାହା ସାଧାରଣତଃ ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକାରେ ଦେଖିବାକୁ ମିଳେ। ଭାରତରେ ଏହା ମୁଖ୍ୟତଃ କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ଦେଖାଯାଏ। ଏହାର ଅନନ୍ୟ ଔଷଧୀୟ ଗୁଣ ଯୋଗୁଁ ଏହାକୁ ପ୍ରକୃତିର ଉପହାର ଭାବରେ ବର୍ଣ୍ଣନା କରାଯାଇଛି।

ଶତାବରୀ ଏକ ବହୁବର୍ଷୀୟ ତୃଣଜାତୀୟ ଉଦ୍ଭିଦ। ଏହା ପ୍ରଥମେ ସିଧା ବଢ଼େ। ଦୁର୍ବଳ କାଣ୍ଡ ହେତୁ ପରେ ନିକଟବର୍ତ୍ତୀ ଉଦ୍ଭିଦର ଆଶ୍ରୟ ନିଏ। ୧-୨ ମିଟର ଲମ୍ବ ପର୍ଯ୍ୟନ୍ତ ବିସ୍ତାରିତ ହୁଏ। ଏହାର ପତ୍ର ପତଳା ଏବଂ ପାଇନ ପତ୍ର ପରି ଛୁଞ୍ଚି ଭଳି ଦେଖାଯାଏ। ଏହାର ମୂଳ ଏକାଧିକ ସଂଖ୍ୟାରେ ଗୁଚ୍ଛ ହୋଇ ରହିଥିବା କନ୍ଦମୟ, ଧଳା ଓ ମୂଳା ଆକୃତିର। ପୁଷ୍ପଦଗମ ଅନେକ ଛୋଟ ଛୋଟ ଧଳା ସୁଗନ୍ଧିତ ଫୁଲ ଧାରଣ କରିଥାଏ। ଫଳଗୁଡ଼ିକ ଛୋଟ ବେରି ଆକାରରେ ଥାଏ, ଯାହାର ରଙ୍ଗ ଦେଖିବାକୁ ବାଇଗଣୀରୁ କଳା।

ଆୟୁର୍ବେଦ ଶାସ୍ତ୍ରରେ ଶତାବରୀକୁ ଔଷଧି ଉଦ୍ଭିଦ ଜଗତର ରାଣୀ ଭାବରେ ବର୍ଣ୍ଣନା କରାଯାଇଛି। ଏହା ଏକ ମିଠା ଓ ତିକ୍ତଯୁକ୍ତ ପ୍ରାକୃତିକ ଔଷଧି, ଯାହା ପୁଷ୍ଟିକର ଟନିକ୍, ଆଣ୍ଟାସିଡ୍ ବା ଅମ୍ଳରୋଧକ, ମୂତ୍ରବର୍ଦ୍ଧକ, ନବଯୌବନ ପ୍ରାପ୍ତି, କାମୋଦ୍ଦୀପକ, ରେଚକ, ମାଂସପେଶୀ ସଙ୍କୋଚ ନିରୋଧକ, ଆଣ୍ଟିଟ୍ୟୁମର, ଜ୍ୱଳନ ନିରୋଧୀ, ଆଣ୍ଟି-ଡିପ୍ରେସାଣ୍ଟ ବା ଅବସାଦ ନିରୋଧକ, ଆଣ୍ଟି-ମାଇକ୍ରୋବାୟଲ୍, ଆଣ୍ଟି-ଅକ୍ସିଡାଣ୍ଟ, ଆଡାପ୍ଟୋଜେନିକ୍ ଏବଂ ଇମ୍ୟୁନୋମୋଡ୍ୟୁଲେଟର ଭାବରେ ଅନେକ ଔଷଧୀୟ ଗୁଣ ସହିତ ଆଶୀର୍ବାଦପ୍ରାପ୍ତ। ଶତାବରୀ ପିତ୍ତଦୋଷକୁ ସନ୍ତୁଳିତ କରିବା, ଧଳା ରକ୍ତକୋଷର ସ୍ତର ବୃଦ୍ଧି, ପ୍ରତିରୋଧ ଶକ୍ତିକୁ ଉତ୍ତେଜିତ କରିବା, କ୍ୟାଣ୍ଡିଡା ଭଳି ଫୁରଫୁରି ବା ଫଙ୍ଗସର ମୁକାବିଲାରେ ଫଳପ୍ରଦ ପ୍ରୟୋଗ। ଏହା ମଧ୍ୟ ଜ୍ୱର, ପ୍ରଦାହ, ପେଟ ଅଲସର, ହଇଜା, ଟାଇଫଏଡ୍ ପତାଳା ଝାଡ଼ା, ଚର୍ମରୋଗର ଚିକିତ୍ସା ପାଇଁ ଏହା ଏକ ମହୌଷଧୀ।

ଶତାବରୀ ମୂଳରେ ସାର୍ସାପୋଜେନିନ୍, ସ୍ପାଇରୋଷ୍ଟାନୋଲିକ୍ ଏବଂ ଫୁରୋଷ୍ଟାନୋଲିକ୍ ସ୍ୱୋନିନ୍, ସିଟୋଷ୍ଟେରୋଲ୍, ଆସ୍ପାରାଗାମିନ୍ ଏ ପ୍ରଚୁର ପରିମାଣରେ ଥାଏ। ଫଳଗୁଡ଼ିକରେ ବି-ସିଟୋଷ୍ଟେରୋଲ୍, ସାର୍ସାପୋଜେନିନ୍, ଡାୟୋସେନିନ୍, ଆସ୍ପାରାମିନ୍ ଏ ଏବଂ ବି ଥାଏ। ପତ୍ରଗୁଡ଼ିକ ଫ୍ଲାଭୋନଏଡ୍ସ, ରୁଟିନ୍‌ର ଏକ ପ୍ରଚୁର ଉତ୍ସ, ଯାହା ଇ.କୋଲି ଏବଂ ଷ୍ଟାଫିଲୋକୋକସ୍ ଭଳି ବ୍ୟାକ୍ଟେରିଆ ସହିତ ମୁକାବିଲା ଶକ୍ତି ରହିଛି। 'ଶତବରୀ'ନାମଟି 'ଯାହାର ୧୦୦ ସ୍ୱାମୀ ଅଛନ୍ତି' ବୋଲି ବ୍ୟାଖ୍ୟା କରେ, ଯାହା ମହିଳା ପ୍ରଜନନ କ୍ଷମତା ଏବଂ ଋତୁସ୍ରାବକୁ ନିୟମିତ କରିବା ଏବଂ ମାତୃକ୍ଷୀର ବୃଦ୍ଧି ପାଇଁ ଉପାଦେୟ। ଏହା ଆମେନୋରିଆ, ଡିସମେନୋରିଆ, ଲ୍ୟୁକୋରିଆ ଏବଂ ଅନ୍ୟାନ୍ୟ ପେଲଭିକ୍ ପ୍ରଦାହ ରୋଗରେ ଅତ୍ୟନ୍ତ ଲାଭଦାୟକ ଔଷଧି। କୋଭିଡ୍ ସମୟରେ ଲୋକମାନେ ଶତାବରୀର ଲାଭ ପାଇଛନ୍ତି ଏବଂ ତା'ପରେ ଏହି ଔଷଧିର ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଭାବରେ ବ୍ୟବହାର ବୃଦ୍ଧି ପାଇଛି। ଏହା ପୁରୁଷମାନଙ୍କ ମଧ୍ୟରେ ଷ୍ଟାମିନା ବୃଦ୍ଧି, ଇରେକ୍ଟାଇଲ୍ ଡିସଫଙ୍କସନ୍ ଏବଂ ଅକାଳ ବୀର୍ଯ୍ୟପାତ ପରିଚାଳନା ପାଇଁ ଉପଯୋଗୀ। ଶତାବରୀ ମୂଳ ଏବଂ ପତ୍ର ମୁଖ୍ୟତଃ ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ। ଶତାବରୀ କିଛି ଲୋକଙ୍କଠାରେ ଫୁସଫୁସ କିମ୍ବା ଚର୍ମର ଆଲର୍ଜିକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ବୃକକ୍ ବିକାର କିମ୍ବା ହୃଦୟର ଅସମ୍ପୂର୍ଣ୍ଣ କାର୍ଯ୍ୟକାରିତା ଯୋଗୁଁ ଆକ୍ରାନ୍ତ ଥିବା ଲୋକଙ୍କଠାରେ ଏହାର ବ୍ୟବହାର ଏଡ଼ାଇବା ଉଚିତ।

ଶତାବରୀର ମୂଳ ବା ଚେର ହେଉଛି ଅଧିକ ମୂଲ୍ୟଯୁକ୍ତ। ତେବେ ଏହାର କାଣ୍ଡ ଓ ପତ୍ରର ନିଜସ୍ୱ ମୂଲ୍ୟ ଓ ଚାହିଦା ରହିଛି। ଅଧିକ ଉପାଦେୟ ଅମଳ ପାଇଁ ଆର୍ଦ୍ରତା ସ୍ତର ପହଞ୍ଚିବା ପର୍ଯ୍ୟନ୍ତ ଏହାକୁ କାଟି ଭଲ ଭାବରେ ଶୁଖାଯାଇପାରିବ। ଚେର ଗୁଡ଼ିକୁ ମାଟି ଏବଂ କାଦୁଅ କଣିକା ଗୁଡ଼ିକୁ ଅପସାରଣ କରିବା ପାଇଁ ଧୋଇ ଦିଆଯାଏ। ଧୋଇବା ପରେ ଲମ୍ବା ମୂଳଗୁଡ଼ିକୁ ଫୁଟା ଯାଏ ଏବଂ ଛଡ଼ା ଯାଏ (ଆଳୁର ଚୋପା ପରି ମୂଳର ଛେଦା ବାହାର କରି)। ପୂର୍ବରୁ ଏହି ଔଷଧି ତୃଣ ଜଙ୍ଗଲରୁ ସଂଗ୍ରହ କରାଯାଉଥିଲା ଏବଂ ଏହାର ବିପୁଳ ଚାହିଦା ଏବଂ ଔଷଧୀୟ ମୂଲ୍ୟ ହେତୁ ସ୍ଥାୟୀତ୍ୱ ବଜାୟ ନ ରଖି ଏହାକୁ ଶୋଷଣ କରାଯାଉଥିଲା। ଏବେ ଏହାକୁ ବିଭିନ୍ନ ଆୟୁର୍ବେଦ ଔଷଧ କମ୍ପାନୀମାନେ ବ୍ୟବସାୟ ପାଇଁ ଚାଷ କରୁଛନ୍ତି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ଯୋଗାଯୋଗ ଠିକଣା
THE SAKALA
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



# ରାହୁଲଙ୍କୁ କର୍ଣ୍ଣାଟକ ସିଇଓଙ୍କ ନୋଟିସ

## ଭୋଟ ଚୋରି ଅଭିଯୋଗର ପ୍ରମାଣ ମାଗିଲେ




ବେଙ୍ଗାଲୁରୁ, ୧୦।୮ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ଭୋଟର ଜାଲିଆତିକୁ ନେଇ ରାହୁଲ ଲଗାଇଥିବା ଅଭିଯୋଗର ପ୍ରମାଣ ମାଗିଛନ୍ତି। ଗତ ୭ ତାରିଖରେ ରାହୁଲ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ଗମ୍ଭୀର ଅଭିଯୋଗ ଲଗାଇ ଥିଲେ। ବେଙ୍ଗାଲୁରୁ ସେଣ୍ଟ୍ରାଲର ମହାଦେବପୁରା ବିଧାନସଭା କ୍ଷେତ୍ରରେ ବିପୁଳ ଭୋଟ ଜାଲିଆତି ହୋଇଥିବା ଅଭିଯୋଗ କରିଥିଲେ। ସକୁନା ରାଣୀ ନାମକ ଭୋଟର ଦୁଇ ଥର ଭୋଟ ଦେଇଥିବା ଅଭିଯୋଗ କରିଥିଲେ। ନିର୍ବାଚନ କମିଶନଙ୍କ ତଥ୍ୟରେ ଏହି ସୂଚନା ଦିଆଯାଇଥିବା କହିଥିଲେ। ଏବେ ଏହାକୁ ନେଇ କର୍ଣ୍ଣାଟକ ସିଇଓ ରାହୁଲଙ୍କୁ ନୋଟିସ ଜାରି କରିଛନ୍ତି। କେଉଁ ଆଧାରରେ ଏହି ଅଭିଯୋଗ ଲଗାଇଲେ ତାହାର ପ୍ରମାଣ ଦେବାକୁ ଏଥିରେ କୁହାଯାଇଛି। ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଅଭିଯୋଗର ଯାଞ୍ଚ କରାଯାଇଥିଲା। ରାହୁଲ ସାମ୍ବାଦିକ ସମ୍ମିଳନୀରେ ଦେଖାଇଥିବା ଠିକ୍ ଚିହ୍ନ ଇସିଙ୍କ ଅଫିସିଆଲ ଡକୁମେଣ୍ଟରେ ନାହିଁ। ଏ ନେଇ ଶକୁନୀ ରାଣୀ ମଧ୍ୟ ଟିପ୍ପଣୀ ଦେଇଛନ୍ତି। ସେ କେବଳ ଥରେ ଭୋଟ ଦେଇଥିବା କହିଛନ୍ତି। ତେଣୁ ବିସ୍ତୃତ ବିବରଣୀ ଦେଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର ଏବଂ ହରିୟାଣା ରାଜ୍ୟ ସିଇଓ ରାହୁଲଙ୍କୁ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି।

# ୨ଟି ଭୋଟର କାର୍ଡ ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ: ତେଜସ୍ୱୀ

ପାଟନା, ୧୦।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତି ସରଗରମ ହୋଇ ଉଠିଛି। ଦୁଇଟି ଭୋଟର କାର୍ଡକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଏବେ ତେଜସ୍ୱୀ ନିଜେ ବଡ଼ ଦାବି କରିଛନ୍ତି। ବିହାର ଉପ-ମୁଖ୍ୟମନ୍ତ୍ରୀ ବିଜୟକୁମାର ସିହ୍ନାଙ୍କ ପାଖରେ ୨ଟି ଭୋଟର କାର୍ଡ ରହିଛି ବୋଲି ସେ କହିଛନ୍ତି। ଭୋଟର ତାଲିକାରେ ଲଖିସରାୟ ଏବଂ ପାଟନାର ବାଙ୍କିପୁର ବିଧାନସଭା କ୍ଷେତ୍ରରେ ଶ୍ରୀ ସିହ୍ନାଙ୍କ ନାମରେ ଏପିକ ନମ୍ବର ରହିଛି ବୋଲି ବିରୋଧୀ ଦଳନେତା ତେଜସ୍ୱୀ ଯାଦବ ଅଭିଯୋଗ କରିଛନ୍ତି। ଉଭୟରେ ବୟସ ଏବଂ ଠିକଣା ଅଲଗା ଅଲଗା ରହିଛି। ତେବେ ମାତାପିତାଙ୍କ ନାମ ସମାନ ରହିଛି। କିନ୍ତୁ ଗୋଟିଏ ଭୋଟର ଆଇକାର୍ଡରେ ପିତାଙ୍କ ନାମରେ ସ୍ୱର୍ଗତ ଶାରଦା ରମଣ ସିଂହ ଲେଖା ହୋଇଛି। ୨୦୨୦ରେ ଉପ-ମୁଖ୍ୟମନ୍ତ୍ରୀ ଦାଖଲ କରିଥିବା ସତ୍ୟପାଠରେ ବୟସ ୫୪ ଏବଂ ଠିକଣାରେ ପାଟନାର ଏକ୍ଜିବେସନ ରୋଡ ସ୍ଥିତ ଘର ଉଲ୍ଲେଖ କରାଯାଇଥିଲା। ଏହି ଠିକଣା ଉଭୟ ଭୋଟର କାର୍ଡରେ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ତେଜସ୍ୱୀ ଯାଦବ ରବିବାର ସାମ୍ବାଦିକ ସମ୍ମିଳନୀ କରିଛନ୍ତି।

ତେଜସ୍ୱୀ କହିଛନ୍ତି ଯେ ସିହ୍ନାଙ୍କ ଦୁଇଟି ଭୋଟର କାର୍ଡରେ ବୟସ ଅଲଗା ଅଲଗା ରହିଛି। ସେ ଉପ-ମୁଖ୍ୟମନ୍ତ୍ରୀଙ୍କ ଏପିକ ନମ୍ବରକୁ ଅନ୍‌ଲାଇନରେ ଯାଞ୍ଚ କରି ଦେଖାଇ ଥିଲେ। ମାତ୍ର ଏହି ସମୟରେ ହଠାତ୍ ବିଦ୍ୟୁତ କଟି ଯାଇଥିଲା। ଏହା ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି କି ବୋଲି ତେଜସ୍ୱୀ ପ୍ରଶ୍ନ କରିଥିଲେ। ସେ ଏହି ଅଭିଯୋଗ ଲଗାଇ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଜୟ ସିହ୍ନା ଉଭୟ ସ୍ଥାନକୁ ଯାଇ ସ୍ୱାକ୍ଷର କରିଛନ୍ତି କିମ୍ବା ନିର୍ବାଚନ କମିଶନ ଜାଲିଆତି କରିଛନ୍ତି। ବିହାର ଉପ-ମୁଖ୍ୟମନ୍ତ୍ରୀ ଜାଲ୍ କି ବୋଲି ସେ ପଚାରିଛନ୍ତି। ଇସିଙ୍କୁ ନିରପେକ୍ଷ ଏବଂ ସ୍ୱଚ୍ଛତା କଥା କୁହାଯାଉଛି।



ନିଜ ଉପରେ ମିଡିଆ ଟ୍ରାଏଲ ହେଉଥିବା ତେଜସ୍ୱୀ ଅଭିଯୋଗ କରିଛନ୍ତି। ଦିଲ୍ଲୀରେ ବସି କିଛି ଲୋକ ଜେଲ୍ ପଠାଇବାକୁ ଚାହୁଁଥିଲେ। ଗତ ୭ ତାରିଖ ସନ୍ଧ୍ୟାରେ ଇସି ତାଙ୍କୁ ନୋଟିସ ଜାରି କରିଥିଲେ। ପରଦିନ ସକାଳେ ସ୍ପିଡ୍ ପୋଷ୍ଟରେ ଏହାର ଜବାବ ଦିଆଯାଇଥିଲା। ଏପରି ଭାବେ ଜିଲ୍ଲା ପ୍ରଶାସନ ଉପମୁଖ୍ୟମନ୍ତ୍ରୀଙ୍କୁ ନୋଟିସ୍ ପଠାଇବ କି? ବିଜେପିର ଦୁଇ ଉପ-ମୁଖ୍ୟମନ୍ତ୍ରୀ ଅଜବ ଲୋକ। ସମ୍ରାଟ ଚୌଧୁରୀ ପ୍ରଥମେ ବୟସ ଜାଲିଆତି କରିଥିଲେ। ଏବେ ବିଜୟ ସିହ୍ନା ମଧ୍ୟ ଏପରି କରିଛନ୍ତି। ସେ ଜାଲିଆତି କରିଥିବା ଜଣାପିଡ଼ଲେ ଇସ୍ତଫା ଦେବା ଉଚିତ। ଯଦି ଇସି ଭୁଲ୍ ତେବେ ଏସଆଇଆର ପ୍ରତ୍ୟାହାର କରାଯିବା ଉଚିତ।


ମୁଖ୍ୟ ନିର୍ବାଚନ କମିଶନଙ୍କୁ ତେଜସ୍ୱୀ ଆହ୍ୱାନ ଦେଇଛନ୍ତି। ବିଧାନସଭା କ୍ଷେତ୍ରକୁ ଆସି ବନ୍ୟା ସ୍ଥିତି ଦେଖିବାକୁ କହିଛନ୍ତି। ଦିଲ୍ଲୀରେ ବସି ବିଜେପି କଥାରେ ସବୁ କିଛି ହେବନାହିଁ। ପୋଷ୍ଟ ଅଫିସ ହୋଇ ରହିଲେ ଚଳିବ ନାହିଁ। ଏସଆଇଆରରେ ୬୫ ଲକ୍ଷ ଲୋକଙ୍କ ନାମ କଟାଯାଇଛି। ଏହାର ବିସ୍ତୃତ ତଥ୍ୟ ଲୋକଙ୍କ ସାମ୍ନାରେ ରଖନ୍ତୁ। ୨୨ ଲକ୍ଷଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସମସ୍ତଙ୍କ ମୃତ୍ୟୁ ପ୍ରମାଣପତ୍ର ନିଆଯାଇଛି କି? ଏହି ପ୍ରମାଣପତ୍ର ବି ଦେଖାଇବାକୁ ହେବ। ଅନ୍ୟପକ୍ଷରେ ଜିଲ୍ଲା ନିର୍ବାଚନ ଅଧିକାରୀ ଉପମୁଖ୍ୟମନ୍ତ୍ରୀଙ୍କୁ ନୋଟିସ ଜାରି କରିଥିବା ଜଣାପଡ଼ିଛି।

## ଭାରତକୁ ମୁନିର୍‌ଙ୍କ ପରମାଣୁ ଧମକ

ୱାସିଂଟନ, ୧୦।୮ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନିର ଦ୍ୱିତୀୟ ଥର ପାଇଁ ଆମେରିକା ଗସ୍ତରେ ଯାଇଛନ୍ତି। ସେ ସେଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏହା ପୂର୍ବରୁ ସେ ଆମେରିକାରୁ ଭାରତକୁ ପରମାଣୁ ଯୁଦ୍ଧର ଧମକ ଦେଇଛନ୍ତି। ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ କରି ଭାରତ ଏହା ଉପରେ ବନ୍ଧ ନିର୍ମାଣ କଲେ ୧୦ କ୍ଷେପଣାସ୍ତ୍ର ମାଡ଼ କରି ଏହାକୁ ଧ୍ୱଂସ କରିଦେବୁ। ପାକିସ୍ତାନ ପାଖରେ କ୍ଷେପଣାସ୍ତ୍ରର ମଧ୍ୟ କୌଣସି ଅଭାବ ନାହିଁ। ଭାରତ ଉପରେ ଆକ୍ରମଣ କରିବୁ ବୋଲି ସେ କହିଛନ୍ତି। ମୁନିରଙ୍କ ଅନୁଯାୟୀ ସିନ୍ଧୁ ନଦୀ ଭାରତର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ସିନ୍ଧୁ ଚୁକ୍ତି ରଦ୍ଦ ନିଷ୍ପତ୍ତି ଦ୍ୱାରା ୨୫ କୋଟି ଲୋକ ଅନାହାର ମୃତ୍ୟୁମୁଖରେ ପଡ଼ିପାରନ୍ତି। ପାକିସ୍ତାନ ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର। ଯଦି ଦେଶ ବୁଡିଯିବ ବୋଲି ଲାଗିବ ତେବେ ଅଧା ବିଶ୍ୱକୁ ଆମେ ସାଙ୍ଗରେ ନେଇଯିବୁ। ଟାମ୍ପାର ଗ୍ରାଣ୍ଡ ହାୟେତ ହୋଟେଲରେ ପାକିସ୍ତାନ ବଂଶୋଦ୍ଭବ ବ୍ୟବସାୟୀ ଅଦନାନ ଅସଦଙ୍କ ପକ୍ଷରୁ ଆୟୋଜିତ ନୈଶ୍ୟ ଭୋଜିରେ ସାମିଲ ହୋଇ ମୁନିର ଏହି ଧମକ ଦେଇଛନ୍ତି। ଏଠାରେ ପାକିସ୍ତାନ ଦୂତାବାସର ୧୨୦ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କଠାରୁ ସୂଚନା ସଂଗ୍ରହ କରି ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ଏଠାରେ ମୁନିର ଭାରତକୁ ଚମକୁଥିବା ମର୍ସିଡିଜ ଏବଂ ପାକିସ୍ତାନକୁ ବାଲି ଭର୍ତ୍ତି ଡମ୍ପର ଟ୍ରକ ସହ ତୁଳନା କରିଥିଲେ। ଟ୍ରକ ସହ କାର ଧକ୍କା ହେଲେ କାହାର କ୍ଷତି ହେବ ବୋଲି ପଚାରି ଥିଲେ। ପୂର୍ବ ଭାରତରୁ ଆକ୍ରମଣ କରିବୁ ବୋଲି ମୁନିର କହିଥିଲେ। କାରଣ ଏଠାରେ ବହୁ ମୂଲ୍ୟବାନ ସମ୍ବଳ ରହିଛି। ଏଠାରୁ ପରେ ପଶ୍ଚିମ ଭାରତ ଅଭିମୁଖେ ଅଗ୍ରସର ହେବୁ। ସୂଚନା ଅନୁଯାୟୀ ମୁନିର ଆମେରିକା ମଧ୍ୟ କମାଣ୍ଡରର ଜେନେରାଲ ମାଇକେଲ କୁରିଲ୍ଲଙ୍କ ଅବସର କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆମେରିକା ଗସ୍ତରେ ଯାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଇସ୍ରାଏଲ ସେନାର ପ୍ରତିନିଧି ମଧ୍ୟ ସାମିଲ ଥିଲେ। ଦୁଇ ମାସରେ ଦ୍ୱିତୀୟଥର ପାଇଁ ସେ ଆମେରିକା ଗସ୍ତରେ ଅଛନ୍ତି। ଏହା ପୂର୍ବରୁ ଏପ୍ରିଲ ୧୪ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପାଇଁ ନୈଶ୍ୟଭୋଜି ଆୟୋଜନ କରିଥିଲେ।

## ଆଇପିଏସ୍ ବାପାଙ୍କୁ କୋର୍ଟକୁ ଟାଣି ଜିତିଲେ ଓକିଲ ଝିଅ

ଲକ୍ଷ୍ନୌ, ୧୦।୮ (ଏଜେନ୍ସି): ଉତ୍ତର ପ୍ରଦେଶ ଲକ୍ଷ୍ନୌର ଏକ କୋର୍ଟରୁମ୍‌ରୁ ଭିନ୍ନ ଦୃଶ୍ୟ ସାମ୍ନାକୁ ଆସିଛି। ଏହା କୌଣସି ଚଳଚ୍ଚିତ୍ର ଦୃଶ୍ୟଠାରୁ କମ୍ ନୁହେଁ। ଅବସରପ୍ରାପ୍ତ ଆଇପିଏସ ବାପା ଦେଇଥିବା ନିଲମ୍ବନ ନିର୍ଦ୍ଦେଶ ବିରୋଧରେ ଓକିଲ ଝିଅ ମାମଲା ଲଢ଼ିଛି। ଆଉ କୋର୍ଟରେ ବାପାଙ୍କ ସହ ମୁହାଁମୁହିଁ ହୋଇଛି। ବିଜୟୀ ହୋଇ କନଷ୍ଟେବଲଙ୍କ ନିଲମ୍ବନ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବାରେ ସଫଳ ହୋଇଛନ୍ତି। ଏହି ମାମଲା ବରେଲି ରେଞ୍ଜର ପୂର୍ବତନ ଆଇଜ ରାକେଶ ସିଂହ ଏବଂ ତାଙ୍କ ଓକିଲ ଝିଅ ଅନୁରା ସିଂହଙ୍କ ସହ ଜଡ଼ିତ। ୨୦୨୩ ଜାନୁଆରୀରେ ତ୍ରିବେଣୀ ଏକ୍ସପ୍ରେସରେ ଯାଉଥିବା ଜଣେ ବାଳିକା କନଷ୍ଟେବଲ ତୌଫିକ ଅହମ୍ମଦଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଲଗାଇ ଥିଲେ। ଏ ନେଇ ବାଳିକାଙ୍କ ପିତା ପୋକ୍ସ ଅଧିନରେ ଏତଲା ରୁଜୁ କରିଥିଲେ। ମାତ୍ର ନିମ୍ନ କୋର୍ଟ ଅହମ୍ମଦଙ୍କୁ ଦୋଷମୁକ୍ତ କରିବା ପରେ ପୁଲିସ ବିଭାଗ ତାଙ୍କୁ ଚାକିରିରୁ ବରଖାସ୍ତ କରିଦେଇଥିଲା। ଏହା ବିରୋଧରେ ଅହମ୍ମଦ କରିଥିବା ଆବେଦନକୁ ଆଇଜି ରାକେଶ ସିଂହ ଖାରଜ କରିଦେଇଥିଲେ। ତେଣୁ ଅହମ୍ମଦଙ୍କ ପକ୍ଷରୁ ଅନୁରା ଏହି ମାମଲାରେ ଆହ୍ଲାବାଦ ହାଇକୋର୍ଟ ଯାଇଥିଲେ। କୋର୍ଟରେ ଅନୁରା ଯୁକ୍ତି କରିଥିଲେ ଯେ ବିଭାଗୀୟ ତଦନ୍ତ ଏବଂ ବରଖାସ୍ତ ନିର୍ଦ୍ଦେଶ ତ୍ରୁଟିପୂର୍ଣ୍ଣ ଥିଲା। ଏହା ନିୟମ ଅନୁଯାୟୀ ହୋଇ ନ ଥିଲା। ଏହି ମାମଲାରେ କୋର୍ଟ ତାଙ୍କ ବାପାଙ୍କୁ ସମନ ଜାରି କରିଥିଲେ। ରାକେଶ ସିଂହ ଉପସ୍ଥିତ ହୋଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଉଚିତ ଦର୍ଶାଇ ଥିଲେ। ତେବେ ଅନୁରା ପୁଲିସ ବିଭାଗର ଭୁଲ୍ ଦର୍ଶାଇ ତାଙ୍କ ମହକିଲଙ୍କ ସହ ଅନ୍ୟାୟ ହୋଇଥିବା କହିଥିଲେ। ପରେ ହାଇକୋର୍ଟ ଅହମ୍ମଦଙ୍କ ସପକ୍ଷରେ ରାୟ ଦେଇ ତାଙ୍କୁ ପୁର୍ନଅବସ୍ଥାପିତ କରିଥିଲେ। ଗତ ଜୁଲାଇରେ କୋର୍ଟ ଏହି ରାୟ ଦେଇଥିଲେ। ଝିଅର ଏହି ବିଜୟକୁ ନେଇ ବାପା ଗର୍ବିତ ବୋଲି କହିଥିଲେ।




# ଟ୍ରମ୍ପଙ୍କୁ ମୋଦୀ ଓ ରାଜନାଥଙ୍କ ନିଶାଣ

## ମୃତ ନୁହେଁ; ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି ଭାରତ: ପ୍ରଧାନମନ୍ତ୍ରୀ







ବେଙ୍ଗାଲୁରୁ, ୧୦।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟାର୍ଗେଟ କରିଛନ୍ତି। ଉଭୟେ ବିଭିନ୍ନ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ବେଙ୍ଗାଲୁରୁରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ ଅର୍ଥନୀତି' ମନ୍ତବ୍ୟର ଜବାବ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଟ୍ରମ୍ପଙ୍କ ନାମ ନ ନେଇ ସେ କହିଛନ୍ତି ଯେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଭାରତ ଦଶ ନମ୍ବରରୁ ୫ ନମ୍ବରକୁ ଆସିଯାଇଛି। ମୃତ ନୁହେଁ; ଖୁବଶୀଘ୍ର ଦେଶ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି ହେବାକୁ ଯାଉଛି। ଏହା ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତରଣ ଯୋଗୁଁ ସମ୍ଭବ ହୋଇଛି। ଦେଶ ସଫଳତାର ପତାକା ଉଡ଼ାଉଛି। ସୂଚନାଯୋଗ୍ୟ ଯେ ଗତ ୩୧ ତାରିଖରେ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଭାରତ ଏବଂ ରୁଷକୁ ମୃତ ଅର୍ଥନୀତି କହିଥିଲେ। ଆଜି ବେଙ୍ଗାଲୁରୁରେ ମେଟ୍ରୋ ରେଳର ୟେଲୋ ଲାଇନ ଏବଂ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି।

ମୋଦୀ 'ଅପରେସନ ସିନ୍ଦୂର'କୁ ନେଇ କହିଛନ୍ତି ଯେ ଆତଙ୍କବାଦୀ ଏବଂ ପାକିସ୍ତାନକୁ ଦୃଢ଼ ଜବାବ ଦେଇଥିବା ଭାରତୀୟ ସେନାର କ୍ଷମତା ସାରା ବିଶ୍ୱ ଦେଖିଛି। ଏହି ସଫଳତା ପଛରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ଏବଂ 'ମେକ୍ ଇନ୍ ଇଣ୍ଡିଆ'ର ଶକ୍ତି ରହିଛି। ଏଥିରେ ବେଙ୍ଗାଲୁରୁର ବହୁତ ଯୋଗଦାନ ରହିଛି।

### ଭାରତର ବିକାଶକୁ ସହି ପାରୁନାହାନ୍ତି 'ବସ୍': ପ୍ରତିରକ୍ଷା ମନ୍ତ୍ରୀ

ଅନ୍ୟପକ୍ଷରେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ବର୍ଷିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେ ଟ୍ରମ୍ପଙ୍କ ନାମ ନ ନେଇ କହିଛନ୍ତି, ଭାରତର ଦ୍ରୁତ ବିକାଶକୁ 'ସମସ୍ତଙ୍କ ବସ୍' ସହିପାରୁ ନାହାନ୍ତି। ତେଣୁ ଭାରତରେ ନିର୍ମିତ ଉତ୍ପାଦର ମୂଲ୍ୟ ବଢ଼ାଇବାକୁ ଚାହୁଁଛନ୍ତି। କିନ୍ତୁ ଭାରତକୁ ସୁପରପାୱାର ହେବାକୁ କେହି ରୋକିପାରିବେ ନାହିଁ ବୋଲି ରାଜନାଥ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ମଧ୍ୟପ୍ରଦେଶ ରାୟସେନରେ ରେଳ ବଗି କାରଖାନାର ଶିଳାନ୍ୟାସ କରି ରାଜନାଥ ଏହି ଟିପ୍ପଣୀ ଦେଇଛନ୍ତି।

ରାଜନାଥ କହିଛନ୍ତି ଯେ କିଛି ଲୋକ ନିଜକୁ ଦୁନିଆର ବସ ଭାବୁଛନ୍ତି, କିନ୍ତୁ ତାଙ୍କୁ ଜଣା ନାହିଁ ଆମେ ସମସ୍ତଙ୍କ ବସ୍। କିଛି ଲୋକଙ୍କ ପାଇଁ ଭାରତର ଦ୍ରୁତ ଅଭିବୃଦ୍ଧି ଅସହ୍ୟ ହୋଇଛି। ତେଣୁ ଭାରତରେ ନିର୍ମିତ ସାମଗ୍ରୀକୁ ଅଧିକ ମହଙ୍ଗା କରିବାକୁ ପ୍ରୟାସ ହେଉଛି। ମାତ୍ର ଭାରତର ଆଭିମୁଖ୍ୟ ଭିନ୍ନ ରହିଛି। ଭାରତ କେବଳ ନିଜର ନୁହେଁ, ସାରା ବିଶ୍ୱର ମଙ୍ଗଳ ଚାହୁଁଛି। କିନ୍ତୁ ଯିଏ ଆକ୍ରମଣ କରୁଛି ତାହାକୁ ଛଡ଼ାଯିବ ନାହିଁ। ଧର୍ମ ଦେଖି ନୁହେଁ, କର୍ମ ଦେଖି ମାରିବୁ।

# ବାୟୁସୀମା ବନ୍ଦ କରି ୧୨୪୦ କୋଟି ହରାଇଲାଣି ପାକିସ୍ତାନ

ଇସଲାମାବାଦ, ୧୦।୮ (ଏଜେନ୍ସି): ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନକୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି। ଭାରତୀୟ ବିମାନ ପାଇଁ ବାୟୁସୀମା ବନ୍ଦ କରିବା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଛି। ଏହି ନିଷ୍ପତ୍ତି ଇସଲାମାବାଦର ଆର୍ଥିକ କ୍ଷତି କରୁଛି। ଭାରତରେ ପଞ୍ଜିକୃତ, ପରିଚାଳିତ, ନିଜସ୍ୱ କିମ୍ବା ଭଡ଼ାରେ ନିଆଯାଇଥିବା ବିମାନ ପାଇଁ ବାୟୁସୀମା ବନ୍ଦ କରିବା ଯୋଗୁଁ ପାକିସ୍ତାନ ଗତ ୨ ମାସରେ ୧୨୪୦ କୋଟି ଟଙ୍କା ହରାଇଛି। ଏଥିଲାଗି ବିପୁଳ ରାଜସ୍ୱହାନି ହେଉଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ କହିଛନ୍ତି। ଗତ ଏପ୍ରିଲ ୩୦ରୁ ଜୁନ ୩୦ ମଧ୍ୟରେ ଦିନକୁ ପ୍ରାୟ ୧୦୦ରୁ ୧୫୦ ବିମାନ ଅନ୍ୟ ଆକାଶପଥ ମାର୍ଗରେ ଯାଉଛନ୍ତି। ଫଳରେ ପାକିସ୍ତାନ ଏୟାର ଟ୍ରାଫିକ ୨୦ ପ୍ରତିଶତ ହ୍ରାସ ପାଇଛି। ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଚୁକ୍ତିକୁ ରଦ୍ଦ କରିଦେଇଥିଲା। ଭାରତର ଏହି ପଦକ୍ଷେପ ପରେ ଏପ୍ରିଲ ୨୪ରୁ ପାକିସ୍ତାନ ହଡ଼ବଡ଼େଇ ନିଜ ବାୟୁସୀମାକୁ ବନ୍ଦ କରିଦେଇଥିଲା। କିନ୍ତୁ ପାକିସ୍ତାନର ଏହି ନିଷ୍ପତ୍ତି ଦ୍ୱାରା ଭାରତର କୌଣସି କ୍ଷତି ହୋଇନାହିଁ। ଅନ୍ୟ ଆନ୍ତର୍ଜାତିକ ମାର୍ଗରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକ ସେବା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଭାରତ ମଧ୍ୟ ଏପରି କାର୍ଯ୍ୟାନୁଷ୍ଠାନ ନେଇଛି। ପାକିସ୍ତାନୀ ବିମାନ କମ୍ପାନୀଗୁଡ଼ିକ ଉପରେ ଭାରତୀୟ ଆକାଶ ସୀମାରେ ପ୍ରବେଶକୁ ନିଷିଦ୍ଧ କରି ଦିଆଯାଇଛି। ସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ।

## ପୁଣି ହୋଇପାରେ ଯୁଦ୍ଧ: ସେନାମୁଖ୍ୟ

ଚେନ୍ନାଇ, ୧୦।୯: ଖୁବଶୀଘ୍ର ପାକିସ୍ତାନ ସହ ପୁଣି ଯୁଦ୍ଧ ହୋଇପାରେ ବୋଲି ସ୍ଥଳ ସେନାଧକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଶଙ୍କା କରିଛନ୍ତି। ସେହି ଅନୁସାରେ ଦେଶକୁ ପ୍ରସ୍ତୁତି କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଚଳିତ ଥର ସମସ୍ତଙ୍କୁ ମିଶି ଲଢେଇ ଲଢ଼ିବାକୁ ପଡ଼ିବ ବୋଲି ସେ ଉଲ୍ଲେଖ କରିଛନ୍ତି। ବାୟୁସେନା ମୁଖ୍ୟଙ୍କ ପରେ 'ଅପରେସନ ସିନ୍ଦୂର'କୁ ନେଇ ସେ ମଧ୍ୟ ମୁହଁ ଖୋଲିଛନ୍ତି। ସେ ସମୟରେ ସରକାର ଆମକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ ବୋଲି ସ୍ଥଳ ସେନାଧକ୍ଷ କହିଛନ୍ତି। ଏପ୍ରିଲ ୨୨ର ପହଲଗାମ ଆକ୍ରମଣ ସାରା ଦେଶକୁ ବଡ଼ ଆଘାତ ଦେଇଥିଲା। ଏପ୍ରିଲ ୨୩ରେ ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ଯେ ଏବେ ବହୁତ ହୋଇଗଲା। କିଛି ଗୋଟେ କରିବାକୁ ପଡ଼ିବ ବୋଲି ତିନି ସେନାମୁଖ୍ୟ ଜାଣିଥିଲେ। କ'ଣ କରିବାକୁ ପଡ଼ିବ ସେଥିପାଇଁ ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ଏଭଳି ଆତ୍ମବିଶ୍ୱାସ, ରାଜନୈତିକ ସ୍ପଷ୍ଟତା ଆମେ ପ୍ରଥମ ଥର ପାଇଁ ଦେଖିଥିଲୁ। ଏପରି ସ୍ପଷ୍ଟ ରାଜନୈତିକ ସମର୍ଥନ ସୈନିକଙ୍କ ମନୋବଳକୁ ବୃଦ୍ଧି କରେ। ଜେନେରାଲ ଦ୍ୱିବେଦୀଙ୍କ ଅନୁଯାୟୀ ଏପ୍ରିଲ ୨୫ରେ ଆମେ ଉତ୍ତର କମାଣ୍ଡରେ ପହଞ୍ଚି ଥିଲୁ। ଏଠାରେ ସବୁ ଯୋଜନା କରି ତାହାକୁ କାର୍ଯ୍ୟକାରୀ କରା ଯାଇଥିଲା। ୯ରୁ ୭ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା। ଏଥିରେ ଅନେକ ଆତଙ୍କବାଦୀ ନିହତ ହୋଇଥିଲେ। ଏପ୍ରିଲ ୨୯ରେ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ହୋଇଥିଲା। 'ଅପରେସନ୍ ସିନ୍ଦୂର' ଏକ ଛୋଟ ନାମ ହୋଇଥିଲେ ବି ସାରାଦେଶକୁ ଏକତ୍ର କରିଥିଲା। 'ସିନ୍ଦୁରୁ ସିନ୍ଦୂର' ଆମେ ସବୁକିଛିର ଯତ୍ନ ନେଇଛୁ। ଏବେ କାହିଁକି ଅପରେସନ ବନ୍ଦ କରାଗଲା ବୋଲି ସାରା ଦେଶ ପଚାରୁଛି। ଏହାର ଉତ୍ତର ମଧ୍ୟ ଦିଆଯାଇ ସାରିଛି। ଏହି ଅଭିଯାନରେ ଆମେ ଚେସ ଖେଳୁ ଥିଲୁ। ଶତ୍ରୁର ଆଗାମୀ ଚାଲ କଣ ହେବ ଏବଂ କି ପଦକ୍ଷେପ ନେବ ତାହା ଆମକୁ ଜଣା ନ ଥିଲା। ଆମେ ଗୋଟି ଚାଳନା କରି ଚାଲିଥିଲୁ। ଶତ୍ରୁ ମଧ୍ୟ ଚେସ ଖେଳୁ ଥିଲା। ଭାରତ ଶତ୍ରୁକୁ ମାତ୍ ଦେଉଥିଲା। ଆଉ କେତେବେଳେ ଜୀବନ ହରାଇବା ଭୟରେ ହାର ମାନି ଯାଉଥିଲୁ। ଏହା ହିଁ ତ୍ ଜୀବନ। ଏହାକୁ ଗ୍ରେ ଜୋନ କୁହାଯାଏ। ଅର୍ଥାତ୍ ଏହା ପାରମ୍ପରିକ ଅଭିଯାନ ନ ଥିଲା। ଗତ ୪ ତାରିଖରେ ଆଇଆଇଟି ମାଡ୍ରାସରେ ‹ଅଗ୍ନିଶୋଧ- ଭାରତୀୟ ସେନା ରିସର୍ଚ୍ଚ ସେଲର ଉଦ୍‌ଘାଟନ କରି ସେନା ମୁଖ୍ୟ ଏହି ଟିପ୍ପଣୀ ଦେଇଥିଲେ। ସେ ଅପରେସନ ସିନ୍ଦୂରକୁ ସୁନିଯୋଜିତ, ଗୁଇନ୍ଦା ଆଧାରିତ ଅଭିଯାନ କହିଥିଲେ।

## କେନ୍ଦ୍ରମନ୍ତ୍ରୀ ଗୋପୀ ନିଖୋଜ!

ତିରୁଅନନ୍ତପୁରମ୍, ୧୦।୮ (ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ତଥା ତ୍ରିଶୁର ସାଂସଦ ସୁରେଶ ଗୋପୀ ନିଜ ସଂସଦୀୟ କ୍ଷେତ୍ରରୁ ଗାଏବ ହୋଇ ଯାଇଛନ୍ତି। ଗତ ଦୁଇ ମାସ ହେଲା ତାଙ୍କୁ କୌଣସି ସାର୍ବଜନୀନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିନାହିଁ। ସେ କେଉଁଆଡେ ଯାଇଛନ୍ତି ଏବଂ କେବେ ଫେରିବେ ତାହା ମଧ୍ୟ ଜଣାନାହିଁ। ତାଙ୍କ କାର୍ଯ୍ୟାଳୟ ମଧ୍ୟ ସ୍ପଷ୍ଟ ସୂଚନା ଦେଇପାରୁ ନାହିଁ। ତ୍ରିଶୁରର ମେୟର ଏବଂ ରାଜ୍ୟର ରାଜସ୍ୱ ମନ୍ତ୍ରୀ କେ.ରାଜନ ମଧ୍ୟ ତାଙ୍କ ସହ ଯୋଗାଯୋଗ କରିପାରି ନାହାନ୍ତି। ତେଣୁ କେନ୍ଦ୍ରମନ୍ତ୍ରୀ ଗାଏବ ହେବାକୁ ନେଇ କେରଳ ଛାତ୍ର ସଂଘ (କେଏସ୍‌ୟୁ) ରବିବାର ତ୍ରିଶୁର ଇଷ୍ଟ ପୁଲିସରେ ତାଙ୍କ ବିରୋଧରେ ଏତଲା ରୁଜୁ କରାଇଛି। ଛତିଶଗଡ଼ରେ ଦୁଇ କେରଳ ନନ୍ ଗିରଫ ହେବା ପରଠାରୁ ସୁରେଶ ଗୋପୀଙ୍କୁ ଦେଖା ଯାଇ ନାହିଁ ବୋଲି କେଏସୟୁ ଜିଲ୍ଲାଧ୍ୟକ୍ଷ ଗୋକୁଲ ଗୁରୁବାୟୁର କହିଛନ୍ତି। ସେ ମନ୍ତ୍ରୀଙ୍କ ବିରୋଧରେ ଅଭିଯାନ ଚଳାଇବାକୁ ଚେତାବନୀ ଦେଇଛନ୍ତି। ତାଙ୍କ ଅନୁପସ୍ଥିତିର ଯାଞ୍ଚ ଦାବି କରିଛନ୍ତି।

## ପ୍ରଶ୍ନପତ୍ର ପ୍ରଘଟ: ଗେହଲଟ୍‌ଙ୍କ ପିଏସ୍‌ଓ ଗିରଫ

ଜୟପୁର, ୧୦।୮ (ଏଜେନ୍ସି): ରାଜସ୍ଥାନର ସବ-ଇନସ୍ପେକ୍ଟର ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସମସ୍ୟା ବଢ଼ିପାରେ। ଏହି ମାମଲାରେ ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ତଥା ହେଡ୍ କନଷ୍ଟେବଲ ରାଜକୁମାର ଯାଦବ ଏବଂ ତାଙ୍କ ପୁଅ ଭରତ ଯାଦବଙ୍କୁ ଗିରଫ କରିଛି। ଉଭୟଙ୍କୁ ଶନିବାର ଗିରଫ କରାଯାଇ ୧୨ ତାରିଖ ପର୍ଯ୍ୟନ୍ତ ହେପାଜତକୁ ନିଆଯାଇଛି। ରାଜକୁମାରଙ୍କ ଗିରଫ ରାଜସ୍ଥାନ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ସେ ଗେହଲଟ୍‌ଙ୍କ ସାଙ୍ଗରେ ଥିବାବେଳେ ମଧ୍ୟ ସେ ଗେହଲଟ ସରକାରରେ ସବୁବେଳେ ଛାଇ ପରି ରହୁଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କର ପିଏସଓ ଥିଲେ। ମନ୍ତ୍ରୀ ଥିବା ଜଣେ କଂଗ୍ରେସ ନେତାଙ୍କଠାରୁ ସେ ପ୍ରଶ୍ନପତ୍ର ନେଇଥିଲେ ବୋଲି କୁହାଯାଉଛି। ଏଡିଜି ଭିକେ ସିଂହ କହିଛନ୍ତି ଯେ ୨୦୨୧ର ଏହି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପ୍ରବୋସନାରୀ ଏସ୍‌ଆଇ ସତ୍ୟେନ୍ଦ୍ର ସିଂହ ଯାଦବଙ୍କୁ ଗିରଫ କରାଯାଇଥିଲା। ତାଙ୍କଠୁ ହିଁ ରାଜକୁମାର ପ୍ରଶ୍ନପତ୍ର ନେଇ ନିଜ ପୁଅ ଏବଂ ସମ୍ପର୍କୀୟ ରବୀନ୍ଦ୍ର ସାଇନିଙ୍କୁ ଦେଇଥିଲେ। ଏହା ଫଳରେ ସତ୍ୟେନ୍ଦ୍ର ଏବଂ ରବୀନ୍ଦ୍ର ଏସଆଇଏସ ନିଯୁକ୍ତ ହୋଇଥିଲେ। ତେବେ ଭରତ କେବଳ ଲିଖିତ ପରୀକ୍ଷା ପାସ୍ କରିପାରି ଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୧୨୦ ଜଣଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ୫୪ ଟ୍ରେନି ଏସ୍‌ଆଇ ସାମିଲ ହୋଇଛନ୍ତି।



## ୫ ଲକ୍ଷ କହି ଧରାଇଦେଲେ ୫ ହଜାର

ଡେରାଡୁନ, ୧୦।୮ (ଏଜେନ୍ସି): ବାଦଲଫଟା ବର୍ଷା ଯୋଗୁଁ ଉତ୍ତରକାଶୀରେ ଅଚାନକ ବନ୍ୟା ମାଡ଼ି ଆସିଥିଲା। ଏଥିଯୋଗୁଁ ଧରାଲି ଗ୍ରାମ ଧ୍ୱଂସସ୍ତୁପରେ ପରିଣତ ହୋଇ ଯାଇଛି। ଅନେକ ଲୋକ ଏବେ ବି ଅବଶେଷ ତଳେ ଫସି ରହିଛନ୍ତି। ଲୋକେ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଟିକେ ପାଉନାହାନ୍ତି। ପରିବାର ସଦସ୍ୟଙ୍କୁ ଧରି ଆଶ୍ରୟସ୍ଥଳରେ ଶରଣ ନେଇଥିବାବେଳେ ପୀଡ଼ିତଙ୍କୁ ଉତ୍ତରାଖଣ୍ଡ ସରକାର ବଡ଼ ଧୋକା ଦେଇଛନ୍ତି। ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କହି ପ୍ରତି ପରିବାରକୁ ୫ ହଜାର ଟଙ୍କାର ଚେକ୍ ଧରାଇ ଦେଇଛନ୍ତି। ଭୟଙ୍କର ବିପଦର ସମ୍ମୁଖୀନ ହୋଇଥିବା ଏହି ପରିବାରଗୁଡ଼ିକ ପାଇଁ ସରକାର ଦେଇଥିବା ଏହି କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ସରକାରଙ୍କ ପକ୍ଷରୁ ଏହାକୁ ତତ୍କାଳ ରିଲିଫ କୁହାଯାଇଛି। କିନ୍ତୁ ଏହାକୁ ବିରୋଧ କରି ଧରାଲି ଓ ହର୍ଷିଲର ପୀଡ଼ିତ ପରିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। 'ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ତାଙ୍କ ସମସ୍ୟାକୁ କମ୍ କରି ଆକଳନ କରିଛନ୍ତି' ବୋଲି ପୀଡ଼ିତମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉତ୍ତରକାଶୀ ବିପର୍ଯ୍ୟୟକୁ ନେଇ ବିଶେଷଜ୍ଞମାନେ ଭିନ୍ନ ମତ ଦେଇଛନ୍ତି। ଦେବଦାରୁ ଗଛ ଏହି ଘଟଣାକୁ ରୋକିପାରିଥାନ୍ତା ବୋଲି କହିଛନ୍ତି। ହିମାଳୟ ଉପରେ ଅନେକ ଗବେଷଣା ପୁସ୍ତକ ଲେଖିଥିବା ପ୍ରଫେସର ଶେଖର ପାଠକ କହିଛନ୍ତି ଯେ ସମୁଦ୍ର ପଉନଠାରୁ ୨ ହଜାର ମିଟର ଉଚ୍ଚରେ ଥିବା ଧରାଲି ପୂର୍ବରୁ ଦେବଦାରୁ ପରିପୂର୍ଣ୍ଣ ଥିଲା। ଏକ ବର୍ଗ କିମିରେ ହାରାହାରି ୪୦୦-୫୦୦ଟି ଏହି ଗଛ ଥିଲା। ବାଦଲ ଫଟା ବର୍ଷା ହେଉ ଅବା ଭୂସ୍ଖଳନ, ଦେବଦାରୁ ଗଛଗୁଡ଼ିକ ଭଗ୍ନାବଶେଷ ଏବଂ ପାଣିକୁ ତଳକୁ ଆସିବାକୁ ଦେଉ ନ ଥିଲା। ଏବେ ଏହି ଗଛ କାଟି କୋଠା ନିର୍ମାଣ କରାଯାଇଛି। ଅନେକ ପ୍ରକଳ୍ପ ଆରମ୍ଭ ହୋଇଛି। ଏହାର ପରିଣାମ ସ୍ୱରୂପ ଏହି ଅଞ୍ଚଳର ଏକ ବର୍ଗ କିଲୋମିଟରରେ ହାରାହାରି ୨୦୦-୩୦୦ ଗଛ ଅଛି। ଧରାଲିର ଧ୍ୱଂସ ଏହାର ପରିଣାମ। ଯେଉଁ ଗାଁକୁ ବିପର୍ଯ୍ୟୟ ଆସିଥିଲା ସେହି ରାସ୍ତାରେ ଏକ ଘନ ଦେବଦାରୁ ଜଙ୍ଗଲ ଥିଲା। କିନ୍ତୁ ସେହି ଜଙ୍ଗଲ ନଷ୍ଟ ହୋଇଯାଇଛି।

## ଟ୍ରାଫିକ୍ ଜାମ୍; ଆମ୍ବୁଲାନ୍ସରେ ଗଲା ମହିଳାଙ୍କ ଜୀବନ

ମୁମ୍ବାଇ, ୧୦।୮ (ଏଜେନ୍ସି): ମୁମ୍ବାଇରୁ ବିଚଳିତ କରିବା ଭଳି ଖବର ସାମ୍ନାକୁ ଆସିଛି। ଏନ୍‌ଏଚ୍-୪୮ରେ ଟ୍ରାଫିକ ଜାମ୍ ଯୋଗୁଁ ଗୁରୁତର ଆହତ ହୋଇଥିବା ଜଣେ ମହିଳାଙ୍କୁ ଡାକ୍ତରଖାନାରେ ପହଞ୍ଚିବା ଲାଗି ୪ ଘଣ୍ଟା ସମୟ ଲାଗିଛି। ମାତ୍ର ୭୦ କିମି ଯିବାକୁ ଏତେ ସମୟ ଲାଗିବାରୁ ମହାରାଷ୍ଟ୍ର ପାଲଘର ଜିଲ୍ଲାର ଛାୟା ପରବଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ପାଲଘର ଜିଲ୍ଲାର ଟ୍ରାଫିକ ଯନ୍ତ୍ରଣା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକଳ ଚିତ୍ରକୁ ଦର୍ଶାଉଛି। ଗତ ୩୧ ତାରିଖରେ ପାଲଘରର ମଧୁକର ନଗରରେ ଥିବା ତାଙ୍କ ଘର ପାଖରେ ଏକ ଗଛ ଡାଳ ପଡ଼ିଯିବାରୁ ପରବ ଗୁରୁତର ଆହତ ହୋଇଥିଲେ। ପାଖରେ କୌଣସି ଟ୍ରମା ସେଣ୍ଟର ନ ଥିବାରୁ ତାଙ୍କୁ ମୁମ୍ବାଇ ହିନ୍ଦୁଜା ହସ୍ପିଟାଲକୁ ନିଆଯାଉଥିଲା। ବାଟ ଯାକ ଖାଲଖମାରେ ପୂର୍ଣ୍ଣ ଥିଲା। ତେଣୁ ଆହତଠାରୁ ରାସ୍ତା ଯନ୍ତ୍ରଣା ବଳି ଯାଇଥିଲା। ଯନ୍ତ୍ରଣାରେ ଛଟପଟ ହୋଇ ଶୀଘ୍ର ହସ୍ପିଟାଲରେ ପହଞ୍ଚାଇବାକୁ ନିବେଦନ କରିଥିଲେ। କିନ୍ତୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରି ନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗୁଡ଼ୁ ଥିବା ଦେଖି ଡ୍ରାଇଭର ଅନ୍ୟ ଏକ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ। ମାତ୍ର ହସ୍ପିଟାଲକୁ ଆଣିବାରେ ବହୁତ ଡେରି ହୋଇଗଲା ବୋଲି ଡାକ୍ତର କହିଥିଲେ।



## ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

# ରାସ୍ତା ଖୋଳି ଭୁଲିଗଲା ଏନ୍‌ଏଚ୍‌ଏଆଇ



କଟକ,୧୦।୮ (ସମିସ): ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ରାଜପଥକୁ ମରାମତି ପାଇଁ ପିଚୁକୁ ତାଡ଼ି ଦେଇଥିଲେ। ଏହା ପରେ ରାସ୍ତା ନିର୍ମାଣ କରିବାକୁ ଭୁଲିଗଲେ। ଦିନେ କି ଦି' ଦିନ ନୁହେଁ, ଗତ ୩ ମାସ ହେଲାଣି ରାସ୍ତା ତାଡ଼ି ମରାମତିର ନାଁ ଧରୁନି ଏନ୍‌ଏଚ୍‌ଏଆଇ। ଫଳରେ ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ। କଟକ ସହରରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। କଟକ ସହର ଦେଇ ଯାଇଥିବା ଜାତୀୟ ରାଜପଥ-୧୬ର ୩ଟି ପ୍ରମୁଖ ସ୍ଥାନ, ଓଏମ୍‌ପି ଓଭରବ୍ରିଜ୍, ତାଳଦଣ୍ଡା ଓଭରବ୍ରିଜ୍ ଓ ଲିଙ୍କ୍‌ରୋଡ୍-ଖପୁରିଆ ଓଭରବ୍ରିଜ୍ ରାସ୍ତାର ପିଚୁକୁ ଗତ ମେ' ମାସରେ ଏନ୍‌ଏଚ୍‌ଏଆଇ ତାଡ଼ି ଦେଇଥିଲା। ଉଦ୍ଦେଶ୍ୟ ଥିଲା ପିଚୁରୁ ଗୋଡ଼ି ଉଠି ଯାଇଥିବା ରାସ୍ତାକୁ ପୁନଃ ମରାମତି କରିବା। ତା' ଉପରେ ପିଚୁର ପରସ୍ତ ଦେବା। କିନ୍ତୁ ରାସ୍ତା ତାଡ଼ିବା ପରଠାରୁ ବାରମ୍ବାର ଲଘୁଚାପ ଜନିତ ବର୍ଷା ଯୋଗୁଁ ଆଉ ରାସ୍ତା ମରାମତି ସମ୍ଭବ ହେଲା ନାହିଁ। ବର୍ଷାରେ ପିଚୁ ପକାଇଲେ ତା' ଧରି ନ ଥାଏ। ତେଣୁ ରାସ୍ତା ମରାମତିକୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଗଡ଼ାଇ ଚାଲିଥିଲା। ତେବେ ଏହା ମଧ୍ୟରେ ବର୍ଷା ବନ୍ଦ ହୋଇସାରିଲାଣି। ଗତ ୩ ମାସ ମଧ୍ୟରେ ଅନେକ ଦିନ ଧରି ପାଗ ଶୁଖିଲା ରହିଛି। କିନ୍ତୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏ ରାସ୍ତା ମରାମତି କଥା ଯେମିତି ଭୁଲି ଯାଇଥିବା ପରି ମନେ ହେଉଛି। ଫଳରେ ବାଇକ ଆରୋହୀମାନେ ବିପର୍ଯ୍ୟସ୍ତ ଆବଡ଼ାଖାବଡ଼ା ରାସ୍ତା ଯୋଗୁଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଭିନ୍ନ ସମୟରେ ବାଇକ ଚାଳକମାନେ ଏଥିରେ ପଡ଼ି ଖଣ୍ଡିଆଖାବରା ହୋଇସାରିଲେଣି। ଏହା ମଧ୍ୟରେ ଏହି ରାସ୍ତାରେ ୫/୬ ଥରରୁ ଅଧିକ ସମୟ ଦୁର୍ଘଟଣା ଘଟିସାରିଲାଣି। କିନ୍ତୁ ଏହା ପରେ ବି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏ ରାସ୍ତା ମରାମତି କରୁନାହାନ୍ତି। ଖାଲି ସେତିକି ନୁହେଁ, ଜାତୀୟ ରାଜପଥ ଦେଇ ଦୈନିକ ଶହ ଶହ ପ୍ରଶାସନିକ ଅଧିକାରୀ, ରାଜନେତା ଯାଉଥିଲେ ମଧ୍ୟ କେହି ଏ ପ୍ରତି ନଜର ଦେଉନାହାନ୍ତି। ବିଶେଷ କରି ବାଇକ ଚାଳକ ବିପଦଜନକ ଅବସ୍ଥାରେ ଏହି ରାସ୍ତାରେ ଯାତାୟତ କରୁଥିବା ଲକ୍ଷ୍ୟ କରାଯାଉଛି। ଏଣୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ଦାବି ହେଉଛି।





ବିଭିନ୍ନ ସ୍ଥାନରେ ପ୍ରଥମ ପାଳି ଖୁଦୁରୁକୁଣୀ ଓଷା ସମ୍ପନ୍ନ

## ଦ୍ୱୀପାଞ୍ଚଳର ୪ଟି ପଞ୍ଚାୟତରେ ଚୋରା ମଦ କାରବାର ବୃଦ୍ଧି

ସାଲେପୁର,୧୦।୮ (ସମିସ): ସାଲେପୁର ଅବକାରୀ ବିଭାଗ ଅଧିନସ୍ଥ ତଥା ସାଲେପୁର ବ୍ଲକ୍ ଅନ୍ତର୍ଗତ ଦ୍ୱୀପାଞ୍ଚଳର ୪ଟି ପଞ୍ଚାୟତରେ ଏବେ ଚୋରା ନିଶା କାରବାର ବୃଦ୍ଧି ପାଉଥିଲେ ହେଁ ସାଲେପୁର ଅବକାରୀ ବିଭାଗ ଓ କିଶୋରନଗର ପୁଲିସ ଏହାକୁ ରୋକିବାରେ ବିଫଳ ହେଉଛି। ସନ୍ଧ୍ୟାହେଲେ ଦ୍ୱୀପାଞ୍ଚଳର ବିଭିନ୍ନ ଛକମାନଙ୍କରେ ଚୋରା ମଦର ଆସର ମେଳିଥିବା ବେଳେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାବେଳେ ଚୋରା ନିଶା ବ୍ୟବସାୟୀ ଖୁଲମଖୁଲା ନିଶା କାରବାର ଚଳାଇଥିବା ଅଭିଯୋଗ ହୋଇଛି। ବିଶେଷ କରି କିଶୋରନଗର ଥାନା ଅନ୍ତର୍ଗତ ସୋଗଲ ଛକ ଓଡ଼କିମିରା, ଗଙ୍ଗାପୁର, ଦନ୍ଦୋ ପ୍ରମୁଖ ସ୍ଥାନରେ ପ୍ରଚୁର ମାତ୍ରାରେ ଚୋରା ମଦ ବିକ୍ରୟ ହେଉଛି। ସନ୍ଧ୍ୟା ସମୟରେ ମଦ୍ୟପମାନେ ନିଶା ସେବନ କରି ନିଶାଗ୍ରସ୍ତ ଅବସ୍ଥାରେ ବହୁ ଛୋଟବଡ଼ ଅପରାଧମାନ ଘଟାଇ ଚାଲିଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳର ନିଶା କାରବାର ସଂପର୍କରେ ସ୍ଥାନୀୟ ଅଞ୍ଚଳର ଜନୈକ ଯୁବକ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି।

## ଅଗ୍ନିଶମ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଲେ ଛାତ୍ରଛାତ୍ରୀ



କଟକ,୧୦।୮ (ସମିସ): କଟକ କୃଷକ ବଜାରସ୍ଥିତ ଅଭିନବ ବିଡାନାସୀ ଅଗ୍ନିଶମ କେନ୍ଦ୍ରରେ ସେକ୍ରେଡ୍ ରୁଟ୍ସ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ରକ୍ଷାବନ୍ଧନ ପାଳନ କରିଛନ୍ତି। ଛାତ୍ରଛାତ୍ରୀମାନେ ଷ୍ଟେସନରେ ଉପସ୍ଥିତ ଡେପୁଟି ଅଗ୍ନିଶମ ଅଧିକାରୀ ସୁବାସ ମୁଦୁଲି, ଷ୍ଟେସନ ଅଧିକାରୀ ପ୍ରଭାକର ସାହୁ ଓ ପୁଲକ କୁମାର ଲେଙ୍କାଙ୍କୁ ନେଇ ଗଠିତ ଅଗ୍ନିଶମ ବାହିନୀର ସମଗ୍ର ଟିମ୍ ଏବଂ ଉମାକାନ୍ତ ବେହେରା, ଲିପୁନା ମୁଦୁଲି, ସୁଶାନ୍ତ ପୃଷ୍ଟି, ଶ୍ରୀନିବାସ ସାହୁ, ପ୍ରିୟରଞ୍ଜନ ସାହୁ, ଅନନ୍ତ ଚରଣ ଦାସଙ୍କ ଭଳି ଅଗ୍ନିଶମ ବାହିନୀ ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ଅବଗତ କରାଇବା ସହ ଅଗ୍ନି ନିରାପତ୍ତା ପରିଚାଳନାରେ ଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ପରେ ଛାତ୍ରଛାତ୍ରୀ ଅଗ୍ନିଶମ ବାହିନୀ ଅଧିକାରୀ ଓ କର୍ମଚାରୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ରିତେଶ ମହାନ୍ତି, ନିର୍ଦ୍ଦେଶିକା ସରିତା ସ୍ୱାଗତ ଶତପଥୀ ଓ ପ୍ରଶାସକ ମନୀଷ କୁମାର ସ୍ୱାଇଁଙ୍କ ସମେତ ଶିକ୍ଷକ ରଶ୍ମିରେଖା ରାଉତ, ଶ୍ୱେତା ସାହୁ ଓ ହିମାନୀ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ସାଲେପୁର ଚତୁର୍ଥ ସାହିତ୍ୟ ମହୋତ୍ସବ ଉଦ୍‌ଯାପିତ



ସାଲେପୁର,୧୦।୮ (ସମିସ): ଆଜି ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲଠାରେ ଚତୁର୍ଥ ସାହିତ୍ୟ ମହୋତ୍ସବ ଅନୁଷ୍ଠାନର ଆବାହକ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଉଦ୍‌ଘାଟନ କରିବା ସହ ଏହି ମାଟି ସାହିତ୍ୟର ମାଟି, ଏହି ମାଟି ପାଇଁ ଆମ୍ଭେମାନେ ଗର୍ବିତ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡଃ ପାର୍ଥସାରଥୀ ଅଜୟ ବାରିକ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଠାରୁ ଆରମ୍ଭ କରି ଭଞ୍ଜ ଯୁଗୀୟ ସାହିତ୍ୟ ସମେତ ପ୍ରାଚୀନ ସାହିତ୍ୟର ବହୁ ତଥ୍ୟ ସମ୍ବଳିତ ତଥ୍ୟ ପ୍ରଦାନ କରିବା ସହ ସାହିତ୍ୟ ହୃଦୟକୁ ଛୁଇଁପାରିଲେ କାଳଜୟୀ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଚଳିତ ବର୍ଷ ସାଲେପୁର ସାହିତ୍ୟ ମହୋତ୍ସବ ରାଜ୍ୟସ୍ତରୀୟ ସମ୍ମାନ ପ୍ରଫେସର ପ୍ରାର୍ଥସାରଥୀ ଅଜୟ ବାରିକଙ୍କୁ ମୁଖ୍ୟଅତିଥି ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ଅତିଥିମାନେ ପ୍ରଦାନ କରିଥିଲେ। ଏହି ଅବସରରେ ସାଲେପୁର ସାହିତ୍ୟ ମହୋତ୍ସବର ମୁଖପତ୍ର ଅତିଥିମାନେ ଉନ୍ମୋଚନ କରିଥିଲେ। ବିଶିଷ୍ଟ ଅତିଥି ରୂପେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ୍ ସୋସାଇଟିର ସଭାପତି ବିଶିଷ୍ଟ ସମବାୟବିତ୍ ପ୍ରମୋଦ କୁମାର ସାହୁ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଭଲ ପାଉଥିବା ଲୋକମାନେ ଏହାର ସୁରକ୍ଷା ନେଇ ଏବେ ଚିନ୍ତା କରିବା ଉଚିତ ବୋଲି ମତ ଦେଇଥିଲେ। ବିଶିଷ୍ଟ ବକ୍ତା ସୁସାହିତ୍ୟିକ ଡଃ ଗୋବିନ୍ଦ ଭୂୟାଁ ଯୋଗଦେଇ ସାହିତ୍ୟର ମୂଲ୍ୟାଙ୍କନ କରିବା ସହ ଆଜିର ସାହିତ୍ୟିକମାନେ ଲୋକମାନଙ୍କ ମନକୁ ଛୁଇଁଲାଭଳି ସାହିତ୍ୟ ରଚନା କରିବାକୁ ପରାମର୍ଶ ଦେଇଥିଲେ। ସମାଜସେବୀ ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଗୀତା ଦାସ, ସମ୍ମାନିତ ଅତିଥି ରୂପେ ଯୋଗଦେଇ ସାଲେପୁର ମାଟିର ଐତିହ୍ୟ ଓ ସଂସ୍କୃତି ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନେ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ମାଲ୍ୟାର୍ପଣ ଓ ପୁଷ୍ପଦୀପ ଅର୍ପଣ କରିଥିଲେ। ଏହାପରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି ଅବସରରେ ରାଜ୍ୟର ୩୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ସାହିତ୍ୟିକଙ୍କୁ ସାଲେପୁର ସାହିତ୍ୟ ମହୋତ୍ସବ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଆକୁ ବିଷୟ ରୂପେ ଚୟନ କରି ମହାବିଦ୍ୟାଳୟରେ ଓଡ଼ିଆ ସମ୍ମାନ ଓ ଓଡ଼ିଆ ସ୍ନାତକୋତ୍ତର ଶ୍ରେଣୀରେ ପାଠ ପଢୁଥିବା ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କବି ଚନ୍ଦ୍ରମଣି ଭୂୟାଁ ଧନ୍ୟବାଦ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମରେ ଡ. ଯୁଧିଷ୍ଠିର ଖଟୁଆ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ନିଖିଳେଶ ମହାନ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ମିଶ୍ର, ନାଗମଣି ସ୍ୱାଇଁ, ତ୍ରୈଲୋକ୍ୟ ଭୂୟାଁ, ବିଶ୍ୱରଞ୍ଜନ ସାହୁ, ମାନସ ଦାଶ, ପ୍ରବୀର ଦାସ, ହେମନ୍ତ ନନ୍ଦ, ସମ୍ବିତ ଦାସ, ଅନନ୍ତ ଚରଣ ଦାଶଙ୍କ ସମେତ ବହୁ ସଂଗଠକ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ।

## ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ରୁଦ୍ରପୂଜା



ନରସିଂହପୁର,୧୦।୮ (ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ନରସିଂହପୁର ଆର୍ଟ ଅଫ୍ ଲିଭିଙ୍ଗ ପରିବାର ପକ୍ଷରୁ ଶ୍ରାବଣ ମାସରେ ରୁଦ୍ରପୂଜା ଉତ୍ସବ ନରସିଂହପୁର ଜଗନ୍ନାଥ ମନ୍ଦିର ସେବା ସଦନ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ପ୍ରାକ୍ତନ ଜଣାଶୁଣା ବୈଜ୍ଞାନିକ ତଥା ବାଙ୍ଗାଲୋର ସ୍ଥିତ ଶ୍ରୀ ଶ୍ରୀ ରବିଶଙ୍କର ଆର୍ଟ ଅଫ୍ ଲିଭିଙ୍ଗ ଆଶ୍ରମର ବରିଷ୍ଠ ପ୍ରଶିକ୍ଷକ ସ୍ୱାମୀ ପ୍ରଦୀପ କୁମାର ଶୁକ୍ଲା ଯୋଗଦେଇ ସମାଜରେ ଏକତା, ସୁସ୍ଥତା, ଆଧ୍ୟାତ୍ମିକ, ଉନ୍ନତି, ପ୍ରତିବଦ୍ଧତାର ଏକ ଦୃଢ ପ୍ରମାଣ ହେଉଛି ରୁଦ୍ରପୂଜା ବୋଲି କହିବା ସହ ମନରେ ଶାନ୍ତି, ସମାଜରେ ଶାନ୍ତି, ମୈତ୍ରୀ, ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କହିଥିଲେ। ଆର୍ଟ ଅଫ୍ ଲିଭିଙ୍ଗ ନରସିଂହପୁର ଶାଖାର ବରିଷ୍ଠ ପ୍ରଶିକ୍ଷକ ତଥା ଅବସରପ୍ରାପ୍ତ ଜିଲ୍ଲା ଆରକ୍ଷୀ ନିର୍ଦ୍ଦେଶକ ସୁଯୋଗ୍ୟ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପଣ୍ଡିତ ସର୍ବେଶ୍ୱର ପଣ୍ଡା, ରାମଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡଲିରାଣୀ ପଣ୍ଡା, ବାସନ୍ତୀ ଦାସ, ମନୋରଞ୍ଜନ ସାହୁ, ବିଷ୍ଣୁ ପ୍ରସାଦ ଦାଶ, କାଳୀଚରଣ ପଟ୍ଟନାୟକ, କୈଳାଶ ଚନ୍ଦ୍ର ପାତ୍ର, ମୀନକେତନ ଖିଲାର, ଅମ୍ବୁଜ ଚରଣ ସାହୁ, କୃଷ୍ଣଚନ୍ଦ୍ର ସାହୁ, କୁଳମଣି ସାହୁ, ରାଜକିଶୋର ସାହୁ, ଶ୍ରୀନିବାସ କର, ନବ କିଶୋର ଧଳଙ୍କ ସହିତ ସମସ୍ତ ଅର୍ଥ ଲିଭିଙ୍ଗର ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ବିଜେଡି ସଭାପତିଙ୍କ କଦମ-ଏ-ରସୁଲ ପରିଦର୍ଶନ



କଟକ,୧୦।୮ (ସମିସ): ଭାଇଚାରାର ସହର ଦରଘାବଜାର ସ୍ଥିତ କଦମ-ଏ-ରସୁଲ ମୁସଲମାନ ଧର୍ମାଲମ୍ବୀଙ୍କ ନିମନ୍ତେ ଏକ ପବିତ୍ର ପୀଠ ଅଟେ । ଭାଇଚାରାର ପ୍ରତୀକ କଦମ - ଏ - ରସୁଲକୁ ଆଜି ଅପରାହ୍ନରେ ନବ ନିଯୁକ୍ତ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂହ ପହଞ୍ଚି ଚାଦର ଚଢ଼ାଇବା ସହିତ ବିଶ୍ୱ ଶାନ୍ତି, ମୈତ୍ରୀ ଓ ପ୍ରଗତି ପାଇଁ ପ୍ରାର୍ଥନା କରିଥିଲେ। ଉକ୍ତ ସମାରୋହରେ କଟକ ମହାନଗର ବିଜୁ ଜନତା ଦଳ ସଭାପତି ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ, ପୂର୍ବତନ କର୍ପୋରେଟର ଦୁର୍ଗା ଚରଣ ସାହୁ, ରମଜାନ ଖାନ, କର୍ପୋରେଟର ଇଂଜିନିୟର ମହମ୍ମଦ ଇଫତେଖାର ଆଲମ, ଅରୁନ୍ଧତୀ କର, ଇତିଶ୍ରୀ ଦାସ, କୁରେଶା ନୁର, ସୌମିତ ମିତ୍ର, ଜଗନ୍ନାଥ ସ୍ୱାଇଁ, ମହମ୍ମଦ ଆକରମ, ମହମ୍ମଦ ଅଜିଜୁର ରହିମ, ମହମ୍ମଦ ଆସିଫ, ମହମ୍ମଦ କାଦର, ମେହେରାଜ ମହମ୍ମଦ, ସୟଦ ସଖାୱତ ଅଲ୍ଲୀ, ଅବଦୁଲ କରିମ, ସ୍ୱଦେଶ ଦାସ, ସରୋଜ କର, ମୁକେଶ ମିଶ୍ର ପ୍ରମୁଖ ସାମୁହିକ ପ୍ରାର୍ଥନା ସଭାରେ ଉପସ୍ଥିତ ରହି ସଂସାର ମଙ୍ଗଳ କାମନା ପାଇଁ ପ୍ରାର୍ଥନା କରିଥିଲେ।

## ଅହମଦୀୟା ବାର୍ଷିକ ଇଜତେମା ଉତ୍ସବରେ କ୍ରୀଡା ପ୍ରତିଯୋଗିତା

# ଫୁଟବଲରେ କରଡାପଲ୍ଲି; ଭଲିବଲରେ ପଙ୍କାଳ ଚାମ୍ପିଅନ



ତିଗିରିଆ,୧୦।୮ (ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଚାଲିଥିବା ଦୁଇ ଦିବସୀୟ ଜିଲ୍ଲାସ୍ତରୀୟ ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଅହମଦୀୟାର ବାର୍ଷିକ ଇଜତେମା ଅବସରେ ବିଭିନ୍ନ ପ୍ରକାର ଧାର୍ମିକ ଓ କ୍ରୀଡାଗତ ପ୍ରତିଯୋଗିତା ଚାଲୁରହିଛି। ଏହି ଅବସରରେ ରବିବାର ସକାଳେ ମାରାଥନ ଦୌଡ, ୧୦୦ ମିଟର ଦୌଡ, ଲମ୍ବ ଡିଆଁ, ଦୌଡିଟଣା, ଫୁଟବଲ ଓ ଭଲିବଲ ଖେଳ ହୋଇଥିଲା। ବ୍ୟକ୍ତିଗତ ମାରାଥନ ଦୌଡରେ ଗୁଣ୍ଡିଚାପଡା ଗ୍ରାମର ହମିଦ ଅହମଦ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କରଡାପଲ୍ଲି ଗ୍ରାମର ଜମାଲ ଖାନ୍ ଦ୍ୱିତୀୟ ସ୍ଥାନ ଓ ପଙ୍କାଳ ଗ୍ରାମର ଜାଫର ଅହମ୍ମଦ ଓସିମ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ୧୦୦ ମିଟର ଦୌଡରେ ଗୁଣ୍ଡିଚାପଡା ଗ୍ରାମର ସେଖ ଅତାଉଲ ଇସଲାମ ପ୍ରଥମ, ପଙ୍କାଳ ଗ୍ରାମର ସାଜିଦ ଖାଁ ଦ୍ୱିତୀୟ ଓ କରଡାପଲ୍ଲି ଗ୍ରାମର ସାହିଲ ଖାଁ ତୃତୀୟ ସ୍ଥାନ ହାସଲ କରିଥିଲେ। ଲମ୍ବଡିଆଁରେ ପଙ୍କାଳ ଗ୍ରାମର ରମଜାନ ଖାଁ ପ୍ରଥମ, ଗୁଣ୍ଡିଚାପଡା ଗ୍ରାମର ହମିଦ ଅହମ୍ମଦ ଦ୍ୱିତୀୟ ଓ ମୁକ୍ତାଦେଇପୁର ଗ୍ରାମର ଫରିଦ ଖାଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦଳଗତ ଖେଳ ମଧ୍ୟରେ ଦୌଡିଟଣା ଖେଳରେ ଛଅଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ପଙ୍କାଳ ଓ କରଡାପଲ୍ଲି ଦଳ ମଧ୍ୟରେ ହୋଇଥିଲା। ଏଥିରେ କରଡାପଲ୍ଲି ଦଳ ୨-୧ରେ ବିଜୟୀ ହୋଇ ଦୌଡିଟଣାରେ ଚାମ୍ପିଅନ ହୋଇଥିଲା। ସେହିଭଳି ଭଲିବଲରେ ଆଠଟି ଦଳ ଭାଗ ନେଇଥିଲେ। ଶେଷ ଫାଇନାଲ ପଙ୍କାଳ ଓ ଧୂଆଁସାହି (ସୁଙ୍ଗୁଡା) ଗ୍ରାମ ମଧ୍ୟରେ ହୋଇଥିଲା। ଏଥିରେ ପଙ୍କାଳ ଦଳ ୨୪-୨୧, ୨୩-୨୪ ଏବଂ ୨୪-୨୦ରେ ବିଜୟ ହାସଲ କରି ଭଲିବଲ ଚାମ୍ପିଅନ ହୋଇଛି। ଫୁଟବଲ ଖେଳରେ ପଙ୍କାଳ, ଗୁଣ୍ଡିଚାପଡା, ତାଳବରକୋଟ, କୋଟପଲ୍ଲା, କରଡାପଲ୍ଲି, ମୁକ୍ତାଦେଇପୁର ଓ ରେଷ୍ଟ ଅଫ୍ କଟକ ଭାଗନେଇଥିଲେ। ଏହି ଖେଳରେ ଗୁଣ୍ଡିଚାପଡା ଏବଂ କରଡାପଲ୍ଲି ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଟ୍ରାଇବେକର ୫-୪ ଗୋଲରେ କରଡାପଲ୍ଲି ଦଳ ବିଜୟ ହୋଇ ଫୁଟବଲ ଚାମ୍ପିଅନ ହୋଇଥିଲେ। କ୍ରୀଡାଗତ ସମସ୍ତ ଖେଳକୁ ଇସମାଇଲ ଖାଁ, ଲୋକମାନ ଖାଁ, ମହମ୍ମଦ ଖାଁ, ବେଶାରତ ଖାଁ, ସଲାତ ଖାଁ, ମହମ୍ମଦ ସୋଲେମାନ ଏବଂ କମାଲୁଦ୍ଦିନ ଖାଁ ପରିଚାଳନା କରିଥିଲେ।

## ଯାଦବ ଉନ୍ନୟନ ପରିଷଦର ଶ୍ରଦ୍ଧାଞ୍ଜଳି ସଭା



ଭଦ୍ରେଶ୍ୱର,୧୦।୮ (ସମିସ): ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମପଞ୍ଚାୟତ କଲ୍ୟାଣପୁର ଗ୍ରାମର ବିଶିଷ୍ଟ ସମାଜସେବୀ ଶାନ୍ତନୁ ପଲେଇଙ୍କ ଏକାଦଶାହ ଅବସରରେ କଟକ ଜିଲ୍ଲା ଯାଦବ ଉନ୍ନୟନ ପରିଷଦ ମାହାଙ୍ଗା ଆନୁକୂଲ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ଅନୁଷ୍ଠାନର ଉପସଭାପତି ରସାନନ୍ଦ ବାରିକ ସଭାପତିତ୍ୱ କରିଥିଲେ। ଏଥିରେ ମୂଳବସନ୍ତ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି କବି ପ୍ରଶାନ୍ତ କୁମାର କର, ଯାଦବ ପରିଷଦର ସାଂସ୍କୃତିକ ସମ୍ପାଦକ କବି ଡମ୍ବରୁଧର ପରିଡା, ଜୟଦେବ ମୁଦୁଲି, ରାମଚନ୍ଦ୍ର ପରିଡା, ବିଶିଷ୍ଟ କଣ୍ଠଶିଳ୍ପୀ ବିଶ୍ୱନାଥ ପଲେଇ, ଇଂ ପ୍ରଫୁଲ ବେହେରା, ଉପଦେଷ୍ଟା ରବିନ୍ଦ୍ରନାଥ ଦାସ, ଅପର୍ତି ବେହେରା, ସାମ୍ବାଦିକ ଅଖିଳେଶପଦ ମହାନ୍ତି, ସୁଶାନ୍ତ ସାହୁ, ମୁଖ୍ୟ ସଂଯୋଜକ ରବି ଦାସ, ସାଧାରଣ ସମ୍ପାଦକ ଅନନ୍ତ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗତ ଶାନ୍ତନୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ।

## ଖୁଣ୍ଟୁଣୀ-ନରସିଂହପୁର ରାସ୍ତା କାର୍ଯ୍ୟ ନିମ୍ନମାନର

# ବର୍ଷାରେ ଢଳାଯାଉଛି ପିଚୁ

ନରସିଂହପୁର,୧୦।୮ (ସମିସ)

ଖୁଣ୍ଟୁଣୀ- ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥ ରାସ୍ତା ନବୀକରଣ କାର୍ଯ୍ୟ ଅତି ନିମ୍ନମାନର ଅଭିଯୋଗ ହେବା ସହ ବର୍ଷାରେ ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ଯାହା ଫଳରେ ୪୦କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ନରସିଂହପୁର ଖୁଣ୍ଟୁଣୀ ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ପ୍ରକାଶ ଯେ, ନରସିଂହପୁର ନୂଆପାଟଣାରୁ ଖୁଣ୍ଟୁଣୀ ରାଜା ଆଠଗଡ଼ ପର୍ଯ୍ୟନ୍ତ ୬୫ ନମ୍ବର ରାଜ୍ୟ ରାଜପଥର ୮୦ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତା ନବୀକରଣ ନିର୍ମାଣ କାର୍ଯ୍ୟ ପାଇଁ ୪୦କୋଟି ଟଙ୍କା ବ୍ୟୟ ହୋଇଛି। ଏହାକୁ ମାକିନଷ୍ଟନ ନାମକ ଠିକାସଂସ୍ଥା ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇ ନିର୍ମାଣ କାର୍ଯ୍ୟ କରୁଛି। କିନ୍ତୁ ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଶୁକ୍ରବାର ନରସିଂହପୁର ବ୍ଲକର ବାଘଧରିଆ ନିକଟରେ ବର୍ଷା ସମୟରେ ରାସ୍ତା ନିର୍ମାଣ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଥିଲା। ବର୍ଷା ସମୟରେ ପିଚୁ ରାସ୍ତା ନିର୍ମାଣ ହେଉଥିବା ଅଭିଯୋଗ ହେବା ପରେ ରାସ୍ତା ନିର୍ମାଣ କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ହୋଇଥିଲା। କିନ୍ତୁ ପରେ ପୁଣି ନିୟମ ଉଲଙ୍ଘନ କରି ବର୍ଷା ସମୟରେ ରାସ୍ତା ନିର୍ମାଣ କରାଯାଇଥିଲା ଅନୁରୂପ ଭାବେ ବଡମ୍ବା ବ୍ଲକରେ ମଧ୍ୟ ବର୍ଷା ସମୟରେ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଯାହା ଫଳରେ କେତେକ ସ୍ଥାନରେ ରାସ୍ତାରୁ ପିଚୁ ଉଠିଥିବା ଦେଖିବାକୁ ମିଳିଛି। ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରା ପାଇଁ ୪୦ କୋଟିର ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଶୀଳ କୁମାର ସିଂଙ୍କୁ ପଚାରିବାରୁ ବର୍ଷା ହେଉଥିବା ସମୟରେ ପିଚୁ ରାସ୍ତା ନିର୍ମାଣ ହୋଇପାରିବ ନାହିଁ ବୋଲି ସ୍ୱୀକାର କରିଛନ୍ତି। କିନ୍ତୁ ରାସ୍ତା ଉପରେ ରାସ୍ତାରେ ରାସ୍ତା ନିର୍ମାଣ କରାଯାଉଥିବାରୁ ଅଳ୍ପ ବର୍ଷାରେ କାମ ହେଲେ କିଛି ଅସୁବିଧା ହେବ ନାହିଁ ବୋଲି ସଫେଇ ଦେବା ସହ ରାସ୍ତା ନିର୍ମାଣ ହେବା ସମୟରେ ହଠାତ ବର୍ଷା ହୋଇଯିବାରୁ ଆଉ କଣ କରାଯାଇଥାନ୍ତା ବୋଲି ଓଲଟି ପ୍ରଶ୍ନ କରିବା ସହ ବର୍ଷା ଛାଡିବା ପରେ ରାସ୍ତା ନିର୍ମାଣ ହୋଇଥିଲା। ଏଥିରେ ଅସୁବିଧା ନାହିଁ ବୋଲି ପୂର୍ତ୍ତ ବିଭାଗ ବିଭାଗୀୟ ଅଧିକାରୀ କହିଛନ୍ତି।

- ୪୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ
- ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ



# କଖଡ଼ି କଲେଜରେ ନବାଗତଙ୍କୁ ସ୍ୱାଗତ



ଚୌଦ୍ୱାର,୧୦।୮ (ସମିସ): କଖଡ଼ି ମହାନଦୀ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରଞ୍ଜିତ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଖଡ଼ି ସରପଞ୍ଚ କଳ୍ପନା ଛତାର ଓ ସମିତିସଭ୍ୟ ପ୍ରଦୀପ କୁମାର ମହାନ୍ତି, ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବିକାଶ ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ଭଲ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଚିତ୍ତରଞ୍ଜନ ସ୍ୱାଇଁ, ସଞ୍ଜୀବ ସାହୁ, ଡ. କଳ୍ପନା ଦାସ, ଜୟଶ୍ରୀ ସାହୁ, ଏଲିନା ପରିଡ଼ା ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ନବାଗତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସରପଞ୍ଚଙ୍କ ଦ୍ୱାରା ପ୍ରଦତ୍ତ ଏକ ଥଣ୍ଡା ପନୀୟ ଜଳ ମେସିନ୍ କଲେଜ ପରିସରରେ ସଂଯୋଗ କରାଯାଇଥିଲା।

# ଚୌଦ୍ୱାର କଲେଜରେ ରକ୍ତଦାନ ଶିବିର

ଚୌଦ୍ୱାର,୧୦।୮ (ସମିସ): ଚୌଦ୍ୱାର ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ମ୍ୟୁନିସିପାଲ କର୍ପୋରେସନ୍‌ର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ଅତିଥି ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ କଟକ ରେଡ଼କ୍ରସ୍ ରକ୍ତ ଭଣ୍ଡାରର ଡା. ରାମ ପ୍ରସାଦ ରାୟ, ଡା. ଅଭିଷେକ ଶତପଥୀ, କୁମାର ସ୍ୱାଇଁ, ବିଜୟ ସ୍ୱାଇଁ, ପ୍ରକାଶ ମଲ୍ଲିକ୍ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ମୋଟ ୨୨ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। କଲେଜର ଯୁବ ରେଡ଼କ୍ରସ କାଉନସିଲର ଡ. ମମତା ସାହୁ, ଅଧ୍ୟାପକ ରିଙ୍କୁ ପ୍ରଧାନ, ବସନ୍ତ ବିଶ୍ୱାଳ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ରାଜକିଶୋର ସାମନ୍ତରାୟ, ବିମଳ ବେଉରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବୌଦ୍ଧିକ ଅକ୍ଷମଙ୍କ ରାଜ୍ୟସ୍ତରୀୟ ଚୟନ ଶିବିର



ଆଠଗଡ଼,୧୦।୮ (ସମିସ): ଆଠଗଡ଼ ବ୍ଲକ ଦୋରଡ ସ୍ଥିତ ବ୍ରଜବିହାରୀ ଫାଉଣ୍ଡେସନ ସହଯୋଗରେ ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠ ଏବଂ ହେମମାଳପୁର ଠାରେ ବୌଦ୍ଧିକ ଅକ୍ଷମଙ୍କ ପାଇଁ ଜାତୀୟସ୍ତରରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ୧୫୦ ଜଣ ବୌଦ୍ଧିକ ଅକ୍ଷମ ଏଥିରେ ଯୋଗଦେଇଥିଲେ। ଏଥିରେ ବାସ୍କେଟବଲ, ହାଣ୍ଡ ବଲ, ଫୁଟବଲ୍ ଆଦି ପାଇଁ ଚୟନ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଅଲମ୍ପିକ ଭାରତ ଓଡ଼ିଶା ଶାଖାର ଏରିଆ ନିର୍ଦ୍ଦେଶକ ପ୍ରକାଶ ରଥ ଯୋଗଦେଇ ସ୍ୱତନ୍ତ୍ର ଅଲମ୍ପିକ ବିଷୟରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରଜବିହାରୀ ମହାନ୍ତି, ଟ୍ରଷ୍ଟର ଟ୍ରଷ୍ଟି ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଅର୍ପିତା ମହାପାତ୍ର, ସସ୍ମିତା ମହାପାତ୍ର ହେମମାଳପୁର ଗ୍ରାମ କମିଟି ମୁଖ୍ୟ ବେଣୁଧର ଜେନା, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସଭ୍ୟ ସୁଶାନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।

# ରାଇସ ମିଲରୁ ଚୋରି; ୪ ଗିରଫ

ଆଠଗଡ଼,୧୦।୮ (ସମିସ): ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କାପୁରସିଂ ରାସ୍ତା କଡରେ ୪ ଜଣ ଯୁବକ ମିଶି ଏକ କବାଡିଆ ଦୋକାନ ଖୋଲି ଓ ଆର ୦୫ ଏଫ ୦୯ ୭୨ ଗାଡ଼ିରେ ପଛରେ



ଟଲି ଲଗାଇ ବେପାର କରିଆସୁଛନ୍ତି। ଗତ ୮ ତାରିଖ ବିଳମ୍ବିତ ରାତ୍ରିରେ ଛଅଙ୍ଗା ଠାରେ ଥିବା ରାଇସ ମିଲ ତାଲା ଭାଙ୍ଗି ଲକ୍ଷ ଲକ୍ଷ ଟଙ୍କାର ଦାମୀ ମୋଟର ଏବଂ ବହୁ ଆସବାବପତ୍ର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତଦନ୍ତ କରି ପୁଲିସ ଏହି ଚାରି ଜଣଙ୍କୁ ପଚରାଉଚରା କରିବା ପରେ ସଂପୃକ୍ତ ଯୁବକମାନେ ଚୋରି କରିଥିବା ନେଇ ପୁଲିସ ଆଗରେ ପ୍ରକାଶ କରିଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗର ଏସକେ ଲୋକମାନ (୩୦), ପାରିବ ଏସକେ(୩୦), ଅରବିନ୍ଦ ବିଶ୍ୱାସ (୪୪), ତହିଦୁଲ ଇସଲାମ(୨୫) ବୋଲି ଜଣାପଡିଛି। ଚୋରି ସାମଗ୍ରୀ ସେଇ ଘରେ ଗଚ୍ଛିତ କରି ରଖିଥିଲେ। ଗିରଫ ୪ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ଗୁରୁଡିଝାଟିଆ ଥାନା ଆଇଆଇସି ତପନ ପତି ସୂଚନା ଦେଇଛନ୍ତି।


# ସଫାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ଟାଙ୍ଗୀ,୧୦।୮ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଅଶ୍ୱିନୀ ହସ୍ପିଟାଲ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ହସ୍ପିଟାଲର ଅସ୍ଥି ବିଭାଗର ବରିଷ୍ଠ ଚିକିତ୍ସକ ଡ. ରାହୁଲ ସନଭୋଗ ଓ ଛାତି ବିଭାଗର ଚିକିତ୍ସକ ଡ଼ଃ ଅମନ ନାଗି ଓ ସଂଯୋଜକ ଦିଲ୍ଲୀପ କୁମାର ବାରିକଙ୍କ ସହ ସୌମ୍ୟାଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ୧୮୦ଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଅନ୍ୟତମ ଅତିଥିଭାବେ ସକାଳର ପ୍ରତିନିଧି ଗଙ୍ଗାଧର ବେହେରା, ରକ୍ଷ୍ୟାନନ୍ଦ ସ୍ୱାଇଁ ଓ ସୁଲଭ ଚନ୍ଦ୍ର ଧଳଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ସାହିତ୍ୟିକ ସୁରଥ ରାଉତ ସମ୍ବର୍ଦ୍ଧିତ

ନିଶ୍ଚିନ୍ତକୋଇଲି,୧୦।୮ (ସମିସ): ନିଶ୍ଚିନ୍ତକୋଇଲି ଅଞ୍ଚଳର ଅଗ୍ରଣୀ ସାହିତ୍ୟ ସଂଗଠନ ପରିବାର ସାହିତ୍ୟ ସଂସଦର ସଭାପତି, ପରିବେଶବିତ୍, ଆଦର୍ଶ ଶିକ୍ଷକ ତଥା ସାହିତ୍ୟିକ



ସୁରଥ କୁମାର ରାଉତଙ୍କୁ ଚତୁର୍ଥ ସାଲେପୁର ସାହିତ୍ୟ ମହୋତ୍ସବ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ସମୃଦ୍ଧି କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସାଲେପୁର ସାହିତ୍ୟ ମହୋତ୍ସବ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ସାଲେପୁର ସାହିତ୍ୟ ମହୋତ୍ସବ କମିଟିର ଆବାହକ ସାମ୍ବାଦିକ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ, କବି, ସଂଗଠକ ଡ. ଗୋବିନ୍ଦ ଭୂୟାଁ ଓ ଜେଏନ୍ କଲେଜ ଓଡ଼ିଆ ଭାଷା ବିଭାଗର ମୁଖ୍ୟ ପ୍ରଧ୍ୟାପକ ଡ. ନିଖିଳେଶ ମହାନ୍ତି ଯୋଗଦେଇ ଶ୍ରୀ ରାଉତଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଏ ଅଞ୍ଚଳର ବହୁ ସାହିତ୍ୟିକ, ଶିକ୍ଷାବିତ, କବି ଓ ବୁଦ୍ଧିଜୀବୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଲୁଟେରାଙ୍କ ଚରାଭୂଇଁ ଅସୁରେଶ୍ୱର

ନିଶ୍ଚିନ୍ତକୋଇଲି,୧୦।୮ (ସମିସ):

ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଅସୁରେଶ୍ୱର ବଜାର ବିଗତ ୩/୪ ବର୍ଷ ହେବ ଲୁଟେରାଙ୍କ ଚରାଭୂଇଁ ପାଲଟିଛି। ଦିନ ଦ୍ୱିପ୍ରହର ଠାରୁ ଆରମ୍ଭ କରି ସନ୍ଧ୍ୟାରେ ଏବଂ ରାତିରେ ମଧ୍ୟ ବ୍ୟବସାୟୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ଅର୍ଥ ଓ ଅନ୍ୟାନ୍ୟ ଜିନିଷ ପତ୍ରକୁ ଲୁଟେରାମାନେ ବାରମ୍ବାର ଲୁଟ୍ କରିବାରେ ଲାଗିଛନ୍ତି। ବିଶେଷ କରି ଲୁଟେରାମାନେ ଅଳଙ୍କାର ଦୋକାନ ଓ ବଡ଼ ବଡ଼ ବ୍ୟବସାୟଙ୍କୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳିଛି। ଗତ ସପ୍ତାହରେ ସିରିଜ୍ ବୋମା ବିସ୍ଫୋରଣ କରି ଜଣେ ବ୍ୟବସାୟୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କାର ସୁନା ଗହଣା ଲୁଟ୍ କରି ଲୁଟେରାମାନେ ଖସି ଯାଇଥିଲା ବେଳେ ପୁଲିସ କେବଳ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହା ପୂର୍ବରୁ ମଧ ଅନେକ ଲୁଟ୍ ଘଟଣାର କେସ ଫାଇଲ ଭିତରେ ରହିଥିବା ବେଳେ ଲୁଟେରାମାନେ ଧରା ପଡ଼ିନାହାଁନ୍ତି କି ମାଲିକମାନଙ୍କର କୌଣସି ଜିନିଷ ପତ୍ରର ସନ୍ଧାନ ମିଳିପାରିନାହିଁ। ଏପରି ହେବା ଦ୍ୱାରା ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଲୋକମାନେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ନିଶ୍ଚିନ୍ତକୋଇଲି ଥାନା ନିକଟରୁ ଅସୁରେଶ୍ୱର ୧୪/୧୫ କିଲୋମିଟର ଦୂରତା ହୋଇଥିବାରୁ ଲୁଟେରାମାନେ ଏହାର ସୁଯୋଗ ନେଇ

## ଫାଣ୍ଡି ନିର୍ମାଣ ନ ହେବାରୁ ଅସନ୍ତୋଷ

ପୁଲିସକୁ ଚ୍ୟାଲେଞ୍ଜ କରି ବେଧଡ଼କ ଭାବେ ଗୋଟିଏ ପରେ ଗୋଟିଏ ଲୁଟ୍ କରି ଚାଲିଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରେ ବିଳମ୍ବ କରୁଥିବାରୁ ଲୁଟେରାମାନେ କେଉଁଆଡ଼େ ଉଭାନ ହୋଇଯାଉଥିବା ଦେଖିବାକୁ ମିଳୁଛି। ଏ ଅଞ୍ଚଳର ବାସିନ୍ଦାମାନେ ସେମାନଙ୍କର ଧନଜୀବନ ସୁରକ୍ଷା ଦୃଷ୍ଟିରୁ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ଦୀର୍ଘଦିନ ହେବ ଦାବି କରିଆସୁଛନ୍ତି। ଏହି ଅଞ୍ଚଳରେ ବହୁ ପୁରାତନ ପ୍ରତିଷ୍ଠିତ ଦଧିବାମନଜୀଉ ଓ ରଘୁନାଥଜୀଉଙ୍କ ମନ୍ଦିର, ସୁଭଦ୍ରା ମହତାବ କଲେଜ, ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ୟାଙ୍କ୍, ପୋଷ୍ଟ ଅଫିସ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଅନ୍ୟାନ୍ୟ ବହୁ ସରକାରୀ ଓ ବେସରକାରୀ ସଂସ୍ଥା ଓ ବିଭିନ୍ନ ପ୍ରକାର ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ଦୃଷ୍ଟିରୁ ଏହାର ସୁରକ୍ଷା ପାଇଁ ଏକ ଫାଣ୍ଡି ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଉକ୍ତ ଘଟଣା ସମ୍ପର୍କରେ ନବନିର୍ବାଚିତ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଅବଗତ ହେବା ପରେ ଲୋକମାନଙ୍କ ମୌଳିକ ସୁବିଧା ଓ ଧନ ଜୀବନର ସୁରକ୍ଷା ପାଇଁ ଅଗଷ୍ଟ ମାସ ମଧ୍ୟରେ ଏକ ଫାଣ୍ଡି ଖୋଲାଯିବାର ସମସ୍ତ ବ୍ୟବସ୍ଥା ହୋଇଥିବା କହିଥିଲେ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମାନେ ଆଶା ବାନ୍ଧି ଖୁସି ବ୍ୟକ୍ତ କରିଥିଲେ। ଏବେ ଅଗଷ୍ଟ ମାସରୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ନୂତନ ଫାଣ୍ଡି ନିର୍ମାଣ କରାଯିବାର କୌଣସି କାର୍ଯ୍ୟ ଆରମ୍ଭ କରାଯାଇ ନ ଥିବାରୁ ଏ ଅଞ୍ଚଳବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମାହାଙ୍ଗା ବିଧାୟକ ଦେଇଥିବା ପ୍ରତିଶ୍ରୁତି କୁ ତୁରନ୍ତ ପୂରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗାଡି ଧକ୍କାରେ ହରିଣ ମୃତ

ଆଠଗଡ,୧୦।୮ (ସମିସ): ଖୁଣ୍ଟୁଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥରେ ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ହରିଣର ମୃତ୍ୟୁ ହୋଇଥିବା ଜଣାପଡିଛି। ଆଠଗଡରୁ ଖୁଣ୍ଟୁଣୀ ରାସ୍ତାର କୁଲାଇଲୋ ଠାରେ ଏକ ହରିଣ ସ୍ଥାନୀୟ ଜଙ୍ଗଲ ଅଞ୍ଚଳରୁ ହଠାତ ରାସ୍ତା କଡକୁ ପଳାଇ ଆସିଥିଲା। ଏହି ସମୟରେ ଗୋଟିଏ ଅଜଣା ଗାଡ଼ି ତାକୁ ଧକ୍କା ଦେଇ ପଳାଇ ଯାଇଥିବା ବେଳେ ଘଟଣାସ୍ଥଳରେ ହରିଣଟିର ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ପାଇ ଆଠଗଡ଼ ବନ ବିଭାଗର ଅଧିକାରୀ ଏବଂ ଆଠଗଡ ପ୍ରାଣୀ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ହରିଣଟିର ମୃତଦେହ ଜବତ କରିଥିଲେ। ପରେ ଶବ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିବା ଜଣାପଡିଛି। ଏହି ଅଣ୍ଡିରା ହରିଣଟିର ବୟସ ୪ରୁ ୫ ବର୍ଷ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।

# ଦଧିବାମନଜୀଉଙ୍କ ଗହ୍ମା ଝୁଲଣ ଓ ଗୀତିନାଟ୍ୟ ପରିବେଷଣ



ନିଶ୍ଚିନ୍ତକୋଇଲି,୧୦।୮ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱର ପଞ୍ଚାୟତ କୋଇଲୋ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଜୀଙ୍କ ଝୁଲଣ ଯାତ ୫ଦିନ ଧରି ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରଭୁଙ୍କ ସନ୍ଧ୍ୟା ଆଳତୀ ପରେ ଯଥାରୀତି ନୀତିକାନ୍ତି ସମାପନ ହୋଇ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ମା' ଲକ୍ଷ୍ମୀଙ୍କୁ ବିମାନରେ ଅଧିଷ୍ଠିତ କରାଯାଇ ହରିବୋଲ, ହୁଳହୁଳି ଓ ସଂକୀର୍ତ୍ତନ ଧ୍ୱନିରେ ଶୋଭାଯାତ୍ରାରେ ଝୁଲଣ ମଣ୍ଡପକୁ ନିଆଯାଇ ସେଠାରେ ଝୁଲଣ ଖେଳାଯାଇଥିଲା। ଗହ୍ମା ପୂର୍ଣ୍ଣିମା ଦିନ ଶ୍ରୀ ଜୀଉଙ୍କର ରକ୍ଷାବନ୍ଧନ ପାଇଁ ଏ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଜୟ ଜଗନ୍ନାଥ ପକ୍ଷରୁ ମା ଜାଗୁଲାଇ ପୀଠରୁ ପୁଷ୍ପରେ ତିଆରି ଏକ ସ୍ୱତନ୍ତ୍ର ରାକ୍ଷୀକୁ ମହା ପଟୁଆରରେ ସୁସଜ୍ଜିତ ବିମାନରେ ଅଣାଯାଇ ପ୍ରଭୁ ଦଧିବାମନଜୀଉଙ୍କ ହସ୍ତରେ ପୂଜକଙ୍କ ଦ୍ୱାରା ପିନ୍ଧାଇ ଦିଆଯାଇଥିଲା। ଏ ଅଞ୍ଚଳର କୁନି କୁନି କଳାକାରଙ୍କ ଦ୍ୱାରା ଝୁଲଣ ଯାତର ଶେଷ ଦୁଇ ଦିନରେ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ନାଟ୍ୟ ନିର୍ଦ୍ଦେଶନାରେ ଗୟାତୀର୍ଥ ଶୀର୍ଷକ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସୋଳ ଟ୍ରଷ୍ଟି ତହସିଲଦାର ଦମୟନ୍ତୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ କମିଟିର ପ୍ରାକ୍ତନ ସଭାପତି ପ୍ରଫେସର ଦେବେନ୍ଦ୍ରନାଥ ଖୁଣ୍ଟିଆ, ପରିଚ୍ଛା ସେବାୟତ ସୁବାଷଚନ୍ଦ୍ର ମିଶ୍ର, ସଭ୍ୟ ବିଜୟ ମିଶ୍ର ପରିଚାଳନା କରିଥିବାବେଳେ ଚାରଣ ଗୋଷ୍ଠୀ ପରିବାର, ସ୍ଥାନୀୟ ଅଞ୍ଚଳର ଯୁବ ଗୋଷ୍ଠୀ ଓ ଶ୍ରୀଜୀଉଙ୍କର ସେବାୟତମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧନା

ଟାଙ୍ଗୀ,୧୦।୮ (ସମିସ): ଟାଙ୍ଗୀ ମହାବିଦ୍ୟାଳୟର ନୂତନ ଓ ଅବସରକାଳୀନ ଅଧ୍ୟକ୍ଷଙ୍କ ସମ୍ବର୍ଦ୍ଧନା ସଭା ପୁରାତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ଦ୍ୱାରା କଲେଜ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀ ମଧୁସ୍ମିତା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ କଲେଜ ପ୍ରତିଷ୍ଠାତା ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ପ୍ରାକ୍ତନ ଓଡ଼ିଆ ଅଧ୍ୟାପକ ଡ଼ ଗୋବିନ୍ଦ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଇକବାଲ ହୁସେନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ନୂତନ ଅଧ୍ୟକ୍ଷା ଡ.



ବିଲକେଶ ପରବିନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱରୂପ ରଞ୍ଜନ ନାୟକ, ବାଦଲ, ଅମୀୟ, ଜିତେନ୍ଦ୍ର, ଆୟୁଷ ଓ ଜିତୁଙ୍କ ସମେତ ପୁରାତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ସହ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଚୌଦ୍ୱାରରେ ବିଜେଡିର ସାଂଗଠନିକ ବୈଠକ



ଚୌଦ୍ୱାର,୧୦।୮ (ସମିସ): ବିଜେଡ଼ି ଦଳର ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତାଙ୍କର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ମଜବୁତ କରିବା ସହିତ ପୁଣିଥରେ ବିଜେଡି କିପରି ଶାସନ କ୍ଷମତାକୁ ଫେରିବ ସେ ସମ୍ପର୍କରେ ଉପସ୍ଥିତ ପଞ୍ଚାୟତ ଓ ପୌରପାଳିକାର ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଦୀର୍ଘଦିନ ହେବ ଦଳର ଚୌଦ୍ୱାର ନଗର ସଭାପତି ପଦ ଖାଲି ପଡିଥିବାରୁ ଖୁବ୍‌ଶୀଘ୍ର ନୂତନ ନଗର ସଭାପତି ଚୟନ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ବିଧାୟକ ବିଶ୍ୱାଳ ସୂଚନା ଦେଇଥିଲେ। ପୌରପାଳିକା ଓ ବିଭିନ୍ନ ପଞ୍ଚାୟତର ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ମୀମାନେ ବିଧାୟକଙ୍କୁ ଅବଗତ କରାଇଥିଲେ। ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଉପନଗରପାଳ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ଆଶୁତୋଷ ଦାସ, ଅଜୟ ବେହେରା, ଅଜିନୀ ବେହେରା, ଦିଲ୍ଲୀପ ସାହୁ, ଦୀପକ ମଙ୍ଗରାଜ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ରାମଚନ୍ଦ୍ର ନାୟକ, ବିନୟ ମଲ୍ଲିକ, ଧୀରେନ୍ଦ୍ର ଜେଠୀ, ମୁନା ରାଉତ, ନାରୀନେତ୍ରୀ କବିତାରାଣୀ ଲେଙ୍କା, ମୀନା ଚୌଧୁରୀ, ବବିତା ବେଉରାଙ୍କ ସମେତ ବହୁ ଦଳୀୟକର୍ମୀ ବୈଠକରେ ଉପସ୍ଥିତ ଥିଲେ।

# ଟାଙ୍ଗୀ ମଣ୍ଡଳ ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା ପ୍ରସ୍ତୁତି

ଟାଙ୍ଗୀ,୧୦।୮ (ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ମଣ୍ଡଳ ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କହ୍ନେଇପୁର ପଞ୍ଚାୟତ ଭଗତପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ, ବରିଷ୍ଠ ନେତା ବିଚିତ୍ରାନନ୍ଦ ସ୍ୱାଇଁ, ଶାଳଗାଁ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ ଓ ପ୍ରସନ୍ନ ଚୌଧୁରୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଟାଙ୍ଗୀ ମଣ୍ଡଳ ଅନ୍ତର୍ଗତ ଶାଳଗାଁ, କହ୍ନେଇପୁର, ଉଚ୍ଛପଦା ଓ କୋଟସାହି ଆଦି ୪ଟି ପଞ୍ଚାୟତର ଶତାଧିକ ମହିଳା ଏବଂ ପୁରୁଷକର୍ମୀ ସଭାରେ



ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଆହ୍ୱାନ ଜଣାଇଥିଲେ। ଅନ୍ୟପକ୍ଷରେ ସ୍ୱଚ୍ଛ ଭାରତ ଅଭିଯାନ ସହ ଦେଶଭକ୍ତ ତଥା ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ତ୍ରିରଙ୍ଗା ଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ମଣ୍ଡଳ ସଭାପତି ହୃଷିକେଶ ସାମଲଙ୍କ ସହ ମଣ୍ଡଳ କର୍ମକର୍ତ୍ତାଙ୍କ ନାମ ଏହି ଅବସରରେ ଘୋଷଣା କରାଯାଇଥିଲା। ହରିଶ ମହାନ୍ତି, ହେମନ୍ତ ମହାରଣା, ମିହିର ସାହୁ, ଅମରେଶ ସାହୁ, ନାରୀନେତ୍ରୀ ଗୀତାଞ୍ଜଳି ମହାନ୍ତି ଓ ଚମ୍ପାବତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବାବେଳେ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଝୁଲଣ ଯାତ୍ରା ଓ ସମ୍ବର୍ଦ୍ଧନା ସମାରୋହ



ମାହାଙ୍ଗା,୧୦।୮ (ସମିସ): ମାହାଙ୍ଗା ବ୍ଲକ ମୂଳବସନ୍ତ ଗ୍ରାମପଞ୍ଚାୟତ ହଂସଦିଆ ଗ୍ରାମରେ ୨୮ତମ ଝୁଲଣ ଯାତ୍ରା ଓ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାରାୟଣ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ଅଖିଳେଶପଦ ମହାନ୍ତି ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ କବି ପ୍ରଶାନ୍ତ କୁମାର କର ସଭାପତିତ୍ୱ କରିଥିଲେ। ଏଥିରେ କଳା ଓ ସଙ୍ଗୀତ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ସଙ୍ଗୀତକାର ବିଶ୍ୱନାଥ ପଲେଇ, ଉପସ୍ଥାପକ ଅଜୟ ପାତ୍ର, କଣ୍ଠଶିଳ୍ପୀ ସୁଧାଂଶୁ ଶେଖର ପଣ୍ଡା, ସୁବାଷ ରାଉତ, ତପନ ନନ୍ଦ, ପାୟଲ ନନ୍ଦ, ଅଶୋକ ରାୟ, ଦେବାଶିଷ ମିଶ୍ର, ନରେଶ ରାଉତ, ବସନ୍ତ ରାଉତ, ସନ୍ତୋଷ ଶତପଥି, ସୁବାଷ ପୃଷ୍ଟି, ମାଷ୍ଟର ଟୁକୁନା, ପ୍ରଶାନ୍ତ ଲେଙ୍କା, ବବୁଲ ପଣ୍ଡା ଓ ବବୁଲ ନନ୍ଦଙ୍କୁ ମୁଖ୍ୟଅତିଥି ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଅଲଗା କଲେ ତ୍ରିରଙ୍ଗା ଶୋଭାଯାତ୍ରା | ମାହାଙ୍ଗା ବିଜେପି ଦୁଇଫାଳ

ମାହାଙ୍ଗା/ଭଦ୍ରେଶ୍ୱର,୧୦।୮ (ସମିସ):

ଆଜି ମାହାଙ୍ଗାରେ ବିଜେପିର ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରାରେ ଦଳୀୟ ଗୋଷ୍ଠୀ କନ୍ଦଳ ପଦାରେ ପଡିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଜେପି ଦୁଇଫାଳ ହୋଇଛି। ଗୋଟିଏ ଗୋଷ୍ଠୀ ବିଜେପିର ପରାଜିତ ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇଙ୍କୁ ସମର୍ଥନ କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ସୁମନ୍ତଙ୍କୁ ନେତା ରୂପେ ମାନିବାକୁ ପ୍ରସ୍ତୁତ ନୁହନ୍ତି। ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ପଛରେ ବିଜେପିର ଏକ ବୃହତ ଗୋଷ୍ଠୀ ରହିଛି। ଯାହାକୁ ନେଇ ବିଜେପିର ଦଳୀୟ କାର୍ଯ୍ୟକ୍ରମରେ ସାରଦା ଆଗରେ ରହିଥିବା ବେଳେ ସୁମନ୍ତ ପଛରେ ପଡିଯାଇଛନ୍ତି। ତେବେ ରବିବାର ମାହାଙ୍ଗାରେ ବିଜେପି



ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଆୟୋଜନ କରି ସୁମନ୍ତ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ପରିପେକ୍ଷୀରେ ସୁମନ୍ତ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କୁ ଖୁଲମଖୁଲା ଭାବେ କଟାକ୍ଷ କରିବାକୁ ପଛାଇ ନ ଥିଲେ। ଯାହାକୁ ସାରଦାଙ୍କ ସମର୍ଥକ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ବିଜେପିର ଦଳୀୟ ସଭା ସମାବେଶରେ ବିରୋଧି ବିଜେଡି ଓ କଂଗ୍ରେସ ବିରୋଧରେ ସୁମନ୍ତ କେବେ ବି ମୁହଁ ଖୋଲିନଥିବା ବେଳେ ନିଜ ଦଳକୁ ସମର୍ଥନ କରୁଥିବା ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କୁ ବାରମ୍ବାର କଟୁ ସମାଲୋଚନା କରିବାକୁ ପଛାଉ ନାହାନ୍ତି। ଯାହାକି ମାହାଙ୍ଗାରେ ବିଜେପି ଦଳୀୟ କନ୍ଦଳକୁ ପଦାରେ ପକାଇଛି। ସୂଚନା ମୁତାବକ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଜେପି ଦଳୀୟ ପ୍ରାର୍ଥୀ ସୁମନ୍ତ ଘଡେଇ ରବିବାର ଦିନ ମାହାଙ୍ଗା ବ୍ଲକ ସଦର ମହକୁମା କୁଆଁପାଳ ଠାରୁ ଏରକଣା ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ନାମରେ ଏକ ବାଇକ୍ ଶୋଭାଯାତ୍ରା

## ପଦାରେ ପଡ଼ିଲା ଗୋଷ୍ଠୀ କନ୍ଦଳ

କରିଥିଲେ। ଏହି ବାଇକ୍ ଶୋଭାଯାତ୍ରାରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଉଭୟ ବ୍ଲକର ଶତାଧିକ ସୁମନ୍ତଙ୍କ ସମର୍ଥକ ଯୋଗଦେଇଥିଲେ। ତେବେ ସୁମନ୍ତ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ୨ଟି ବ୍ଲକର ସମର୍ଥକଙ୍କୁ ନେଇ ଯେଉଁ ଭଳି ଭାବରେ ନିଜର ପାରିବା ପଣିଆ ଦେଖାଇଛନ୍ତି ତାହାର ପ୍ରତି ଜବାବରେ ସୋମବାର ଦିନ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଦ୍ରେଶ୍ୱର ବିଜେପି ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିରାଟ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ମୂଳ ବିଜେପିକୁ ଅଣଦେଖା କରି ସୁମନ୍ତ ମାହାଙ୍ଗାରେ ନିଜର ଦୁର୍ବଳତାକୁ ଲୁଚାଇବାକୁ ଯେଉଁ ଉଦ୍ୟମ କରୁଛନ୍ତି ସେଥିପାଇଁ ନିଜ ଦଳ ଲୋକ ହସା ହେଉଥିବା ଆଲୋଚନା ହେଉଛି। ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତଙ୍କ ଡାକରାରେ ମାହାଙ୍ଗାରେ ତ୍ରିରଙ୍ଗା ଯାତ୍ରା ବନାମ ସୁମନ୍ତଙ୍କ ତ୍ରିରଙ୍ଗା ଯାତ୍ରା ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଦେଖିବାକୁ ବାକି ରହିଲା ଜିଲ୍ଲା ଓ ରାଜ୍ୟ ନେତୃତ୍ୱଙ୍କ ପାଇଁ ସୁମନ୍ତଙ୍କ ଶକ୍ତି ପ୍ରଦର୍ଶନ ଅଧିକ ପ୍ରଭାବିତ କରୁଛି ନା ଭକ୍ତଙ୍କ ତ୍ରିରଙ୍ଗା ଯାତ୍ରା ଅଧିକ ପ୍ରଭାବ ପକାଉଛି। ଏହି ଘଟଣାକୁ ନେଇ ମାହାଙ୍ଗା ରାଜନୀତିରେ ଚର୍ଚ୍ଚା ଜୋର ଧରିଛି।

ସକାଳ
THE SAKALA



## ଟାଇକନ ଭୁବନେଶ୍ୱର-୨୦୨୫ ଉଦଯାପନୀ ଉତ୍ସବ

# ଓଡ଼ିଶାରେ ନିବେଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୦।୮ (ସମିସ): ଦେଶର ଅଭିବୃଦ୍ଧି ଯାତ୍ରାରେ ଓଡ଼ିଶାକୁ ଆଉ ଅଣଦେଖା କରାଯାଇପାରିବ ନାହିଁ। ଓଡ଼ିଶା ବର୍ତ୍ତମାନ ଦେଶର ଅଭିବୃଦ୍ଧିର କେନ୍ଦ୍ର ସ୍ଥଳରେ ଥିବାବେଳେ ଏକ ନବସୃଜନ କେନ୍ଦ୍ର ଭାବରେ ଉଭା ହେଉଛି। ଓଡ଼ିଶାର ଅଭିବୃଦ୍ଧି ଏହାର ସୁଦୃଢ଼ ନୀତି, ଭିତ୍ତିଭୂମି ତଥା ନବସୃଜନ ପରି ପାରିପାର୍ଶ୍ୱିକ ସ୍ଥିତି ଦ୍ୱାରା ପରିଚାଳିତ ହେଉଛି। ଓଡ଼ିଶାକୁ ବୈଶ୍ୱିକ କ୍ଷମତା କେନ୍ଦ୍ରର ଭାବେ ଏକ ପସନ୍ଦର ସ୍ଥାନ ଭାବେ ଗଢ଼ିତୋଳିବାକୁ ଆମେ ସକ୍ରିୟତାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ଟାଇକନ ଭୁବନେଶ୍ୱର-୨୦୨୫ର ଉଦଯାପନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିବେଶ କରିବାକୁ ଶିଳ୍ପପତିଙ୍କୁ ଆହ୍ୱାନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଠାରେ ଉପସ୍ଥିତ ପ୍ରତ୍ୟେକ ନିବେଶକ, ପରାମର୍ଶଦାତା ଏବଂ ଉଦ୍ୟୋଗୀଙ୍କୁ ଆମେ ଓଡ଼ିଶାରେ ନିବେଶ



ନବସୃଜନ କେନ୍ଦ୍ର ଭାବରେ ଉଭା ହେଉଛି ଓଡ଼ିଶା

ପାଇଁ ଆମନ୍ତ୍ରଣ ଜଣାଉଛୁ। କୃତ୍ରିମ ବୁଦ୍ଧିମତା ଗବେଷଣା ହେଉ ଅଥବା ସେମିକଣ୍ଡକ୍ଟର ଚିପ୍ ଡିଜାଇନ, ଆର୍ଥିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ର; ଓଡ଼ିଶା ବର୍ତ୍ତମାନ ନେତୃତ୍ୱ ନେବାକୁ ପ୍ରସ୍ତୁତ। ଏକ ସ୍ୱତନ୍ତ୍ର ଏବଂ ସମର୍ପିତ ଏଆଇ ନୀତି ଆରମ୍ଭ କରିବା କ୍ଷେତ୍ରରେ ଓଡ଼ିଶା ବର୍ତ୍ତମାନ ଦେଶର ଅନ୍ୟତମ ପ୍ରଥମ ରାଜ୍ୟ । ଆମେ ଆମର ସେମିକଣ୍ଡକ୍ଟର ନୀତିରେ ମଧ୍ୟ ପରିବର୍ତ୍ତନ ଆଣିଛୁ। ଖୁବଶୀଘ୍ର ଆଇଟି, ବୈଶ୍ୱିକ କ୍ଷମତା କେନ୍ଦ୍ର ଏବଂ ଫିନଟେକରେ ନିବେଶ ପାଇଁ ନୂଆ ରଣନୀତିର ଉନ୍ମୋଚନ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟରେ ଯୁବପିଢ଼ିଙ୍କୁ ଏଆଇ, ସାଇବର ସୁରକ୍ଷା ଏବଂ ନୂଆ ନୂଆ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭବିଷ୍ୟତର ସମସ୍ତ ଆହ୍ୱାନକୁ ସଫଳତାର ସହ ମୁକାବିଲା ପାଇଁ ପ୍ରସ୍ତୁତ ଏବଂ ଦକ୍ଷ କରାଯାଉଥିବା ନେଇ ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହାକୁ କେବଳ ଭୁବନେଶ୍ୱର ମଧ୍ୟରେ ସୀମିତ ରଖାଯାଇ ନାହିଁ। କଟକ, ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ସହରଗୁଡ଼ିକୁ ଡିଜିଟାଲ ହବ୍ ଭାବେ ବିକଶିତ କରାଯାଉଛି। ଜିଡିପି ଅଭିବୃଦ୍ଧି କେବଳ ଆମର ଲକ୍ଷ୍ୟ ନୁହେଁ; ନିଯୁକ୍ତି ସୁଯୋଗ ସୃଷ୍ଟି, ଯୁବପୀଢ଼ିଙ୍କୁ ସଶକ୍ତ ଏବଂ ସାମାଜିକ ନ୍ୟାୟକୁ ଆଗେଇ ନେବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମଟି ଦୁଇଦିନ ଧରି ଚାଲିଥିବା ବେଳେ ଏଥିରେ ଉଦ୍ୟୋଗିତା, ଏଆଇ ସମ୍ବନ୍ଧରେ ଏକାଧିକ ପ୍ୟାନେଲ ଆଲୋଚନାମାନ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସାଂସଦ ରବୀନ୍ଦ୍ର ବେହେରା, ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ପ୍ରମୁଖ ଯୋଗ ଦେଇଥିଲେ।

## ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ

ତେଲକୋଇ, ୧୦।୮ (ସମିସ): ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ ଦୁର୍ବୃତ୍ତ। ମୃତକ ହେଲେ, କୃଷ୍ଣପୁର ବୈଦନାଳି ସାହିର ବିଶ୍ୱନାଥ ଜୁଆଙ୍ଗ। ତେଲକୋଇ ଥାନା ଅଧୀନ ପଡାଙ୍ଗ ଗାଁ ନିକଟ ଜଙ୍ଗଲରୁ ଆଜି ପୁଲିସ ତାଙ୍କ ଶବ ଜବତ କରିଛି। କିଛି ଦୁର୍ବୃତ୍ତ ଗତକାଲି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିବା ଜଣାଯାଇଛି। ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରୁ ବିଶ୍ୱନାଥ ନିଖୋଜ ଥିଲେ। ପଡାଙ୍ଗ ଗାଁରୁ ରାକ୍ଷୀ ପୂର୍ଣ୍ଣିମାରେ ପିଲାଛୁଆଙ୍କ ପାଇଁ ଡ୍ରେସ କିଣି ଘରକୁ ଫେରୁଥିବା ବେଳେ ପଡ଼ାଙ୍ଗ-କୃଷ୍ଣପୁର ରାସ୍ତାରେ କିଛି ଦୁର୍ବୃତ୍ତ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ତେଲକୋଇ ଥାନାରେ ଅଭିଯୋଗ ପରେ ଖୋଜାଖୋଜି ଆରମ୍ଭ କରିଥିଲେ। ଆଜି ସନ୍ଧ୍ୟାରେ ପଡ଼ାଙ୍ଗ ଗାଁ ନିକଟ ଶୁଆକଟା ଜଙ୍ଗଲରୁ ବିଶ୍ୱନାଥଙ୍କ ଶବକୁ ଠାବ କରିବା ସହ ପୁଲିସକୁ ଖବର ଦେଇଥିଲେ ପରିବାରଲୋକେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ।

## ବଜାରରୁ ଯୁବତୀଙ୍କୁ ଅପହରଣ

- ଅଭିଯୋଗର ୩ ଦିନ ପରେ ବି ପୁଲିସ ହାତ ଖାଲି
- ନିଖୋଜ ମାମଲା ରୁଜୁ କରି ଚୁପ୍ ବସିଛି ପୁଲିସ

କପ୍ତିପଦା, ୧୦।୮ (ସମିସ): ରାକ୍ଷୀ ପୂର୍ଣ୍ଣିମା ପୂର୍ବ ଦିନ ବାପା ମାଆଙ୍କ ସହିତ ବଜାର ଆସିଥିଲେ ଜଣେ ଯୁବତୀ। ଦୋକାନ ବାହାରେ ଆସି ଛିଡ଼ା ହୋଇଥିବା ବେଳେ ଅଚାନକ ୪ଜଣ ଯୁବକ ମାସ୍କ ପିନ୍ଧି ବାଇକ୍‌ରେ ଆସି ଯୁବତୀଙ୍କୁ ଉଠାଇନେଲେ। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବଜାରରେ ଘଟିଛି। ଗତ ଶୁକ୍ରବାର ସୁଡ଼ସୁଡ଼ିଆ ଗ୍ରାମର ରାଜେନ୍ଦ୍ର ବେହେରା (୪୮)ଙ୍କ ଝିଅ ଅଞ୍ଜଳି ବେହେରା (୨୨) ବାପା-ମାଆଙ୍କ ସହ ସନ୍ଧ୍ୟା ସମୟରେ କପ୍ତିପଦା ବଜାର ଯାଇଥିଲେ। ହେଲେ ଝିଅ ଅଞ୍ଜଳି ଯେତେବେଳେ ଦୋକାନ ବାହାରକୁ ଆସିଥିଲେ, ସେହି ସମୟରେ ଅଚାନକ ୪ ଜଣ ଯୁବକ ବାଇକ୍‌ରେ ମାସ୍କ ପିନ୍ଧି ଆସି ଜୋର୍‌ଜବରଦସ୍ତ ଯୁବତୀଙ୍କୁ ଉଠାଇ ନେଇଗଲେ। ବାପା ମାଆ ବିରୋଧ କରିବାରୁ ଜୀବନରୁ ମାରିଦେବାର ଧମକ ଦେଇ ଅପହରଣ କରିନେଇ ଚାଲି ଯାଇଥିଲେ ୪ ଯୁବକ। ଯାହାକୁ ନେଇ ଯୁବତୀଙ୍କ ପରିବାର ଲୋକେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ୩ଦିନ ପରେ ମଧ୍ୟ ଯୁବତୀଙ୍କୁ ଉଦ୍ଧାର କରି ପାରିନାହିଁ କିମ୍ବା ପତ୍ତା ପାଇପାରିନାହିଁ। ଅପରପକ୍ଷରେ ଅପହରଣ ପରିବର୍ତ୍ତେ ନିଖୋଜ ବୋଲି ରିପୋର୍ଟ ବଦଳ କରି ପୁଲିସ ମାମଲା ରୁଜୁ କରିଛି ବୋଲି ଅପହୃତାଙ୍କ ବାପା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

### ଓଡ଼ିଆ ପୁଅ ରବୀନ୍ଦ୍ରଙ୍କ କାର୍ଯ୍ୟଦକ୍ଷତାକୁ କେନ୍ଦ୍ରର ସ୍ୱୀକୃତି

## ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି

ନୀଳଗିରି, ୧୦।୮ (ସମିସ): କେନ୍ଦ୍ର ଆଇନ ମନ୍ତ୍ରାଳୟରେ ଯୁଗ୍ମ ସଚିବ ପାହ୍ୟାରେ କାର୍ଯ୍ୟରତ ଓଡ଼ିଆ ପୁଅ



ରବୀନ୍ଦ୍ର କୁମାର ପଟ୍ଟନାୟକ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। ପ୍ରତ୍ୟକ୍ଷ ଟିକସ ବିଲ୍-୨୦୨୫ ପ୍ରସ୍ତୁତ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକା ପାଇଁ ତାଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପୁରସ୍କୃତ କରିଛନ୍ତି। ସୂଚନାଯୋଗ୍ୟ, ରବୀନ୍ଦ୍ରଙ୍କ ଘର ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ କାହ୍ନୁପୁର-ସନ୍ତରାଗଡିଆ ଗ୍ରାମରେ। ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଅତ୍ୟନ୍ତ ଆଇନ ପ୍ରସ୍ତୁତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଭାରତ ସରକାରଙ୍କ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଭାରତୀୟ ଆଇନ ସେବାରେ ଯୋଗଦେବା ପୂର୍ବରୁ ସେ ବାଲେଶ୍ୱର ବାର୍‌ରେ ଜଣେ ଓକିଲ ଭାବେ କାର୍ଯ୍ୟ କରିଥିଲେ। ପରେ ଆଇନ ବିଭାଗ ଅଧୀନରେ ବିଚାର ଅଧିକାରୀ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

## ଦୁଇ ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍; ୨ମୃତ

ରାୟଗଡ଼ା/ମୁନିଗୁଡ଼ା, ୧୦।୮ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ଥାନା ଅନ୍ତର୍ଗତ ଦେଓକୁପୁଲି ଛକ ନିକଟରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଦୁଇ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ପିକ୍‌ଅପ୍ ଚାଳକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ମୁନିଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ପିକ୍‌ଅପ୍‌ଟି ୨ ବାଇକ୍‌କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ସୌଭାଗ୍ୟକୁ ବାଇକ୍‌ରେ ବସିଥିବା ଜଣେ ୫ବର୍ଷର ବାଳିକା ଅଳ୍ପକେ ବର୍ତ୍ତି ଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ମୃତଦେହ ଓ ଡ୍ରାଇଭରକୁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖା ହେବା ବେଳକୁ ଦୁଇ ମୃତକଙ୍କ ପରିଚୟ ମିଳିପାରିନାହିଁ।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ୩ ଗିରଫ

**ଗୋଇଠା ମାରି ଖସି ଆସିଲା ନାବାଳିକା**

ଉଦଳା, ୧୦।୮ (ସମିସ): ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଉଦଳା ଥାନା ପୁଲିସ୍ ଆଜି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଗୁରୁପ୍ରସାଦ ଦ୍ୱିବେଦୀ(୩୨), ଜିତରାୟ ସରେନ(୪୫) ଓ ରହିତ ନାୟକ(୨୦)। ନାବାଳିକାଜଣଙ୍କ ନିଜର ଦୁଇ ବନ୍ଧୁଙ୍କ ସହ ଯାଉଥିବା ବେଳେ ଅଭିଯୁକ୍ତମାନେ ତାକୁ ବାଟ ମଝିରୁ ଟେକିନେଇ ଦୁଷ୍କର୍ମ ଉଦ୍ୟମ କରିଥିଲ। ତେବେ ବେଳେ ନାବାଳିକାଜଣଙ୍କ ସେମାନଙ୍କୁ ଗୋଇଠା ମାରି ଖସିଯିବାରେ ସମର୍ଥ ହୋଇଥିଲା। ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ଉଦଳା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ନମ୍ବର ୩୨୪/୨୫ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବନମାଳୀ ବାରିକ ସୂଚନା ଦେଇଛନ୍ତି।

## ଦୀପରୁ ନିଆଁ ଲାଗି ମହିଳା ମୃତ

ଜଟଣୀ,୧୦।୮ (ସମିସ): ଜଟଣୀ ଥାନା ଅନ୍ତର୍ଗତ ରଥିପୁର ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପୂଜା କରୁଥିବା ସମୟରେ ଠାକୁର ଘରେ ଦୀପରୁ ନିଆଁ ଲାଗି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ରଥିପୁର ଟାଙ୍ଗୀ ସାହିର ରିନା ପ୍ରଧାନ (୫୨)। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଘଟଣାନୁଯାୟୀ, ରବିବାର ସକାଳେ ରିନା ଗାଧୋଇ ସାରି ଠାକୁର ଘର ଭିତରେ ପୂଜା କରୁଥିବା ସମୟରେ ହଠାତ୍ ଭିତରୁ ଚିତ୍କାର ଶୁଭିଲା। ଘରେ ପରିବାର ଲୋକେ କେହି ନ ଥିବାବେଳେ ପାଖ ପଡ଼ୋଶୀ ଧାଇଁ ଆସିଥିଲେ। ଘର ଭିତରେ ମହିଳା ଜଣକ ହୁତୁହୁତୁ ହୋଇ ଜଳୁଥିବା ଦେଖି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁର ଉତ୍ତାପ ଅଧିକ ଥିବାରୁ ପାଖକୁ କେହି ଯାଇପାରି ନ ଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମହିଳାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

■ ମୋହନ ଭାଗବତଙ୍କ ଟିପ୍ପଣୀ

## ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନି ଶିକ୍ଷା ଓ ସ୍ୱାସ୍ଥ୍ୟସେବା

**ପୂର୍ବରୁ ସେବା ଥିଲା, ଏବେ କରାଯାଇଛି ବ୍ୟବସାୟୀକରଣ**

**ଭାରତକୁ କବ୍‌ଜା କରିବାକୁ ଚାହୁଁଛନ୍ତି ବିଶ୍ୱର ୬୦ ଘରର ମେଣ୍ଟ**

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ସମାଜରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବହୁତ ବଡ଼ ଆବଶ୍ୟକତା ହୋଇ ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି କି ଯେ ଦେଶର ସାଧାରଣ ଲୋକଙ୍କ ପାଖରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ପହଞ୍ଚି ପାରୁନାହିଁ। ପୂର୍ବରୁ ଏହା ସେବା ଥିଲା, ମାତ୍ର ଏବେ ଏହାର ବ୍ୟବସାୟୀକରଣ କରଦିଆଯାଇଛି। ଆଉ ଏହା ସାଧାରଣ ଲୋକଙ୍କ ଆର୍ଥିକ କ୍ଷମତାର ବାହାରକୁ ଚାଲି ଯାଇଛି। କାରଣ ଏହା ସହଜ, ସୁଲଭ ଏବଂ ଶସ୍ତା ହୋଇ ରହିନାହିଁ ବୋଲି ଆରଏସଏସ ମୁଖ୍ୟ ମୋହନ ଭାଗବତ କହିଛନ୍ତି। ଇନ୍ଦୋରରେ ମାଧବ ସୃଷ୍ଟିଙ୍କ 'କ୍ୟାନ୍‌ସର କେୟାର ସେଣ୍ଟର'ର ଶୁଭାରମ୍ଭ କରି ସେ ଏହି ଟିପ୍ପଣୀ ଦେଇଛନ୍ତି।

ମହଙ୍ଗା ଚିକିତ୍ସା ସେବାକୁ ନେଇ ଭାଗବତ କହିଛନ୍ତି ଯେ ଏହା ଟ୍ରିଲିୟନ ଡଲାରର ଧନ୍ଦା ପାଲଟି ଯାଇଛି ବୋଲି ଜଣେ ମନ୍ତ୍ରୀ କହିଥିଲେ। ଏବେ ଭଲ ଚିକିତ୍ସା ପାଇଁ ଲୋକଙ୍କୁ ଦୂରକୁ ଯିବାକୁ ପଡୁଥିବା ନେଇ ଚିନ୍ତା ପ୍ରକଟ କରିଥିଲେ। ଭାରତର କେବଳ ଦଶରୁ ବାରଟି ସହରରେ କର୍କଟ ଭଳି ରୋଗ ପାଇଁ ଉତ୍ତମ ଚିକିତ୍ସା ସୁବିଧା ରହିଛି। ଏଭଳି ରୋଗ ପାଇଁ ପରିବାରରେ ଆର୍ଥିକ ଏବଂ ମାନସିକ ବୋଝ ବଢୁଛି। ଅଧିକ ହସ୍ପିଟାଲ ଏବଂ ଅଧିକ ଚିକିତ୍ସା ସୁବିଧା ଉପଲବ୍ଧ ରହିଲେ ଚିକିତ୍ସା ଶସ୍ତା ହୋଇପାରେ। ପୂର୍ବରୁ ଡାକ୍ତର ରୋଗୀ ଦେଖିବା ପାଇଁ ବିନା ଡକରାରେ ପଳାଉ ଥିଲେ। ରୋଗୀ ଠିକ୍ ନ ହେବା ପର୍ଯ୍ୟନ୍ତ ଡାକ୍ତର ମଧ୍ୟ ବିଶ୍ରାମ କରୁ ନ ଥିଲେ। କାରଣ ଏହା ଚିକିତ୍ସକଙ୍କ କର୍ତ୍ତବ୍ୟ। ଏବେ ଏପରି କଲେ ଅନେକ ଖର୍ଚ୍ଚ ହେଉଛି। ଏହାର ହିସାବ ମଧ୍ୟ କରିବାକୁ ପଡୁଛି। କିନ୍ତୁ ଆବଶ୍ୟକତା ଯେଉଁଠି ଥିଲା ସେଇଠି ରହିଛି। ପ୍ରଥମେ ଡାକ୍ତର ରୋଗୀଙ୍କ ସହ କଥା ହୋଇ ସାହସ ଦେଉଥିଲେ।

ମୋହନ ଭାଗବତଙ୍କ ଅନୁଯାୟୀ ସମାଜର ଉଦ୍ଦେଶ୍ୟ ଧର୍ମଯୁକ୍ତ ହେବା ଉଚିତ। ମନୁଷ୍ୟକୁ କେବଳ ଶରୀର ଏବଂ ଉପଭୋଗର ବସ୍ତୁ ଭାବୁଥିବା ବିଚାର ୟୁରୋପକୁ ଧ୍ୱଂସ କରିଦେଲାଣି। ଏବେ ଏହି ବିଚାର ଭାରତର ପରିବାର ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛି। ଏହା ପଛରେ ବିଶ୍ୱର ୫୦-୬୦ ଘରର ମେଣ୍ଟ ରହିଛି। ଏମାନେ ଭାରତର ବଜାରକୁ କବ୍‌ଜା କରିବାକୁ ଚାହୁଁଛନ୍ତି।

## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ନିରାକାରପୁର,୧୦।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ଛକ ୧୬ନଂ ଜାତୀୟରାଜପଥ ଓଭରବ୍ରିଜ୍ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଭୁବନେଶ୍ୱର ବାଣୀବିହାର ସତ୍‌ସଙ୍ଗ ବିହାର ଅଞ୍ଚଳର ଜୀବନ ଜ୍ୟୋତି ସାହୁ (୩୫)। ସୂଚନାଯୋଗ୍ୟ, ରବିବାର ଦିନ ୨ଟା ବେଳେ ବାଇକ୍ ଯୋଗେ ଜୀବନ ଭୁବନେଶ୍ୱର ପଟୁ ବ୍ରହ୍ମପୁର ଆଡ଼କୁ ଯାଉଥିବାବେଳେ ଓଭରବ୍ରିଜ୍ ନିକଟରେ ତାଙ୍କ ମୁହଁ ମାଡ଼ ହୋଇ ଗୁରୁତର ଅବସ୍ଥାରେ ପଡ଼ିଥିବାର ଲୋକେ ଦେଖିଥିଲେ। ଖବର ପାଇ ପୁଲିସ ପହଞ୍ଚି ତାଙ୍କୁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୌଣସି ଅଜଣା ଗାଡ଼ି ଧକ୍କାରେ କିମ୍ବା ସେ ନିଜେ ରାସ୍ତାର ଡିଭାଇଡରରେ ପିଟି ହୋଇ ପ୍ରାଣ ହରାଇଥିବାର ଅନୁମାନ କରାଯାଉଛି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଶବ ଖୋର୍ଦ୍ଧା ହସ୍ପିଟାଲରେ ରହିଥିବାବେଳେ ପରିବାର ଲୋକେ ପହଞ୍ଚି ନ ଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତରକାଶୀ ବିପର୍ଯ୍ୟୟ...

ସାଙ୍ଗମାନେ ଏକାଠି ହୋଇ ଚାର୍‌ଧାମ ଯାତ୍ରାରେ ବାହାରି ଥିଲେ। ଏମାନେ ଅଗଷ୍ଟ ୧ ମୁମ୍ବାଇରୁ ଉତ୍ତରାଖଣ୍ଡ ଅଭିମୁଖେ ଟ୍ରେନ ଯାତ୍ରା ଆରମ୍ଭ କରିଥିଲେ। ୧୩ ତାରିଖରେ ବିମାନ ଯୋଗେ ଦିଲ୍ଲୀ ଦେଇ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଭୋରଙ୍କ ପୁଅ ଆଦିତ୍ୟ କହିଛନ୍ତି ଯେ ସେ ଗତ ସୋମବାର ସନ୍ଧ୍ୟାରେ ଶେଷ ଥର ପାଇଁ ବାପାଙ୍କ ସହ କଥା ହୋଇଥିଲେ। ସେତେବେଳେ ଏହି ଦଳ ରାସ୍ତାରେ ଗଛ ପଡ଼ିଯିବା ଯୋଗୁଁ ଗଙ୍ଗୋତ୍ରୀରୁ ୧୦ କିମି ଦୂରରେ ଫସି ରହିଥିଲେ। ଏହା ପରଠାରୁ କାହା ସହ ଯୋଗାଯୋଗ ହୋଇପାରୁ ନାହିଁ।

### ପ୍ରତିଶୋଧ ନେବ...

ମଧ୍ୟ ପ୍ରଭାବିତ ହୋଇଛି। ଭାରତ ଏହା ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନରେ ଯୁକ୍ତି ରଖିଥିଲେ ମଧ୍ୟ ଆମେରିକା ଏ ସମ୍ପର୍କରେ ଆଲୋଚନା ପାଇଁ ମନା କରି ଦେଇଛି। ଫଳରେ ଭାରତ ନିଜର ସ୍ୱାର୍ଥ ପାଇଁ ଆମେରିକା ଉପରେ ପାଲଟା ଶୁଳ୍କ ଲଗାଇବାକୁ ଯୋଜନା କରୁଛି।

ପ୍ରଥମ ପର୍ଯ୍ୟାୟରେ ସୀମିତ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଏହି ପ୍ରତିଶୋଧମୂଳକ ଶୁଳ୍କ ଲଗାଇବ। ଏହି ସାମଗ୍ରୀଗୁଡ଼ିକୁ ଏପରି ଭାବରେ ଚୟନ କରାଯିବ, ଯେପରି ଶୁଳ୍କରୁ ସୃଷ୍ଟି ହେଉଥିବା ରାଜସ୍ୱ ଆମେରିକାର ପଦକ୍ଷେପ ଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ କ୍ଷତି ସହିତ ସମାନ ହେବ। ଆମେରିକା ପ୍ରତିବର୍ଷ ଭାରତକୁ ୪୫ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରୁଛି। ଯେତେବେଳେ ସାମ୍ପ୍ରତିକ ଶୁଳ୍କ ଲାଗୁ ହେବା ପୂର୍ବରୁ ଭାରତର ଆମେରିକାକୁ ରପ୍ତାନି ୮୬ ବିଲିୟନ ଡଲାର ପର୍ଯ୍ୟନ୍ତ ଥିଲା। ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଟ୍ରମ୍ପ ଦ୍ୱିପାକ୍ଷିକ ବାଣିଜ୍ୟକୁ କାରବାର ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିଲେ, କିନ୍ତୁ ଭାରତ ଏହାର କୃଷି ଏବଂ ଅନ୍ୟ କେତେକ ସମ୍ବେଦନଶୀଳ କ୍ଷେତ୍ର ଉପରେ ଆମେରିକୀୟ କମ୍ପାନୀଙ୍କ ପ୍ରବେଶ ଦାବିକୁ ପ୍ରତ୍ୟାଖ୍ୟାନ କରିବାରୁ ଆମେରିକା ପ୍ରତିଶୋଧାତ୍ମକ ପଦକ୍ଷେପ ନେଇ ଭାରତ ଉପରେ ଅତ୍ୟଧିକ ଟାରିଫ୍ ଲଗାଇଛି।

### ଭାରତ ଉପରେ...

ପହଞ୍ଚିବା ପାଇଁ ୯୦ ଦିନ ସମୟ ଦିଆଯାଇଛି। ଆମେରିକା ଚାହୁଁଛି ଯେ ଚୀନ୍ ବୌଦ୍ଧିକ ସମ୍ପତ୍ତି, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଏବଂ କୃଷି ଆମଦାନିରେ ରିଆତି ଦେଉ। ଏହାର ଅର୍ଥ ହେଉଛି ଟ୍ରମ୍ପ ପ୍ରଶାସନ ଚୀନ୍ ସହିତ ଏକ ଚୁକ୍ତିର ସମ୍ଭାବନାକୁ ଖୋଲା ରଖିବାକୁ ଚାହୁଁଛି, ଯାହା ଦ୍ୱାରା ମୁକାବିଲା ବଦଳରେ, ରାଜନୈତିକ ଲାଭ ନିଆଯାଇପାରିବ। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ଚୀନ୍ ପରି ବଡ଼ ନୁହେଁ, କିନ୍ତୁ ଟ୍ରମ୍ପ ପ୍ରଶାସନ ଏହାକୁ କମ୍ ରାଜନୈତିକ ବିପଦ ସହିତ ଏକ ପଦକ୍ଷେପ ବୋଲି ବିବେଚନା କରୁଛି।

### ସୁପ୍ରିମକୋର୍ଟ-ନିର୍ବାଚନ...

ଦର୍ଶାଇଛନ୍ତି ନିର୍ବାଚନ କମିସନ। କମିସନ କହିଛନ୍ତି ଯେ କେବଳ ଚିଠା ତାଲିକା (ଡ୍ରାଫ୍ଟ ରୋଲ୍) ପ୍ରକାଶନ ସହିତ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନଙ୍କ ସଂପର୍କରେ ନାମ ସହିତ ବାଦ୍ ପଡ଼ିବାର କାରଣ ପ୍ରକାଶ କରିବାକୁ କମିସନ ବାଧ୍ୟ ନୁହନ୍ତି। ୬୫ ଲକ୍ଷ ଲୋକଙ୍କ ସଂପର୍କରେ ଏଭଳି ସଂପୂର୍ଣ୍ଣ ବିବରଣୀ ପାଇଁ ପୃଥକ ତାଲିକା ଜାରି କରିବା ସମ୍ଭବ ମଧ୍ୟ ନୁହେଁ। ସତ୍ୟପାଠରେ କୁହାଯାଇଛି ଯେ ଚିଠା ତାଲିକା ବା ଡ୍ରାଫ୍ଟ ରୋଲରେ ନାମ ସାମିଲ ହୋଇନାହିଁର ଅର୍ଥ ନୁହେଁ ଯେ ସେମାନଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ଏବେ ଭୋଟର ତାଲିକା ସଂଶୋଧନ ଚାଲିଛି ଏବଂ ବିଭିନ୍ନ କାରଣରୁ ଅନେକ ଭୋଟରଙ୍କ ନାମ ସାମିଲ ହୋଇଥାଇନପାରେ। ଯେମିତି କି ଫର୍ମ ପୂରଣ ହୋଇନଥିବ ଏବଂ ଘରକୁ ଘର ବୁଲି ସର୍ଭେ ବେଳେ କୌଣସି ତ୍ରୁଟି ପରିଲକ୍ଷିତ ହୋଇଥିଲେ ନାମ ସାମିଲ ହୋଇପାରିବ ନାହିଁ। ତେବେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ପୂର୍ବରୁ ଆପତ୍ତି ଅଭିଯୋଗର ସୁଯୋଗ ଦିଆଯିବ। ଚିଠା ତାଲିକାରେ ଯେଉଁମାନଙ୍କର ନାମ ନାହିଁ, ସେମାନେ ଆବଶ୍ୟକ କାଗଜପତ୍ର ସହିତ ଫର୍ମ-୬ ଦାଖଲ କରିପାରିବେ। ଏଥିପାଇଁ ସେପଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। କମିସନ କହିଛନ୍ତି ଯେ ବିନା ପୂର୍ବ ନୋଟିସରେ କାହରି ନାମ କଟାଯିବ ନାହିଁ। ଏହାପୂର୍ବରୁ ଭୋଟରଙ୍କୁ ସୁଯୋଗ ଦିଆଯିବ। ଚିଠା ତାଲିକା ବା ଡ୍ରାଫ୍ଟ ରୋଲରେ ବହୁସଂଖ୍ୟାରେ ଭୋଟରଙ୍କ ନାମ କାଟି ଦିଆଯାଇଛି ଏବଂ ଏହି ପ୍ରକ୍ରିୟା ସ୍ୱଚ୍ଛତା ଅବଲମ୍ବନ କରାଯାଇ ନାହିଁ ବୋଲି ଆବେଦନକାରୀ ଆସୋସିସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) କରିଥିବା ଅଭିଯୋଗକୁ ଖଣ୍ଡନ କରି କମିସନ କହିଛନ୍ତି ଯେ ଏହି ସଂସ୍ଥା ମିଥ୍ୟା ଓ ବିଭ୍ରାନ୍ତିକର ପରିବେଶ ସୃଷ୍ଟି କରୁଛି।

ସୂଚନାଯୋଗ୍ୟ ଯେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି, ସେସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ଗତ ୬ ତାରିଖରେ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମ କୋର୍ଟ। କୋର୍ଟ କହିଥିଲେ ଯେ ଚିଠା ତାଲିକାରୁ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଛନ୍ତି, ତାହାର କେବଳ ସଂଖ୍ୟା ନଦେଇ ସେମାନଙ୍କର ନାମ ସହିତ କେଉଁମାନେ ମୃତ, କେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ କେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ପାଇଁ ବିଚାର କରାଯାଇ ନାହିଁ ଏବଂ କାହିଁକି ବିଚାର କରାଯାଇ ନାହିଁ, ସେସଂପର୍କରେ କମିସନ ସଂପୂର୍ଣ୍ଣ ତଥ୍ୟ ଦିଅନ୍ତୁ। କୋର୍ଟ ଆଦେଶ ମୁତାବକ ଗତକାଲି ନିର୍ବାଚନ କମିସନ ସଂପୂର୍ଣ୍ଣ ତଥ୍ୟ ଦେବାକୁ ମନା କରିବାକୁ ଯାଇ ଏଭଳି ଯୁକ୍ତି ଉପସ୍ଥାପନ କରିଛନ୍ତି।

### ଚନ୍ଦ୍ରଭାଗାରେ ଭାସି...

ସ୍ଥାନୀୟ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ରାହୁଲ ଓ ଅରୂପାନନ୍ଦ ଭୁବନେଶ୍ୱରର ଏକ ବିଏମ୍‌ଡବ୍ଲ୍ୟୁ ୱାର୍କସପ୍‌ରେ କାମ କରୁଥିବା ଜଣାଯାଇଛି।

### ୧୨ରୁ ପୁଣି...

ରହିବ। ଏହାର ପ୍ରଭାବରେ ୧୨ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷା ପାଇଁ ସ୍ଥିତି ଅନୁକୂଳ ହେବ। ୧୨ରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ହେବା ନେଇ ମଧ୍ୟ ଆକଳନ କରାଯାଇଛି। ତେବେ କନ୍ଧମାଳ, ରାୟଗଡ଼ା, ଗଜପତି, ଗଜପତି, କୋରାପୁଟ ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲ୍ଲାରେ ମଧ୍ୟ ବର୍ଷା ହୋଇପାରେ। ୧୩ ଓ ୧୪ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ତେବେ ସ୍ୱାଧୀନତା ଦିବସରେ ପାଗ ଅନୁକୂଳ ରହିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିବା ସହ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୨ ଓ ୧୩ ତାରିଖ ଦୁଇ ଦିନ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଏହା ପରେ ୨୦ କିମ୍ବା ୨୧ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରର ପଶ୍ଚିମବଙ୍ଗ-ଓଡିଶା ଉପକୂଳ ନିକଟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସହ ପରବର୍ତ୍ତୀ ସମୟରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଜୁନ ୧ରୁ ଆଜି ଯାଏଁ ରାଜ୍ୟରେ ୬୪୭.୨ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ୬୭୭.୦ ମିଲିମିଟର ବର୍ଷା ତୁଳନାରେ ୪ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟରେ ରାଜ୍ୟର ୯ଟି ଜିଲ୍ଲାରେ ବର୍ଷା ସ୍ଥିତି ନିଅଣ୍ଟିଆ ରହିଛି।

### ଜେଲ୍ ଗଲା...

ସଂଗୀତାଙ୍କ ବାପାଙ୍କୁ ମଧ୍ୟ ପଠାଇଥିଲା। ଏହାଛଡ଼ା ଆହୁରି ମଧ୍ୟ ୫ଜଣଙ୍କୁ ମଧ୍ୟ ସେ ସେହି ଅଶ୍ଳୀଳ ଭିଡିଓ ପଠାଇଥିବା ପୁଲିସ ପ୍ରମାଣ ପାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସିଦ୍ଧାର୍ଥ କଟାରିଆ ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ପୁଲିସ୍ ପ୍ରମୋଦ ବିରୋଧରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଧାରା ୨୯୬, ୭୫, ୭୮, ୧୦୮ ଭଳି ସଂଗିନ୍ ଦଫା ଲଗାଇଛି।

ଏସ୍‌ପି ଶ୍ରୀ କଟାରିଆ କହିଛନ୍ତି ଯେ ଗତ ଅଗଷ୍ଟ ୫ରେ ସଂଗୀତାଙ୍କୁ ୫ରୁ ୬ଥର ମେସେଜ ଓ ହ୍ୱାଟ୍‌ସଆପ୍ ମେସେଜ୍ କରିଥିଲା ପ୍ରମୋଦ। ସେହିଭଳି ଗତ ୬ତାରିଖ ସକାଳ ୭ଟା ୩୪ରେ ପ୍ରମୋଦ ୬ଥର କଲ କରିବା ସହ ୫ଥର ମେସେଜ କରିଥିଲା। କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)ରୁ ପୁଲିସ ଏହି ସବୁ ତଥ୍ୟ ପାଇଛି। ଅଭିଯୁକ୍ତ ବିରୋଧରେ ପୁଲିସ ଯଥେଷ୍ଟ ପ୍ରମାଣ ପାଇଛି। ଅପରପକ୍ଷେ, ଏହି ଘଟଣାରେ ସଂଗୀତା, ତାଙ୍କ ବାପା ଓ ପ୍ରେମିକ ପ୍ରମୋଦର ମୋବାଇଲ ଜବତ ହୋଇଛି। ସେହିପରି, ସଂଗୀତାଙ୍କ ପଡ଼ୋଶୀ ଘରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ପୁଲିସ ଗତକାଲି ଜବତ କରି ଯାଞ୍ଚ କରିଛି। ସେଥିରେ ଛାତ୍ରୀଙ୍କ ବାପା ଓ ମା' ସକାଳ ପ୍ରାୟ ୭ଟା ୪୦ରେ ବାହାରକୁ ଯାଇ ପୂର୍ବାହ୍ନ ସାଢ଼େ ୧୧ଟାରେ ଫେରୁଥିବା ଦେଖାଯାଉଛି। ତେଣୁ, ସଂଗୀତା ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି, ତାହା ଏଫ୍‌ଏସ୍‌ଏଲ୍ ରିପୋର୍ଟ ଆସିଲେ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଏହାବ୍ୟତୀତ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ ବୋଲି ଏସପି କହିଛନ୍ତି।

୬ ମାସ ତଳେ ପୀଡ଼ିତା ଏବଂ ତାଙ୍କ ବାପା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ପ୍ରମୋଦ ବିରୋଧରେ ଏତଲା ଦେଇଥିଲେ। ପ୍ରମୋଦ ତାଙ୍କ ଭିଡିଓ ଭାଇରାଲ କରୁଛି ବୋଲି ଏତଲାରେ ଦର୍ଶାଯାଇଥିଲା। କିନ୍ତୁ ପୁଲିସ୍ ଏହାକୁ ଗୁରୁତ୍ୱର ସହ ନେଇଥିଲା। ଓଲଟି, ପ୍ରମୋଦର ମୋବାଇଲ ନମ୍ବର ବ୍ଲକ୍ କରିବାକୁ ସଂଗୀତାଙ୍କୁ ପରାମର୍ଶ ଦେଇଥିଲା। ଏହି ବେପରୁଆ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସପି ସୂଚନା ଦେଇଛନ୍ତି। ତେବେ ଉକ୍ତ ପୁଲିସ କର୍ମଚାରୀଙ୍କ ବିରୋଧରେ ଗଣମାଧ୍ୟମ ଖବର ଆଧାରରେ ତାଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି ସହ ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ କରାଯାଇଛି। ଆହୁରି ମଧ୍ୟ, ପୀଡ଼ିତା ଏବଂ ତାଙ୍କ ବାପା କେତେଥର ଥାନାକୁ ଯାଇଛନ୍ତି, ସେନେଇ ସିସିଟିଭି ନେଇ ଯାଞ୍ଚ କରାଯାଉଛି।

ସପେଟେ, ପ୍ରମୋଦର ଗିରଫଦାରୀକୁ ନେଇ ତା' ଗାଁ ତିରୋହୀରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଏହାର ପ୍ରତିବାଦରେ ଗ୍ରାମାଞ୍ଚଳ ଥାନା ଆଗରେ ଧାରଣା ଦେଇଥିଲେ। ଏନେଇ ପ୍ରମୋଦର ବାପା ଗଣେଶ୍ୱର ବେହେରା ଆଜି ଥାନାରେ ଏକ ଏତଲା ଦେଇଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ ତାଙ୍କ ପୁଅ ନିର୍ଦ୍ଦୋଷ। ଏହି ଘଟଣାରେ ତା'ର ସଂପୃକ୍ତି ନାହିଁ। ତାକୁ ଫସାଇ ଦିଆଯାଇଛି। ସଂଗୀତାକୁ ତା' ବାପା-ମା' ପିଟି ହତ୍ୟା କରିଛନ୍ତି। ଖବର ପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ରାଜନଗର ଥାନା ଆଇଆଇସି ନରେଶ ସାହୁ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚିଥିଲେ। ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ସମାଜସେବୀ ଶଶୀଭୂଷଣ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ବୋମାମାଡ଼ରେ ଥରିଲା...

କରିଥିଲେ। ଗୋଟିଏ ପରେ ଗୋଟିଏ, ପ୍ରାୟ ୨୦ରୁ ଅଧିକ ବୋମାମାଡ଼ କରିଥିଲେ। ଏହା ଦେଖି ନିର୍ମାଣସ୍ଥଳରେ ଥିବା ୬ ଯୁବକ ଓ ଶ୍ରମିକମାନେ ଭୟରେ ଗାଡ଼ି ଛାଡ଼ି ଜଙ୍ଗଲ ଭିତରକୁ ପଳାଇଥିଲେ। ପରେ ଅସାମାଜିକମାନେ ଆହୁରି ଆତଙ୍କ ଖେଳାଇଥିଲେ। ପାଚେରି ଭଙ୍ଗାରୁଜା କରିବା ସହ ଗାଡ଼ିଗୁଡ଼ିକୁ ଖଣ୍ଡାରେ ଭାଙ୍ଗିଥିଲେ। ବଜରଙ୍ଗୀ କ୍ଲବ ପିଲାମାନେ ଘଣ୍ଟାଏ କାଳ ସେଠାରେ ଆତଙ୍କ ଖେଳାଇ ଫେରାର୍ ହେଉଥିବା ବେଳେ ବିପରୀତ ଗୋଷ୍ଠୀର ପ୍ରାୟ ୨୦ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ବଜରଙ୍ଗୀ କ୍ଲବ ପିଲାମାନେ ଗାଡ଼ି ଛାଡ଼ି ପଳାଇଥିଲେ। ସେମାନେ ଛାଡ଼ିଯାଇଥିବା ଗାଡ଼ିଗୁଡ଼ିକୁ ଦୁର୍ବୃତ୍ତମାନେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ୩ଟି ଗାଡ଼ି ଜଳି ଯାଇଥିଲା। ଖବର ପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସୁତୁଲି, ବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ପାଚେରି କାମ କରୁଥିବା ଅନ୍ଧାରୁଆର ଯୁବକମାନେ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ସେପଟେ ବୋମାମାଡ଼ କରିଥିବା ବଜରଙ୍ଗୀ କ୍ଲବର ସଦସ୍ୟମାନେ ଫେରାର୍ ହୋଇଯାଇଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ, ଜମି ଜବରଦଖଲକୁ ନେଇ ଗତ ମାର୍ଚ୍ଚ ମାସରେ ମଧ୍ୟ ସମାନ ସ୍ଥାନରେ ଗୁଳିକାଣ୍ଡ ହୋଇଥିଲା। ଜମି ଦଖଲକୁ ନେଇ ସ୍ପଷ୍ଟ ଦିବାଲୋକରେ ବାରମ୍ବାର ଗୁଳିକାଣ୍ଡ ଓ ବୋମାମାଡ଼ ହେବା କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି।

### ଦେଶସାରା ଚାଲିଛି...

ମେଟ୍ରୋ ପ୍ରକଳ୍ପ ସଂପର୍କରେ ଦେଇଥିବା ମନ୍ତବ୍ୟ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଯେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଆରମ୍ଭ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ କରି ଦେଇଛି। ନିକଟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ କଳ୍ପନା ପଟୁ ନନ୍ଦନକାନନ ଯାଏଁ ପ୍ରଥମେ ଓଭରବ୍ରିଜ ଯିବ। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ଏହାପରେ ମେଟ୍ରୋ ମାଟି ତଳେ ଯିବ ନା ଉପରେ ଯିବ, ସେନେଇ ନିଷ୍ପତ୍ତି ନିଆଯିବ। ମନ୍ତ୍ରୀଙ୍କ ଉତ୍ତରକୁ ଯଦି ବିଶ୍ୱାସକୁ ନିଆଯାଏ, ତା'ହେଲେ ନିକଟ ଭବିଷ୍ୟତରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଆଶା କ୍ଷୀଣ।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୬୬ ● ପାଉଣ୍ଡ ୧୧୭.୦୨
- ୟୁରୋ ୧୦୨.୩୫ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**
୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୪୫୦ (ଭୁବନେଶ୍ୱର)
- ରୁପା : ୧,୨୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୮୫୭.୦୦
- ନିଫ୍ଟି ୨୪,୩୬୩.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ପେଟ୍ରୋଲ-ଡିଜେଲ୍ ବିକିବେ ଆଦାନୀ

## ସରକାର ବଦଳାଇବେ ଲାଇସେନ୍ସ ନିୟମ

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆଦାନୀ ଗ୍ରୁପ ବିକ୍ରି କରିବ ପେଟ୍ରୋଲ-ଡିଜେଲ। ଏଥିପାଇଁ ଖୋଦ୍ କେନ୍ଦ୍ର ସରକାର ଉର୍ଦ୍ଧିଷ୍ଟ ଲାଇସେନ୍ସ ନିୟମରେ କେତେକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଭାରତରେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ବ୍ୟବସାୟ ପାଇଁ ନିୟମ ଖୁବ୍ ଶୀଘ୍ର ପରିବର୍ତ୍ତନ ହୋଇପାରେ। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଲାଇସେନ୍ସ ମାନଦଣ୍ଡରେ ଛାଡ଼ କରିବା ବିଷୟରେ ବିଚାର କରୁଛି। ସରକାରୀ କମ୍ପାନୀଗୁଡ଼ିକ ୯୭୮୦୪ ପେଟ୍ରୋଲ ପମ୍ପ ଉପରେ ଦବ୍‌ଦବା ରଖିଛନ୍ତି। କିନ୍ତୁ ନିୟମ ପରିବର୍ତ୍ତନ ପରେ, ଘରୋଇ ଏବଂ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ପାଇଁ ପ୍ରବେଶ ସହଜ ହୋଇପାରେ। ସରକାରଙ୍କ କହିବାନୁଯାୟୀ, ପରିବର୍ତ୍ତିତ ବିଶ୍ୱ ଇନ୍ଧନ ପରିସ୍ଥିତି ଏବଂ ବିକଳ୍ପ ଶକ୍ତି ଉତ୍ସର ବର୍ଦ୍ଧିତ ଗୁରୁତ୍ୱକୁ



ଦୃଷ୍ଟିରେ ରଖି, ପୁରୁଣା ନିୟମରେ ପରିବର୍ତ୍ତନ ଆବଶ୍ୟକ। ଏଥିପାଇଁ, ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି ଯାହା ୨୦୧୯ରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମୀକ୍ଷା କରିବ। କମିଟି ଏହା ମଧ୍ୟ ଦେଖିବ ଯେ ବର୍ତ୍ତମାନର ମାନଦଣ୍ଡ ଶକ୍ତି ସୁରକ୍ଷା, କାର୍ବନ ନିର୍ଗମନ ହ୍ରାସ ଏବଂ ବିକଳ୍ପ ଇନ୍ଧନର ପ୍ରୋତ୍ସାହନର ଲକ୍ଷ୍ୟକୁ କିପରି ପ୍ରଭାବିତ କରୁଛି। ।୨୦୧୯ ରେ ସରକାର ନିୟମ ପରିବର୍ତ୍ତନ କରି ଅଣ-ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକୁ ଖୁଚୁରା ଇନ୍ଧନ ବିକ୍ରିକରିବାକୁ ଅନୁମତି ଦେଇଥିଲେ, ଯଦି ସେମାନଙ୍କର ନେଟ୍ ସମ୍ପତ୍ତି ମୂଲ୍ୟ ୨୫୦ କୋଟି ଟଙ୍କା ହୋଇଥାଏ। ପୂର୍ବରୁ, ଇନ୍ଧନ ବିକ୍ରି ଲାଇସେନ୍ସ ପାଇଁ କମ୍ପାନୀଗୁଡ଼ିକୁ ଶକ୍ତି କ୍ଷେତ୍ରରେ ୨୦୦୦ କୋଟି ଟଙ୍କା ନିବେଶ କରିବାକୁ ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ପଡୁଥିଲା। ନୂତନ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକ ପେଟ୍ରୋଲ ପମ୍ପ ଖୋଲିବାକୁ ଆହୁରି ସହଜ କରିପାରିବ। ବର୍ତ୍ତମାନ, ଦେଶରେ ୯୭,୮୦୪ ପେଟ୍ରୋଲ ପମ୍ପ ଅଛି। ଦେଶରେ ଇଣ୍ଡିଆନ୍ ଅଏଲ୍‌ର ୪୦,୬୬୬, ବିପିସିଏଲ୍‌ର ୨୩,୯୫୯ ଏବଂ ଏଚ୍‌ପିସିଏଲ୍‌ର ୨୩,୯୦୧ ପମ୍ପ ଅଛି। ଘରୋଇ କ୍ଷେତ୍ରରେ, ରିଲାଏନ୍ସ-ବିପି ମିଳିତ ଉଦ୍ୟୋଗ ୧,୯୯୧ ପମ୍ପ, ନାଏରା ଏନର୍ଜି ୬,୭୬୩ ପମ୍ପ ଏବଂ ସେଲ୍ ୩୫୫ ପମ୍ପ ପରିଚାଳନା କରୁଛି। ଟୋଟାଲ୍ ଏନର୍ଜିଜ୍ (ଆଦାନୀ ସହିତ), ବିପି (ରିଲାଏନ୍ସ ସହିତ), ଟ୍ରାଫିଗୁରାର ପୁମା ଏନର୍ଜି ଏବଂ ସାଉଦି ଆରାମକୋ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ମଧ୍ୟ ଭାରତୀୟ ବଜାରରେ ଅଂଶ ଗ୍ରହଣ କରିବାକୁ ଆଗ୍ରହ ଦେଖାଇଛନ୍ତି।

● ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ

# ବିମାନ ନବୀକରଣରେ ଏୟାର ଇଣ୍ଡିଆ ଖର୍ଚ୍ଚ କରିବ ୪୦୦ ନିୟୁତ ଡଲାର

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ଏୟାରଲାଇନ୍ସଙ୍କ ରକ୍ଷଣାବେକ୍ଷଣକୁ ନେଇ ସରକାର ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏଭିଏସନ କମ୍ପାନୀଙ୍କୁ ଅନେକ କଡ଼ା ଆଦେଶ ଦେଇଛନ୍ତି। ଏଥି ମଧ୍ୟରେ ଏୟାର ଇଣ୍ଡିଆ କମ୍ପାନୀ ବିମାନ ନବୀକରଣ ନିମନ୍ତେ ୪୦୦ମିଲିୟନ ଡଲାର ଖର୍ଚ୍ଚ କରିବ ବୋଲି ଘୋଷଣା କରିଛି। ଏଥିରେ ୱାଇଡବଡି ଓ ନ୍ୟାରୋବଡି ବିମାନଙ୍କୁ ଉନ୍ନତ ଡିଜାଇନ ସହିତ ନବୀକରଣ କରାଯିବ। ଉଲ୍ଲେଖଯୋଗ୍ୟ



ଯେ ୨୬ଟି ବୋଇଂ ୭୮୭-୮ ବିମାନ ମଧ୍ୟରୁ ପ୍ରଥମ ବିମାନ ନବୀକରଣ ପାଇଁ କାଲିଫର୍ଣ୍ଣିୟା ସ୍ଥିତ ବୋଇଂ କମ୍ପାନୀକୁ ପହଞ୍ଚି ସାରିଛି। ଦ୍ୱିତୀୟ ବିମାନ ଅକ୍ଟୋବରରେ ଆମେରିକା ଯିବ। ଏହି ବିମାନ ସବୁରେ ନୂଆ ଇଣ୍ଟେରିୟର ଓ ଅତ୍ୟାଧୁନିକ ପ୍ରଣାଳୀ ଲାଗିବ। ପ୍ରତ୍ୟେକ କ୍ୟାବିନରେ ନୂଆ ସିଟ୍, ଉନ୍ନତ ଇନ-ଫ୍ଲାଇଟ୍ ମନୋରଞ୍ଜନ, ନୂଆ କାର୍ପେଟ, ପର୍ଦ୍ଦା ଓ ଆସବାବପତ୍ର ଲାଗିବ। କମ୍ପାନୀର ଉଦ୍ଦେଶ୍ୟ ଯାତ୍ରୀଙ୍କୁ ଉନ୍ନତମାନର ସେବା ଉପଲବ୍ଧ କରିବା। ଏହା ପୂର୍ବରୁ ଏୟାର ଇଣ୍ଡିଆ ପାଇଲଟଙ୍କୁ ନେଇ ବଡ଼ ନିଷ୍ପତ୍ତି ନେଇଥିଲା। ଏୟାର ଇଣ୍ଡିଆ ପାଇଲଟଙ୍କ ରିଟାୟରମେଣ୍ଟ ଆୟୁ ୬୫ ବର୍ଷ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଅଣ ଉଡାଣ କର୍ମଚାରୀଙ୍କ ଅବସର ବୟସ ବଢାଇ ୬୦ ବର୍ଷ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ଏୟାର ଇଣ୍ଡିଆରେ ପାଇଲଟ ଓ ଅଣ ଉଡାଣ କର୍ମଚାରୀଙ୍କ ଅବସର ବୟସ ୫୮ ବର୍ଷ ରହିଛି।

# ଦୁଇ ବର୍ଷରେ ଏଆଇ ଖାଇଯିବ ୫ ଲକ୍ଷ ଚାକିରି !

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି)

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବର୍ଦ୍ଧିତ ବ୍ୟବହାର ସହିତ ଭାରତର ଆଇଟି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଯାଇଛି। ଦେଶର ବୃହତ୍ ଆଇଟି କମ୍ପାନୀ ଟାଟା କନସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ସମ୍ପ୍ରତି ୧୨,୦୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି। ଏହା କେବଳ ଆରମ୍ଭ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ୨-୩ ବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ଏହି ୨୮୩ ବିଲିୟନ ଡଲାରର ଆଇଟି କ୍ଷେତ୍ରରେ ପ୍ରାୟ ୫ ଲକ୍ଷ ଲୋକେ ଚାକିରି ହରାଇବେ।

- ଟିସିଏସ୍ ୧୨ ହଜାର ଛଟେଇ ବିନାଶର ଆରମ୍ଭ ମାତ୍ର
- ୪-୧୨ ବର୍ଷ ଅଭିଜ୍ଞତା ଥିବା ୭୦% କର୍ମଚାରୀ ବିଦା ହେବେ

ଏହି କ୍ଷେତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ୫୬ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଥିଲା ଏବଂ ଦେଶର ଅର୍ଥନୀତିରେ ୭% ରୁ ଅଧିକ ଅବଦାନ ରଖୁଛି। କେବଳ ପ୍ରତ୍ୟକ୍ଷ ନିଯୁକ୍ତି ନୁହେଁ, ବରଂ ଏହା ସହିତ ଜଡିତ ଅନେକ ଚାକିରି ଏବଂ ଜୀବିକା ମଧ୍ୟ ଚାଲିଛି, ଯାହା ଭାରତକୁ ବିଶ୍ୱର ୫ମ ବୃହତ ଅର୍ଥନୀତି କରିଥାଏ। ଏ ପର୍ଯ୍ୟନ୍ତ ଏହି କ୍ଷେତ୍ର ଭାରତର ଅଧିକାଂଶ ଇଞ୍ଜିନିୟରଙ୍କୁ କାମ ଦେଇଛି, କିନ୍ତୁ ଏଆଇ ଯୋଗୁଁ କାମ କରିବାର ଶୈଳୀ ପରିବର୍ତ୍ତନ ହେଉଛି। ନୂତନ ପ୍ରଯୁକ୍ତିବିଦ୍ୟା



ଯୋଗୁଁ, ଏବେ ଏପରି ଦକ୍ଷତା ଆବଶ୍ୟକ ହେବ ଯାହା ଅନେକ କର୍ମଚାରୀଙ୍କ ପାଖରେ ନାହିଁ। ଅନେକ ଶିଳ୍ପ ବିଶେଷଜ୍ଞ ଏବଂ ବିଶ୍ଳେଷକ ଏହା ଉଲ୍ଲେଖ କରୁଛନ୍ତି। ସିଲିକନ ଭ୍ୟାଲି-ଭିତ୍ତିକ କନଷ୍ଟେଲେସନ୍ ରିସର୍ଚ୍ଚର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ରେ ୱାଙ୍ଗ କହିଛନ୍ତି, ଆମେ ଏକ ମହା ପରିବର୍ତ୍ତନର ସମୟ ଦେଇ ଗତି କରୁଛୁ, ଯାହା ଉପର ପାହ୍ୟାର ନିଯୁକ୍ତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବ। ଅନେକ ବିଶେଷଜ୍ଞ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଆଗାମୀ ସମୟରେ ଆହୁରି ଅଧିକ ଛଟେଇ ହୋଇପାରେ। ସବୁଠାରୁ ଅଧିକ ବିପଦରେ ଥିବା କର୍ମଚାରୀମାନେ ହେଉଛନ୍ତି ଯେଉଁମାନେ କେବଳ ବୈଷୟିକ ଜ୍ଞାନ ବିନା ଲୋକଙ୍କୁ ପରିଚାଳନା କରନ୍ତି, ଯେଉଁମାନେ ସଫ୍ଟୱେର୍ କ୍ଲାଏଣ୍ଟମାନଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ପରୀକ୍ଷା କରନ୍ତି, ବଗ୍ ଚିହ୍ନଟ କରନ୍ତି ଏବଂ ବ୍ୟବହାରକାରୀ-ଅନୁକୂଳତା ସୁନିଶ୍ଚିତ କରନ୍ତି, ଏବଂ ଭିତ୍ତିଭୂମି ପରିଚାଳନା କର୍ମଚାରୀ ଯେଉଁମାନେ ମୌଳିକ ବୈଷୟିକ ସହାୟତା ପ୍ରଦାନ କରନ୍ତି ଏବଂ ନେଟୱାର୍କ ଏବଂ ସର୍ଭରଗୁଡ଼ିକୁ ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରନ୍ତି।

ଟେକ୍ ମାର୍କେଟ୍ ଇଣ୍ଟେଲିଜେନ୍ସ କମ୍ପାନୀ ଅଡ୍ ଏର୍ଥ ଇନ୍‌ସାଇଟ୍‌ର ପ୍ରତିଷ୍ଠାତା ଗୌରବ ଭାସୁ କହିଛନ୍ତି, ପରବର୍ତ୍ତୀ ଦୁଇ-ତିନି ବର୍ଷ ମଧ୍ୟରେ, ପ୍ରାୟ ୪ଲକ୍ଷରୁ ୫ ଲକ୍ଷ ବୃତ୍ତିଗତଙ୍କ ଚାକିରି ବିପଦରେ ଅଛି କାରଣ ସେମାନଙ୍କର ଦକ୍ଷତା ଗ୍ରାହକଙ୍କ ଚାହିଦା ସହିତ ସଙ୍ଗତ ନୁହେଁ। ସେ କହିଛନ୍ତି ଯେ ଏହି ଛଟେଇର ପ୍ରାୟ ୭୦% ଏପରି କର୍ମଚାରୀଙ୍କ ହେବ ଯେଉଁମାନଙ୍କର ୪ ରୁ ୧୨ବର୍ଷର ଅଭିଜ୍ଞତା ରହିଛି। ଟିସିଏସ୍‌ର ଛଟେଇରୁ ସୃଷ୍ଟି ହୋଇଥିବା ଏହି ଚିନ୍ତା ପର୍ଯ୍ୟଟନ, ଲଗ୍‌ଜ୍ୟୁରୀ ସଫି ଏବଂ ରିଅଲ୍ ଇଷ୍ଟେଟ୍ ଭଳି ଦୀର୍ଘକାଳୀନ ନିବେଶକୁ ମଧ୍ୟ ପ୍ରଭାବିତ କରିପାରେ। ଷ୍ଟାଫିଂ ଫାର୍ମ ଏକ୍ସଫେନୋ ଅନୁଯାୟୀ, ଟିସିଏସ୍, ଇନଫୋସିସ୍, ଏଚ୍‌ସିଏଲଟେକ୍, ଟେକ୍ ମହିନ୍ଦ୍ରା, ୱିପ୍ରୋ ଏବଂ କଗ୍ନିଜାଣ୍ଟ ଭଳି ବଡ଼ କମ୍ପାନୀଗୁଡ଼ିକରେ ୪ ଲକ୍ଷରୁ ଅଧିକ କର୍ମଚାରୀ ଅଛନ୍ତି, ଯେଉଁମାନଙ୍କର ୧୩-୨୫ ବର୍ଷର ଅଭିଜ୍ଞତା ରହିଛି। ଏହି ଲୋକମାନେ କମ୍ପାନୀଗୁଡ଼ିକର ମଧ୍ୟମ ସ୍ତରରେ କାମ କରନ୍ତି। ଏହି କମ୍ପାନୀଗୁଡ଼ିକ ଏ ପର୍ଯ୍ୟନ୍ତ ଏହି ସମ୍ପର୍କରେ କୌଣସି ଉତ୍ତର ଦେଇନାହାଁନ୍ତି। କିନ୍ତୁ ବିଶେଷଜ୍ଞମାନେ କହିଛନ୍ତି ଯେ ବର୍ତ୍ତମାନ କମ୍ପାନୀଗୁଡ଼ିକୁ କମ୍ କର୍ମଚାରୀ ସହିତ ଅଧିକ କାମ କରିବାକୁ ପଡିବ। ଏଆଇ ବ୍ୟବହାର ସହିତ କାମ କରିବାର ଉପାୟ ପରିବର୍ତ୍ତନ ହେଉଛି, ତେଣୁ କମ୍ପାନୀଗୁଡ଼ିକ କମ୍ ଲୋକଙ୍କ ସହିତ ଅଧିକ କାମ କରିବାକୁ ଚାହାଁନ୍ତି।

ପ୍ରମୁଖ ଶିଳ୍ପ ସଂଘ ନାସ୍‌କମ୍ କହିଛି ଯେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଏବେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ଏକ ପର୍ଯ୍ୟାୟ ଦେଇ ଗତି କରୁଛି। ଏଆଇ ଏବଂ ସ୍ୱଅଟୋମେସନ୍ ଏବେ କମ୍ପାନୀଗୁଡ଼ିକର କାର୍ଯ୍ୟକାରିତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପଡୁଛି। ଟେକ୍ ମହିନ୍ଦ୍ରାର ପୂର୍ବତନ ସିଇଓ ସିପି ଗୁରନାନୀ କହିଛନ୍ତି ଯେ ପୂର୍ବରୁ ଯେତେବେଳେ ପ୍ରଯୁକ୍ତିବିଦ୍ୟାରେ ପରିବର୍ତ୍ତନ ଆସିଥିଲା, ଏହାର ପ୍ରଭାବ କମ୍ପାନୀ ସ୍ତରରେ ଦୃଶ୍ୟମାନ ହେଉଥିଲା। କିନ୍ତୁ ଏଥର, ଏଆଇ ଯୋଗୁଁ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜକୁ ପୁନର୍ବିନ୍ୟାସ କରିବାକୁ ପଡିବ ଏବଂ ନୂତନ କୌଶଳ ଶିଖିବାକୁ ପଡିବ।

**ଟ୍ରମ୍ପ୍ ଶୁଳ୍କର ପ୍ରଭାବ**

# ଆମେରିକା ମହଙ୍ଗା ବଜାର




ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ବିଭିନ୍ନ ଦେଶ ଉପରେ ଆମଦାନୀ ଶୁଳ୍କ ଲଗାଇ ତାଙ୍କ ପିଠି ଚାପୁଡ଼ା ଦେଉଛନ୍ତି। ଟ୍ରମ୍ପ୍‌ଙ୍କ କହିବାନୁଯାୟୀ ଏହି ଶୁଳ୍କ ଆମେରିକା ପାଇଁ କୋଟି କୋଟି ଡଲାର ଆଣିଦେବ। ହେଲେ ବାସ୍ତବତା ଭିନ୍ନ ତଥାପି। ଟ୍ରମ୍ପ୍‌ଙ୍କ ଶୁଳ୍କର ପ୍ରଭାବ ଏବେ ଖୋଦ୍ ଆମେରିକା ଉପରେ ପଡିବାରେ ଲାଗିଛି। ଏହାର ପ୍ରଭାବ ଏବେ ସାଧାରଣ ଆମେରିକୀୟ ଲୋକଙ୍କୁ ସହିବାକୁ ପଡୁଛି। ପ୍ରକୃତରେ, ଟ୍ରମ୍ପ୍‌ଙ୍କ ଶୁଳ୍କ ଯୋଗୁଁ ଆମେରିକାରେ ନିତ୍ୟ ଆବଶ୍ୟକୀୟ ସାମଗ୍ରୀ ଏବଂ ପୋଷାକ ଇତ୍ୟାଦିର ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି।

ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ମର୍ସିଡିଜ୍ ଚାଣ୍ଡଲର୍ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ, ସେ କହିଛନ୍ତି ଯେ ଆମେରିକାରେ ଶୁଳ୍କର ପ୍ରଭାବ ଦେଖାଯିବା ଆରମ୍ଭ ହୋଇଛି। ଏଥିଯୋଗୁ ଡାଲି ଭଳି ଅତ୍ୟାବଶ୍ୟକ ସାମଗ୍ରୀଠାରୁ ପୋଷାକପତ୍ର ଯାଏ ସବୁର ଦର ବୃଦ୍ଧି ପାଇଛି। ଭିଡିଓରେ, ଦେଖାଯାଉଛି ଯେ ଚାଣ୍ଡଲର୍ ଏକ ପୋଷାକ ଶୋ' ରୁମ୍‌ରେ ଅଛନ୍ତି ଏବଂ ସେ ପୋଷାକର ମୂଲ୍ୟ ଟ୍ୟାଗ୍ ଦେଖାଉଛନ୍ତି। ଚାଣ୍ଡଲର୍ କହିଛନ୍ତି ଯେ ଯେଉଁ ପୋଷାକ ପୂର୍ବରୁ ୧୦ ଡଲାରରେ ଉପଲବ୍ଧ ଥିଲା, ଏବେ ଆମେରିକୀୟ




ଡାଲିଠାରୁ ପୋଷାକପତ୍ର ସବୁର ଦର ବଢ଼ିଲା

ଲୋକଙ୍କୁ ସେଗୁଡ଼ିକ ପାଇଁ ୧୨-୧୩ ଡଲାର ଦେବାକୁ ପଡିବ। ଚାଣ୍ଡଲର୍ ଏହା ମଧ୍ୟ ଦେଖାଇଛନ୍ତି ଯେ, ଅନେକ ପୋଷାକରେ ନୂଆ ମୂଲ୍ୟ ଟ୍ୟାଗ୍ ମଧ୍ୟ ରହିଛି। ସେହି ସମୟରେ, କିଛି ପୁରୁଣା ମୂଲ୍ୟ ଟ୍ୟାଗ୍‌କୁ କଭର କରାଯାଇଛି। ଚାଣ୍ଡଲର୍ ସେୟାର କରାଯାଇଥିବା ପୋଷ୍ଟରେ କହିଛନ୍ତି ଯେ ଯଦି ଲୋକମାନେ ତାଙ୍କ କଥାକୁ ବିଶ୍ୱାସ କରୁନାହାନ୍ତି, ତେବେ ସେମାନେ ସେମାନଙ୍କର ନିକଟତମ ୱାଲମାର୍ଟ କିମ୍ବା ଅନ୍ୟ ଷ୍ଟୋରକୁ ଯାଇ ନିଜେ ଏ ସମ୍ପର୍କରେ ଯାଞ୍ଚ କରିପାରିବେ। ଏହି ଭିଡିଓ ଉପରେ ଅନେକ ବ୍ୟବହାରକାରୀ ମତ ଦେଇଛନ୍ତି। ଜଣେ ବ୍ୟବହାରକାରୀ ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ ଲେଖିଛନ୍ତି, ବାଣିଜ୍ୟ ଶୁଳ୍କ ଲାଗୁ କରିବା କ'ଣ ଠିକ୍। ଏହା ଯୋଗୁଁ ଆମେ ମହାନ ହୋଇଛୁ ନା ଆମେ ମହାନ ହେବାକୁ ଯାଉଛୁ ? ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି, ଆମେ ଶୁଳ୍କରୁ କୋଟି କୋଟି ଡଲାର ପାଇବୁ ଏବଂ ବଦଳରେ ଆମକୁ ଅତିରିକ୍ତ ଡଲାର ଦେବାକୁ ପଡିବ।

ଶୁଳ୍କ ହେଉଛି ଅନ୍ୟ ଦେଶରୁ କିଣାଯାଇଥିବା କିମ୍ବା ବିକ୍ରି ହେଉଥିବା ସାମଗ୍ରୀ ଉପରେ ଲାଗୁ ହୋଇଥିବା ଏକ ଶୁଳ୍କ। ଆମେ ଏହାକୁ ଆମଦାନୀ ଶୁଳ୍କ ଏବଂ ରପ୍ତାନି ଶୁଳ୍କ କହିପାରିବା। ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଯାହାର ଅର୍ଥ ହେଉଛି ଭାରତରୁ ଆମେରିକା ଯାଉଥିବା ସାମଗ୍ରୀ ସେଠାରେ ମହଙ୍ଗା ହେବ। ଏଥିଯୋଗୁଁ, ଆମେରିକାରେ ଭାରତୀୟ ସାମଗ୍ରୀ ମହଙ୍ଗା ହୋଇଯିବ, ତେଣୁ ଲୋକମାନେ ଅନ୍ୟ ଦେଶରୁ ଆସୁଥିବା ସାମଗ୍ରୀ କିଣିବେ। ଏହାର ପରିଣାମ ସ୍ୱରୂପ ଭାରତର ଆମେରିକାକୁ ରପ୍ତାନି ପ୍ରଭାବିତ ହେବ।

# ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ପ୍ରଥମ ଫ୍ଲେକ୍ସିକ୍ୟାପ ଇଣ୍ଡେକ୍ସ ଫଣ୍ଡ

ମୁମ୍ବଇ,୧୦।୮ (ଏଜେନ୍ସି): ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଏହାର ପ୍ରଥମ କମ୍ ମୂଲ୍ୟ ବିଶିଷ୍ଟ ଫ୍ଲେକ୍ସିକ୍ୟାପ ରଣକୌଶଳ ଭାବରେ ଡିଏସ୍‌ପି ନିଫ୍‌ଟି ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡ ପ୍ରଚଳନ କରିଛି। ଏହି ଫଣ୍ଡ ଆତ୍ମବିଶ୍ୱାସର ସହିତ ପରିବର୍ତ୍ତନଶୀଳ ଇକ୍ୱିଟି ମାର୍କେଟରେ ଆଗକୁ ବଢିବାରେ ସହାୟତା କରିବାକୁ ଡିଜାଇନ କରାଯାଇଛି। ବିଶେଷକରି ଗୁଣାତ୍ମକ ସ୍ମଲ୍ ଓ ମିଡକ୍ୟାପ୍‌ରେ ମୂଲ୍ୟାୟନ ଉଚ୍ଚ ଓ ଅପ୍ରତ୍ୟାଶିତ ରହୁଥିବା କାରଣରୁ ଡିଏସ୍‌ପି ନିବେଶକମାନଙ୍କୁ ଏସ୍‌ଆଇପି ପଥ ଅବଲମ୍ବନ କରିବାକୁ ସୁପାରିଶ କରୁଛି। ଏସ୍‌ଆଇପି ନିବେଶକମାନଙ୍କୁ ସମୟକ୍ରମେ ସେମାନଙ୍କର କ୍ରୟ ମୂଲ୍ୟ ହାରାହାରି ସ୍ଥିତରେ ରଖିବା, ଶୀର୍ଷ ସ୍ତର ହାସଲ କରିବା ଆପଦ ହ୍ରାସ କରିବାରେ ସହାୟତା କରିବା ସହିତ ଏହି ଫଣ୍ଡ ପଛରେ ଥିବା ଦର୍ଶନ ଯଥା: ସମୁଦାୟ ଚକ୍ରରେ ଗୁଣାତ୍ମକ ବ୍ୟବସାୟ ସଂସ୍ଥାଗୁଡିକରେ ଶୃଙ୍ଖଳିତ ଏବଂ ଦୀର୍ଘସୂତ୍ରୀ ନିବେଶ କରିବା ସହିତ ଏହାର ଉଦ୍ଦେଶ୍ୟ ମେଳ ଖାଉଛି। ନୂତନ ଫଣ୍ଡ ଉଚ୍ଚ ମାନର ଷ୍ଟକଗୁଡିକ ଚିହ୍ନଟ କରିବା, ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ୍‌ଗୁଡିକରେ ଶୀର୍ଷସ୍ତରର ପାଣ୍ଠି ଆବଣ୍ଟନକୁ ସ୍ୱୟଂଚାଳିତ କରିବା ଏବଂ ଏସବୁ ନିମ୍ନ ଖର୍ଚ୍ଚରେ ସମ୍ପାଦନ କରିବା ଆଦି ଇକ୍ୱିଟି ନିବେଶକମାନେ ସମ୍ମୁଖୀନ ହେଉଥିବା ଚାଲେଞ୍ଜଗୁଡିକ ପ୍ରତି ଦୃଷ୍ଟିଦେଉଛି।

# ଟ୍ରମ୍ପ୍ ଶୁଳ୍କ ପରେ ଶିଖର ଛୁଇଁଲା ସୁନା ଦର

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ର ଭାରି ଶୁଳ୍କ ଲାଗୁ କରିବା ପରେ ଘରୋଇ ବଜାରରେ ସୁନା ମୂଲ୍ୟ ଏକ ନୂତନ ଶିଖର ଛୁଇଁଛି। ଶୁଳ୍କ ଲାଗୁର ତତ୍‌କ୍ଷଣାତ୍ ପ୍ରଭାବ ସ୍ୱରୂପ ଶୁକ୍ରବାର ପରି ରବିବାର ମଧ୍ୟ ଘରୋଇ ବଜାରରେ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଯାହାଫଳରେ ସୁନା ମୂଲ୍ୟ ଆଜି ବି ଶୀର୍ଷ ସ୍ତରରେ ପହଞ୍ଚିଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ରାଜଧାନୀ ନୂଆଦିଲ୍ଲୀରେ ବଜାରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୦୩,୦୪୦ ଟଙ୍କାରେ ପହଞ୍ଚିଛି। ଏହାବାଦ୍ ମାତ୍ର ସପ୍ତାହକ ମଧ୍ୟରେ ବଜାରରେ ସୁନା ୨୬୮୯ ଟଙ୍କା ମହଙ୍ଗା ହୋଇଛି। ଅନ୍ୟପକ୍ଷରେ, ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୧୭,୦୦୦ ଟଙ୍କା ସ୍ତରରେ କାରବାର ହେଉଛି। ଏହି ସମୟରେ ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ନୂଆଦିଲ୍ଲୀ ବଜାର ସହ ସମାନ ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୯୪,୪୫୦ ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୨୦,୦୦୦ ଟଙ୍କା ହୋଇଛି।

**ସପ୍ତାହକରେ ସୁନା ୨୬୮୯ ଟଙ୍କା ମହଙ୍ଗା**

**୧୦ ଗ୍ରାମ ମୂଲ୍ୟ ୧.୦୩ ଲକ୍ଷ ଟପିଲା**



ଅଗଷ୍ଟ ୮ ରେ ଭାରତରେ ସୁନା ମୂଲ୍ୟ ଇତିହାସ ସୃଷ୍ଟି କରିଥିଲା। ଅପରପକ୍ଷେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ) ରେ ଅକ୍ଟୋବର ମାସ ପାଇଁ ଫ୍ୟୁଚର୍ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧,୦୨,୨୫୦ ଟଙ୍କାରେ ରେ ପହଞ୍ଚିଥିଲା। ଏହା ଏ ପର୍ଯ୍ୟନ୍ତର ସର୍ବୋଚ୍ଚ ସ୍ତର। ସେହି ସମୟରେ, ଅନ୍ତର୍ଜାତୀୟ ବଜାରରେ ମଧ୍ୟ ସୁନା ଚମକୁଛି। କୋମେକ୍ସରେ ଡିସେମ୍ବର ଫ୍ୟୁଚର୍ ବଜାର ପାଇଁ ଆଉନ୍ସ ପ୍ରତି ଏହା ୩,୫୩୪ ଡଲାରରେ ପହଞ୍ଚିଛି, ଯାହା ଏପ୍ରିଲରେ ହୋଇଥିବା ୩,୫୪୪ ଡଲାର ରେକର୍ଡର ବହୁତ ନିକଟତର। ଆମେରିକା ବଜାରରେ ସ୍ପଟ୍ ମୂଲ୍ୟ ଦୁଇ ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି।

ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଏବଂ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ଜନିତ ଉତ୍ତେଜନା ଏବଂ ଅକ୍ଟୋବରରେ ଆମେରିକୀୟ ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିବା ସୁନା ମୂଲ୍ୟ ବୃଦ୍ଧିର ପ୍ରମୁଖ କାରଣ।

ସୁନା ମୂଲ୍ୟ ବୃଦ୍ଧିର ଆଉ ଏକ ବଡ଼ କାରଣ ହେଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନିଷ୍ପତ୍ତି। ଆମେରିକା ୧ କିଲୋଗ୍ରାମ ଏବଂ ୧୦୦ ଆଉନ୍ସ ସୁନା ବାର୍ ଆମଦାନୀ ଉପରେ ଟାରିଫ୍ ଲଗାଇଛି, ଯାହା ମୂଲ୍ୟ ବଢ଼ାଉଛି। ତେବେ ଏହା ବିଶ୍ୱର ସର୍ବବୃହତ ସୁନା ବିଶୋଧନ କେନ୍ଦ୍ର ସ୍ୱିଜରଲ୍ୟାଣ୍ଡ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇଛି। ଟ୍ରମ୍ପ ପ୍ରଶାସନ ସ୍ୱିଜରଲ୍ୟାଣ୍ଡରୁ ଆସୁଥିବା ସୁନା ଉପରେ ୩୯% ଶୁଳ୍କ ଲାଗୁ କରିଛି। ଯେହେତୁ କୋମେକ୍ସରେ ୧ କିଲୋଗ୍ରାମ ବାର୍ ସର୍ବାଧିକ କାରବାର ହୁଏ, ଏହି ନିଷ୍ପତ୍ତି ସିଧାସଳଖ ମୂଲ୍ୟକୁ ପ୍ରଭାବିତ କରୁଛି। ଏହାବ୍ୟତୀତ, ବଜାର ମଧ୍ୟ ଆଶା କରୁଛି ଯେ ସେପ୍ଟେମ୍ବରରେ ଆମେରିକାର ସୁଧ ହାର ୦.୨୫% ହ୍ରାସ ହୋଇପାରେ। ଚୀନ୍ ଦ୍ୱାରା ନିରନ୍ତର ସୁନା କ୍ରୟ ମଧ୍ୟ ମୂଲ୍ୟ ବୃଦ୍ଧିକୁ ସମର୍ଥନ ଦେଉଛି। ଜୁଲାଇରେ, ଚୀନ୍ ଲଗାତାର ୯ମ ମାସ ପାଇଁ ସୁନା କିଣିଛି।

ଏଠାରେ ସୂଚନାଯୋଗ୍ୟ ଯେ, ଆମେରିକା ପ୍ରତିବର୍ଷ ୨୨୦-୨୫୦ ଟନ୍ ସୁନା ଆମଦାନୀ କରିଥାଏ। ଏହା ମଧ୍ୟରୁ ୬୦-୭୦% ସ୍ୱିଜରଲ୍ୟାଣ୍ଡରୁ ଆସିଥାଏ। ପୂର୍ବରୁ, ଏହି ସୁନା ଲଣ୍ଡନରୁ ସ୍ୱିଜରଲ୍ୟାଣ୍ଡ ଯାଉଥିଲା, ସେଠାରେ ବାର୍‌ରେ ରୂପାନ୍ତରିତ ହେଉଥିଲା ଏବଂ ତାପରେ ଆମେରିକାକୁ ପଠାଯାଉଥିଲା। ଏବେ, ଶୁଳ୍କ ଯୋଗୁଁ ଏଲ୍‌ଏମ୍‌ଇ ସୁନା ସିଧାସଳଖ ଆମେରିକାକୁ ପଠାଯିବାର ସମ୍ଭାବନା ରହିଛି। ଏମ୍‌ବିଏମ୍‌ଏର ଆମେରିକାରେ ଦୁଇଟି ରିଫାଇନାରୀ ମଧ୍ୟ ରହିଛି। ଏକ ଆକଳନ ଅନୁଯାୟୀ, ଯଦି ବର୍ତ୍ତମାନର ପରିସ୍ଥିତି ଜାରି ରୁହେ ତେବେ ବର୍ଷ ଶେଷ ସୁଦ୍ଧା ସୁନା ମୂଲ୍ୟ ଆଉନ୍ସ ପିଛା ୩୬୦୦ ଡଲାରରୁ ୩୮୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ।

# ଜିନ୍ଦଲ ଫାଉଣ୍ଡେସନକୁ ଫିକି ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ- ୨୦୨୫

ଭୁବନେଶ୍ୱର, ୧୦।୮ (ସମିସ): କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ଭାରତୀୟ ଶିଳ୍ପ ଓ ବାଣିଜ୍ୟ ମହାସଂଘ (ଫିକି) ପକ୍ଷରୁ ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ- ୨୦୨୫ ପ୍ରଦାନ କରାଯାଇଛି। ଫିକି ଆଦିତ୍ୟ ବିର୍ଲା ସିଏସଆର ସେଣ୍ଟର ଅଫ୍ ଏକ୍ସଲେନ୍ସର ଅଧ୍ୟକ୍ଷା ପଦ୍ମ ଭୂଷଣ ରାଜଶ୍ରୀ ବିର୍ଲା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ତୃଣମୂଳସ୍ତରରେ କ୍ରୀଡ଼ାର ଉନ୍ନତି ପାଇଁ ବିଶେଷ କରି ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଜିନ୍ଦଲ ଫାଉଣ୍ଡେସନର ଅଦମ୍ୟ ପ୍ରତିବଦ୍ଧତାକୁ ଏହି ସମ୍ମାନ ସ୍ୱୀକୃତି ପ୍ରଦାନ କରୁଛି। ଜିନ୍ଦଲ ଫାଉଣ୍ଡେସନ ଯୁବ ପ୍ରତିଭାଙ୍କ ଅନ୍ୱେଷଣ ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା, ଭିତ୍ତିଭୂମିର ବିକାଶ କରିବା ଏବଂ ସର୍ବୋପରି ସ୍ଥାନୀୟ ପ୍ରତିଭାମାନଙ୍କ ପାଇଁ ଜାତୀୟ ଓ



ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାରେ ସହାୟତା କରିଆସୁଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, ଫିକି ପକ୍ଷରୁ ଏହି ପୁରସ୍କାର ପାଇ ଆମେ ଅତି ଗୌରବାନ୍ୱିତ ଅନୁଭବ କରୁଛୁ। ଆମେ ବିଶ୍ୱାସ କରୁ ଯେ ଚରିତ୍ର ଗଠନ, ଶୃଙ୍ଖଳା ସହ ନେତୃତ୍ୱ ନେବାର କୌଶଳ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣିବାର କ୍ଷମତା କ୍ରୀଡ଼ାରେ ରହିଛି। ଏହି ସ୍ୱୀକୃତି ସାମଗ୍ରିକ ଭାବେ କ୍ରୀଡ଼ା ସଂସ୍କୃତିର ପ୍ରସାର ପାଇଁ ଆମର ଭବିଷ୍ୟତ ଉଦ୍ୟମକୁ ଆହୁରି ମଜଭୁତ କରିବ। ପ୍ରେସିଡେଣ୍ଟ ଜିନ୍ଦଲ ଷ୍ଟିଲ, ଗ୍ରୁପ ମୁଖ୍ୟ - ସିଏସଆର ଏବଂ ଏଜୁକେସନ୍, ପ୍ରଶାନ୍ତ ହୋତା କହିଛନ୍ତି, ଏହି ପୁରସ୍କାର ଆମ ତୃଣମୂଳ ସହଯୋଗୀ, ପ୍ରଶିକ୍ଷକ ଏବଂ ହଜାର ହଜାର ଯୁବ କ୍ରୀଡ଼ାବିତଙ୍କ ପାଇଁ ସମର୍ପିତ; ଯେଉଁମାନଙ୍କ ଦୃଢ଼ସଙ୍କଳ୍ପର କାହାଣୀ ଆମକୁ ଆମ ଲକ୍ଷ୍ୟ ହାସଲ କରିବାରେ ସବୁଦିନ ପ୍ରେରଣା ଦିଏ।

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍; କଳିଙ୍ଗରେ ବିଶ୍ୱ ଆଥଲେଟଙ୍କ ମେଳା

# ଓଡ଼ିଶାର ଟେକ ରଖିଲେ ପ୍ରଜ୍ଞା ଓ ଅନିମେଶ


ଭୁବନେଶ୍ୱର, ୧୦।୮ (ସମିସ)

ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ରବିବାର ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଆଥଲେଟିକ୍ସର ଏହି ଦୌଡ଼କୁଦ ଇଭେଣ୍ଟ ପ୍ରଥମଥର ଲାଗି ଭାରତ ମାଟିରେ ଆୟୋଜିତ ହୋଇଥିଲା। ଏଭଳି ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ପୋଡିୟମର ପ୍ରଥମ ସ୍ଥାନରେ ରହି ରାଜ୍ୟର ଦୁଇ ଧାବକ ଅନିମେଶ କୁଜୁର ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ ବିଶ୍ୱ ଦରବାରରେ ଓଡ଼ିଶାର ଟେକ ରଖିଛନ୍ତି। ଅନିମେଶ ପୁରୁଷ ୨୦୦ ମିଟର ରେସରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ପ୍ରଜ୍ଞା ପ୍ରଶାନ୍ତି ମହିଳା ୧୦୦ ମିଟର ହର୍ଡଲ୍ସରେ ପୋଡିୟମର ଶୀର୍ଷରେ ରହି ଓଡ଼ିଶା ତଥା ଦେଶର ଗୌରବ ବଢ଼ାଇଛନ୍ତି।

ରବିବାର ରାତି ୭ଟାରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସମସ୍ତଙ୍କ ନଜର କିନ୍ତୁ ରହିଥିଲା ଘରୋଇ ତାରକା ଅନିମେଶ ଅଂଶଗ୍ରହଣ କରୁଥିବା ୨୦୦ ମିଟର ଉପରେ। ରାତି ୭ଟା ୩୦ରେ ଅନୁଷ୍ଠିତ ଏହି ଇଭେଣ୍ଟରେ ଅନିମେଶ ମଧ୍ୟ ଘରୋଇ ଦର୍ଶକଙ୍କୁ ନିରାଶ କରି ନ ଥିଲେ। ଜାତୀୟ ରେକର୍ଡଧାରୀ ରହିଥିବା ଓଡ଼ିଶାର ଏହି ଉଦୀୟମାନ ଧାବକ ରେସ୍‌ରେ ଗ୍ରେଟ ବ୍ରିଟେନ, କୋରିଆ, ଦକ୍ଷିଣ ଆଫ୍ରିକା ଭଳି ଦେଶର ଧାବକଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଥିଲେ। ସେ ୨୦.୭୭ ସେକେଣ୍ଡ ସମୟନେଇ ରେସ ଫିନିଶ କରିଥିଲେ। ଅନିମେଶଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୨୦.୩୨ ସେକେଣ୍ଡ ରହିଥିବାବେଳେ ଅବଶ୍ୟ ସେ ଏହାକୁ କଳିଙ୍ଗରେ ଦୋହରାଇ ପାରି ନଥିଲେ। ସେହିଭଳି ଟୋକିଓରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପ ଲାଗି ଯୋଗ୍ୟତା ଟାଇମିଂ ୨୦.୧୬ ସେକେଣ୍ଡ ରହିଥିବାବେଳେ ଅନିମେଶ ଏହାଠାରୁ ବେଶ ପଛରେ ରହିଯାଇଥିଲେ। ମହିଳା ୨୦୦ ମିଟରରେ ବେଙ୍ଗାଲୁରୁର ଆଞ୍ଜେଲ ସିଲଭିଆ ୨୩.୪୫ ସେକେଣ୍ଡ ସହ ପ୍ରଥମ ହୋଇଥିଲେ।

ଅପରପକ୍ଷରେ ମହିଳା ୧୦୦ ମିଟର ହର୍ଡଲ୍ସର ପ୍ରଥମ ୩ଟି ସ୍ଥାନରେ ରହି ଭାରତୀୟ ଧାବିକା କ୍ଲିନ୍ ସୁଇପ୍ କରିଥିଲେ। ଓଡ଼ିଶାର ପ୍ରଜ୍ଞାପ୍ରଶାନ୍ତି ୧୩.୭୪ ସେକେଣ୍ଡରେ ରେସ ଶେଷ କରି ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ନନ୍ଦିନୀ କୋଙ୍ଗାନ (୧୩.୮୦) ଓ କେରଳର ସି. ଅଞ୍ଜଳି (୧୪.୦୦) ରହିଥିଲେ। ଅନ୍ୟାନ୍ୟ ଇଭେଣ୍ଟରେ ଭାରତୀୟ ଆଥଲେଟଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା। ପୁରୁଷ ୪୦୦ ମିଟରରେ ଭାରତର ଟିକେ ବିଶାଲ (୪୫.୭୨ ସେକେଣ୍ଡ), ଅମୋଜ ଜ୍ୟାକବ (୪୫.୮୬) ଓ ସନ୍ତୋଷ କୁମାର (୪୬.୮୯) ପ୍ରଥମ ୩ଟି ସ୍ଥାନରେ ରହି ଏଥିରେ ମଧ୍ୟ କ୍ଲିନ ସୁଇପ କରିଥିଲେ। ଅପରପକ୍ଷରେ ମହିଳା ଜାଭେଲିନ ଥ୍ରୋ’ରେ ଅନୁରାଣୀ ବାଜିମାତ୍ କରିନେଇଛନ୍ତି। ଉତ୍ତର ପ୍ରଦେଶର ଅନୁରାଣୀ ୬୨.୦୧ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଶ୍ରୀଲଙ୍କାର ହତାରାବାଗ ଲେକା (୫୬.୨୭ମି) ଓ ଭାରତର ଦୀପିକା (୫୪.୨୦) ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ। ସେହିଭଳି ପୁରୁଷ ଜାଭେଲିନରେ କିନ୍ତୁ ଶ୍ରୀଲଙ୍କା ପ୍ରଥମ ସ୍ଥାନ ବାଜିମାତ କରିଥିଲା। ରୁମେଶ ଥରଙ୍ଗା ୮୬.୫୦ ମିଟର ଫିଙ୍ଗି ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ୮୦.୭୩ ମିଟର ସହ ଭାରତର ଶିଭମ ଲୋହାକାରେ ୨ୟ ସ୍ଥାନ ଲାଭ କରିଥିଲେ। ଭାରତର ରୋହିତ ଓ ସଚିନ ଯାଦବ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଥିଲେ। ଓଡ଼ିଶାର କିଶୋର ଜେନା ଅସୁସ୍ଥ ହୋଇଥିବାରୁ ଏହି ଇଭେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ।




## ମହମ୍ମଦ ଓ ଅବିନାୟା ଦ୍ରୁତତମ ଧାବକ-ଧାବିକା

ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସବୁଠୁ ଆକର୍ଷଣୀୟ ଇଭେଣ୍ଟ ପୁରୁଷ ୧୦୦ ଓ ୨୦୦ ମିଟର ରହିଥିଲା। ଏଥିରେ ମାଲେସିଆର ମହମ୍ମଦ ଆଜିମ ଓ ଭାରତର ଅବିନାୟା ରାଜାରାଜନ ସବୁଠୁ ଦ୍ରୁତତମ ଧାବକ ଓ ଧାବିକା ରହିଥିଲେ। ପୁରୁଷ ୧୦୦ ମିଟରକୁ ଆଜିମ ୧୦.୩୫ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନରେ ରହିଥିଲେ। ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (୧୦.୫୪)ଙ୍କୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତେବେ ମହିଳା ୧୦୦ ମିଟରରେ ଭାରତ କ୍ଲିନ୍ ସୁଇପ କରିଥିଲା। ଅବିନାୟା ୧୧.୫୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସେହିଭଳି ଭାରତର ଅନ୍ୟ ଦୁଇ ଧାବିକା ସ୍ନେହା ଓ ନିତ୍ୟା ଗାନ୍ଧେ ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ। ମହିଳା ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଶ୍ରାବଣୀ ନନ୍ଦ ୫ମ ସ୍ଥାନରେ ରହି ପୁରସ୍କାରରୁ ବାଦ୍ ପଡ଼ିଥିଲେ।

## ପ୍ରଥମ ୪ ଜଣଙ୍କୁ ପୁରସ୍କାର

ଏହି ପ୍ରତିଯୋଗିତାରେ କୌଣସି ପଦକ ପ୍ରଦାନ କରାଯାଇ ନ ଥିଲା। ପୋଡିୟମର ପ୍ରଥମ ୪ଟି ସ୍ଥାନରେ ରହିଥିବା ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ଆଥଲେଟଙ୍କୁ ୮୦୦ ଡଲାର ଦିଆଯାଇଥିଲା। ସେହିଭଳି ୨ୟ, ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଆଥଲେଟ ଯଥାକ୍ରମେ ୪୦୦, ୩୦୦ ଓ ୨୦୦ ଡଲାର ପୁରସ୍କାର ପାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପ୍ରତିଯୋଗିତା ଶେଷରେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଦର୍ଶନ

| ପ୍ରତିଯୋଗୀ | ଇଭେଣ୍ଟ | ସ୍ଥାନ |
|---|---|---|
| ପ୍ରଜ୍ଞାପ୍ରଶାନ୍ତି ସାହୁ | ମହିଳା ୧୦୦ ମିଟର ହର୍ଡଲ୍ସ | ପ୍ରଥମ |
| ଅନିମେଶ କୁଜୁର | ପୁରୁଷ ୨୦୦ ମିଟର ଦୌଡ଼ | ପ୍ରଥମ |
| ଲାଲୁପ୍ରସାଦ ଭୋଇ | ପୁରୁଷ ୧୦୦ ମିଟର ଦୌଡ଼ | ଚତୁର୍ଥ |
| ଶ୍ରାବଣୀ ନନ୍ଦ | ମହିଳା ୧୦୦ ମିଟର ଦୌଡ଼ | ପଞ୍ଚମ |

## ୧୭ ଇଭେଣ୍ଟ; ୩୮ ଭାରତୀୟଙ୍କ ପୋଡିୟମ ଫିନିଶ

ଭୁବନେଶ୍ୱର, ୧୦।୮ (ସମିସ): କଳିଙ୍ଗରେ ଆୟୋଜିତ ହୋଇଥିବା ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍‌ରେ ମୋଟ୍ ୧୭ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଆଥଲେଟ୍‌ମାନେ ୩୮ଟି ପୋଡିୟମ ହାସଲ କରିଥିଲେ। ଅର୍ଥାତ ୩୮ ଜଣ ପୋଡିୟମରେ ପ୍ରଥମ, ୨ୟ କିମ୍ବା ୩ୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ୪୦୦ ମିଟର, ମହିଳା ଲଙ୍ଗ ଜମ୍ପ, ମହିଳା ୧୦୦ ମିଟର, ମହିଳା ୮୦୦ ମିଟର, ପୁରୁଷ ୮୦୦ ମିଟର, ମହିଳା ୧୦୦ ମିଟର ହର୍ଡଲ୍ସ, ପୁରୁଷ ଲଙ୍ଗ ଜମ୍ପ, ମହିଳା ୧୫୦୦ ମିଟର ଓ ମହିଳା ୨୦୦ ମିଟରରେ ଭାରତ ପୋଡିୟମର ୩ଟି ଯାକ ସ୍ଥାନରେ ରହି କ୍ଲିନସୁଇପ୍ କରିଥିଲା।

### ■ କଳିଙ୍ଗରେ ଯୋଡ଼ି ହେଲା ନୂଆ ଫର୍ଦ୍ଦ

ଏହି ବିଶ୍ୱସ୍ତରୀୟ ମେଗା ଇଭେଣ୍ଟ ଆୟୋଜନ କରି କଳିଙ୍ଗ ଷ୍ଟାଡିୟମ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ପୂର୍ବରୁ ଏହି ଆଇକନିକ ଷ୍ଟାଡିୟମରେ ଦୁଇଥର ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ (୨୦୧୮ ଓ ୨୦୨୩), ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ (୨୦୧୭), ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ (୨୦୨୨) ଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ସଫଳତାର ସହ ହୋଇଥିଲା।

### ■ ରୁମେଶଙ୍କୁ ଟୋକିଓ ଟିକେଟ୍

ଏହି ପ୍ରତିଯୋଗିତାରେ ବିଶ୍ୱର ୧୫୪ଜଣ ଆଥ୍‌ଲେଟ୍ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଏକମାତ୍ର ପ୍ରତିଯୋଗୀ ଭାବେ ଶ୍ରୀଲଙ୍କାର ରୁମେଶ ଥରଙ୍ଗା ପୁରୁଷ ଜାଭେଲିନରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ରୁମେଶ ୮୬.୫୦ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସେପ୍ଟେମ୍ବରରେ ଟୋକିଓରେ ବିଶ୍ୱ ଆଥଲେଟିକ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ପୁରୁଷ ଜାଭେଲିନରେ କ୍ୱାଲିଫାଇଂ ମାର୍କ ୮୫. ୫୦ ମିଟର ରହିଥିଲା। ସେ ଭାରତର ସଚିନ ଯାଦବ, ରୋହିତ ଯାଦବଙ୍କ ଭଳି ତାରକା ଜାଭେଲିନ ଫିଙ୍ଗାଳୀଙ୍କୁ ପଛରେ ପକାଇ ବାଜିମାତ୍ କରିନେଇଥିଲେ।




ୱାର୍ଲ୍ଡ ଆଥଲେଟିକ୍ସର ଉପସଭାପତି ଆଦିଲ ସୁମରିୱାଲଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

# ସତ୍ୟମ୍ ଜିତିଲେ ରାଜ୍ୟ ସ୍କୁଲ ଓପନ୍ ଚେସ୍

ଭୁବନେଶ୍ୱର,୧୦।୮ (ସମିସ): କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ଡୁମୁଡୁମାସ୍ଥିତ ଗାଇଡାନ୍ସ ଇଂଲିଶ ମିଡିୟମ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ରାଜ୍ୟ ସ୍କୁଲ ଚେସ ଚାମ୍ପିଅନ ହୋଇଛନ୍ତି। ସେ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇଥିଲେ। ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ରନର୍ସ ଅପ୍, ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲର ଆଦିତ୍ୟ ଶଙ୍କର ବେହେରା ତୃତୀୟ, ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଚତୁର୍ଥ ଓ ଜଟଣୀ ଆଇଆଇଟି କେନ୍ଦ୍ରୀୟ ବିଦ୍ୟାଳୟର ଭବଦୀପ ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଗାଇଡାନ୍ସ ସ୍କୁଲ ପରିସରରେ ଏହା ଆୟୋଜିତ ହୋଇଥିଲା। ଖେଳ ଶେଷରେ ସ୍କୁଲର ପ୍ରିନ୍ସିପାଲ ସୁହାସିନୀ ପଟ୍ଟନାୟକ ଓ ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।




୨୦ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆ କପ୍

# ୨୦ ବର୍ଷ ପରେ ଭାରତକୁ ଯୋଗ୍ୟତା

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଦୀର୍ଘ ୨୦ ବର୍ଷ ପରେ ଭାରତୀୟ ମହିଳା ଦଳ ୨୦ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆନ୍ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ରବିବାର ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଭାରତ ୧-୦ ଗୋଲରେ ମିଆଁମାରକୁ ପରାସ୍ତ କରି ଏସିଆନ୍ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ୟାଙ୍ଗୁନ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ଭାରତ ପକ୍ଷରୁ ପୂଜା ଏକମାତ୍ର ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଘରୋଇ ମାଟିରେ ଖେଳୁଥିବା ଓ ଦର୍ଶକଙ୍କ ସମର୍ଥନ ସତ୍ତ୍ୱେ ଭାରତ ଏହି ମ୍ୟାଚ୍‌କୁ ଲଢ଼େଇ କରି ଜିତିନେଇଥିଲା। ଭାରତୀୟ ମହିଳା ଦଳର ଏହି ସଫଳତା ବଳରେ ମହିଳା ଫୁଟବଲରେ ଏକ ବିରାଟ ପରିବର୍ତ୍ତନ ହେବ।



ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

# ବାଳକରେ ବରଗଡ଼ର ବିକାଶ ସ୍କୁଲ୍ ଶ୍ରେଷ୍ଠ




ଭୁବନେଶ୍ୱର,୧୦।୮ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ କିଟ୍ ଆଥଲେଟିକ୍ ଷ୍ଟାଡିୟମ୍‌ରେ ଅଗଷ୍ଟ ୭ରୁ ଚାଲିଥିବା ସିବିଏସ୍‌ଇ କ୍ଲଷ୍ଟର-୨ ଆଥଲେଟିକ୍ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ୧୧୫ଟିରୁ ଊର୍ଦ୍ଧ୍ୱ ସ୍କୁଲ୍‌ରୁ ୧୦୦୦ ପ୍ରତିଯୋଗୀ, କର୍ମକର୍ତ୍ତା, କୋଚ୍ ଓ ସପୋର୍ଟ ଷ୍ଟାଫ୍ ଯୋଗଦେଇଥିଲେ। କୋରବାସ୍ଥିତ ବାଲ୍‌କୋ ଡିପିଏସ୍‌ର ଅଶିତା ଯାଦବ ଶ୍ରେଷ୍ଠ ଆଥଲେଟ ବିବେଚିତ ହୋଇଛନ୍ତି। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଦୁଇଜଣଙ୍କୁ ବେଷ୍ଟ ସ୍ପ୍ରିଣ୍ଟର ଆଖ୍ୟା ମିଳିଛି। ସେମାନେ ହେଲେ ବାଳିକାରେ ତନିସା ପତି ଓ ବାଳକରେ ଆର୍ଶିକା ଦାସ। ଓଡ଼ିଶାର ଏକମାତ୍ର ସ୍କୁଲ୍ ଭାବେ ବରଗଡ଼ର ବିକାଶ ରେସିଡେନ୍ସିଆଲ ସ୍କୁଲ୍ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଓଭର୍‌ଅଲ୍ ଟାଇଟଲ ବିଜୟୀ ହୋଇଛି। ସେହିପରି ୧୯ ବର୍ଷରୁ କମ୍ ବୟସ ବାଳକ ବିଭାଗରେ ଛତିଶଗଡ଼ର ବିଦ୍ୟାଜ୍ୟୋତି ବିଦ୍ୟାଳୟ ଓ ବାଳିକାରେ ଡିପିଏସ୍ ବାଲକୋ ଓଭରଅଲ ଚାମ୍ପିଅନ ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ରାୟପୁରର ଏନ୍‌ଏଚ୍ ଗୋଏଲ ୱାର୍ଲ୍ଡ ସ୍କୁଲ୍ ଓ ବାଳିକା ବିଭାଗରେ ଡିପିଏସ୍ ବାଲ୍‌କୋ, ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବରଗଡର ବିକାଶ ରେସିଡେନ୍‌ସିଆଲ ସ୍କୁଲ ଓ ବାଳିକା ବିଭାଗରେ ଡିପିଏଲ୍ ଦୁର୍ଗ ଓଭରଅଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳ ଶେଷରେ ସିବିଏସ୍‌ଇ ପର୍ଯ୍ୟବେକ୍ଷକ ସୋନୁ କାମତ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରିନ୍ସିପାଲ ସଞ୍ଜୟ ସୁଆର ଓ ଅର୍ଜୁନ ପୁରସ୍କାର ବିଜେତା ଦୂତୀ ଚାନ୍ଦ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍

# ଐତିହାସିକ କାଂସ୍ୟ ପଦକ ଜିତିଲେ ରମେଶ

ଚେନ୍ନଇ,୧୦।୮ (ଏଜେନ୍ସି)

ଭାରତର ସର୍ଫର ରମେଶ ବୁଦ୍ଧିହାଲ ଏଠାରେ ଚାଲିଥିବା ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ମହାବଳିପୁରମରେ ରବିବାର ଅନୁଷ୍ଠିତ ଫାଇନାଲରେ ରମେଶ ତାରକା ଖଚିତ ପ୍ରତିଯୋଗୀଙ୍କୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିବା ସହ ଭାରତର ପ୍ରଥମ ପ୍ରତିଯୋଗୀଭାବେ ଏହି ସଫଳତା ହାସଲ କରିଛନ୍ତି। ବିରାଟ ଢେଉକୁ ସାମ୍ନା କରି ଏଠାରେ ପ୍ରଥମ ୩ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ନିଶ୍ଚିତପକ୍ଷେ ଜଣେ ଭାରତୀୟଙ୍କ ଲାଗି ଅନନ୍ୟ ସଫଳତା ବୋଲି କୁହାଯାଉଛି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୧୨.୬୦ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଣ୍ଡୋନେସିଆର ପାଜାର ଆରିୟାନା ୧୪.୫୭ ଓ ଦକ୍ଷିଣ କୋରିଆର କାନୋଆ ହିଜାଏ ୧୫.୧୭ ପଏଣ୍ଟ ହାସଲ କରି ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିନେଇଥିଲେ। ଏହି ସଫଳତା ଲାଗି ରମେଶଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି। ରମେଶଙ୍କ ପଦକ ବିଜୟ ସର୍ଫିଙ୍ଗ କ୍ରୀଡ଼ାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାର ପ୍ରଥମ ହିଟ୍ସରେ ରମେଶ ୬.୧୭ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ କୋରିଆର ଯୁବ ପ୍ରତିଯୋଗୀ ହିଜାଏ ପ୍ରଥମ ସ୍ଥାନରେ ଥିଲେ। ଯେତେ ଅଧିକ ରେସ୍ ହେଲା ରମେଶଙ୍କ ପଏଣ୍ଟ ସଂଖ୍ୟା କମିବାକୁ ଲାଗିଲା। ହିଜାଏ ଓ ଆରିୟାନା ପ୍ରଥମ ସ୍ଥାନ ଲାଗି ଲଢ଼ିବାକୁ ଲାଗିଲାବେଳେ ରମେଶ ତୃତୀୟ ସ୍ଥାନରେ ରହିଯାଇଥିଲେ। କିନ୍ତୁ ସେ ତାଙ୍କ ରେସ୍‌ରେ ସନ୍ତୁଳନ ରକ୍ଷା କରି ପଦକ ଜିତିବାରେ ସମର୍ଥ ହୋଇଥିଲେ। ଏସିଆନ୍ ସର୍ଫିଙ୍ଗ ଚାମ୍ପିଅନସିପ୍ ବ୍ୟକ୍ତିଗତ ଇଭେଣ୍ଟରେ ଏହା ଭାରତର ପ୍ରଥମ ପଦକ। ‘ଏହି ସଫଳତା ସମ୍ପର୍କରେ ମୁଁ କିଛି କହିପାରିବି ନାହିଁ। ଏହା ଆମ ସମସ୍ତଙ୍କ ଲାଗି ଗର୍ବର ସମୟ। ଏହି କ୍ରୀଡ଼ା ଲାଗି ଆମ ଲୋକମାନେ ଯେପରି ସମର୍ଥନ ଦେଇଛନ୍ତି, ସେଥିରେ ଆମେ ବେଶ ସଫଳତା ପାଇଛୁ। ଯାହା କିଛି ସଫଳତା ପାଇଛି, ତାହା ଆମ ଟିମ୍ ଓ ମୋ ଦେଶ ଲାଗି କରିଛି। ଦେଶ ଯେତିକି ଗର୍ବିତ ହୋଇଛି ସେଥିଲାଗି ମୁଁ ମଧ୍ୟ ଗର୍ବ ଅନୁଭବ କରୁଛି। ଆଗକୁ ଅଧିକ ସଫଳତା କିପରି ମିଳିବ ସେଥିଲାଗି ଚେଷ୍ଟା କରିବି ବୋଲି କହିଛନ୍ତି ବୁଦ୍ଧିଲାଲ।

ପୂର୍ବରୁ ଶନିବାର ଅନୁଷ୍ଠିତ ଏହି ଇଭେଣ୍ଟର ଫାଇନାଲ ପ୍ରବେଶ କରିବାରେ ସେ ପ୍ରଥମ ଖେଳାଳି ହୋଇଥିଲେ। କେରଳ କୋଭାଲାମ୍‌ରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ରମେଶ କୋଭାଲାମ ସର୍ଫିଙ୍ଗ କ୍ଲବ୍ ଓ ବେଲଜିୟମ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସେବାଷ୍ଟିଆନ୍ ଇଣ୍ଡିଆନ୍ ସୋସିଆଲ ପ୍ରୋଜେକ୍ଟରେ ରମେଶ ସର୍ଫିଙ୍ଗ ଅଭ୍ୟାସ କରିଥିଲେ। ଭାରତରେ ସର୍ଫିଙ୍ଗ ଲାଗି ବିଶେଷ ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି ବେସରକାରୀ ଓ ସରକାରୀ ସଂଗଠନ ସହାୟତା ଯୋଗାଇ ନ ଥାନ୍ତି। ଏଭଳି ସ୍ଥିତିରେ ସର୍ଫିଙ୍ଗ ଲାଗି ଆବଶ୍ୟକ ସର୍ଫବୋର୍ଡ, ୱେଟସୁଇଟ୍ସ ଓ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ଲାଗି ଆବଶ୍ୟକ ଅର୍ଥ ମିଳି ନ ଥାଏ। ଏହା ସତ୍ତ୍ୱେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି କ୍ରୀଡ଼ା ଭାରତରେ ତିଷ୍ଠି ରହିଛି।

ରମେଶ ପଦକ ଜିତିବା ପରେ ଭାରତୀୟଙ୍କ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ଜାପାନରେ ହେବାକୁ ଥିବା ପରବର୍ତ୍ତୀ ଏସିଆଡ୍‌ରେ ସର୍ଫିଙ୍ଗ କ୍ରୀଡ଼ା ଏକ ଇଭେଣ୍ଟ ଭାବେ ଖେଳାଯିବ। ଏଥିଲାଗି ଭାରତରୁ ୨ଟି କୋଟା ସଂରକ୍ଷିତ ରହିଛି। ଏସିଆଡ୍ ଗେମ୍ସ ଆରମ୍ଭ ହେଲାବେଳକୁ ଆହୁରି କିଛି ସ୍ଥାନ ଭାରତୀୟଙ୍କୁ ମିଳିବ। ଏଠାରେ କିନ୍ତୁ ରମେଶ ଇଣ୍ଡୋନେସିଆର ମେଗା ଆର୍ଟାନା, ଆରିଆନା, ଦକ୍ଷିଣ କୋରିଅରୀ କାନୋଆ ହିଜାଏଙ୍କ ବିପକ୍ଷରେ ପଦକ ଜିତିବା ଲାଗି ଜୋରଦାର ଲଢ଼େଇ କରିବାକୁ ହେବ। ସେ ପଦକ ଜିତନ୍ତୁ କି ନାହିଁ, ସର୍ଫିଙ୍ଗ ଇତିହାସରେ ଭାରତ ଯେ ଇତିହାସ ସୃଷ୍ଟି କରିବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।




PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS